ODIA DAILY EDITION
23.03.2025
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ମାର୍ଚ୍ଚ-୨୩, ୨୦୨୫
ବର୍ଷ-୩୬, ସଂଖ୍ୟା-୨୫୪
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ତୁଟିବ ମହାନଦୀ ଜଳ ବିବାଦ !

## • ଲୋକସଭା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମୋହନଙ୍କ ଆଲୋଚନା

## • ଉଭୟ ରାଜ୍ୟର ହିତ ଦୃଷ୍ଟିରୁ ଆପୋଷ ସମାଧାନ ପାଇଁ ସହମତ



**ଭୁବନେଶ୍ୱର, ୨୨।୩:** ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଷୟ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଦୁଇ ରାଜ୍ୟ ପରସ୍ପରର ପଡ଼ୋଶୀ ରାଜ୍ୟ ଏବଂ ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ମଧ୍ୟ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାର ତୁରନ୍ତ ସମାଧାନ ହେବା ଆବଶ୍ୟକ। ଓଡ଼ିଶା ଏବଂ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଅଛି । ଦୀର୍ଘଦିନ ଧରି ଲାଗି ରହିଥିବା ମହାନଦୀ ଜଳ ବଣ୍ଟନ ବିବାଦ ବିଷୟରେ ମୁଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରୁଥିଲି । ଆମର ଏକ ବହୁତ ସକାରାତ୍ମକ ଆଲୋଚନା ଏବଂ ଆମେ ବହୁତ ଆଶାବାଦୀ ଯେ ଏହା ପାରସ୍ପରିକ ସହଯୋଗ ମାଧ୍ୟମରେ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହା ଉପରେ ସକାରାତ୍ମକ ମତାମତ ପ୍ରକାଶ କରି କହିଥିଲେ ଯେ, ସେ ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ ଅଛନ୍ତି। ଆଲୋଚନା ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏକମତ ହୋଇଛନ୍ତି।

## ମହାପ୍ରଭୁଙ୍କ ମହାସ୍ନାନ

**ପୁରୀ, ୨୨।୩:** ଶ୍ରୀମନ୍ଦିର ଭିତରେ ପାଣିଆ ଆପଟ ଗରାରେ ମହାପ୍ରଭୁଙ୍କ ପାଇଁ ପାଣି ଆଣୁଥିବାବେଳେ ଗୋଡ ଖସିଯିବାରୁ ସେଠାରେ ସେ ପଡିଯାଇ ଆହତ ହୋଇଥିଲେ । ଆଘାତ ଯୋଗୁଁ ଚଟାଣରେ ରକ୍ତ ପଡିଥିଲା । ଗରାର ବନ୍ଧ ହାତରେ ପଶି ଯିବାରୁ ରକ୍ତ ପଡିବା ଯୋଗୁଁ ମହାପ୍ରଭୁଙ୍କୁ ବଡ ମହାସ୍ନାନ କରାଯାଇଥିଲା । ଏଥିପାଇଁ ନୀତିରେ ସାମାନ୍ୟ ବିଳମ୍ବ ଘଟିଥିଲା । ସେବକ କୃଷ୍ଣ ଚନ୍ଦ୍ର ଆପଟ ଆହତ ହୋଇଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଆପୋଲୋ ହସପିଟାଲକୁ ପଠାଯାଇ ଚିକିତ୍ସା ଚାଲୁ ରହିଛି । ସକାଳେ ଦ୍ୱାରଫିଟା ୫ଟା ୫୦, ଭିତରଶୋଧ ୬ଟା ୨୫, ମଙ୍ଗଳ ଆଳତି ୬ଟା ୩୦, ମଇଲମ ୬ଟା ୩୫, ତଡ଼ପ ଲାଗି ୭ଟା, ଅବକାଶ ପୂଜା ୭ଟା ୨୦, ଅବକାଶ ପୂଜା ୭ଟା ୩୦, ଅବକାଶ ଶେଷ ୭ଟା ୫୦ ରେ ସମ୍ପୂର୍ଣ୍ଣ ହୋଇଥିଲା । ପାଣିଆ ଆପଟ ସେବକ ପାଣି ନେବା ସମୟେ ପଡିଯିବାରୁ ବଡ଼ ମହାସ୍ନାନ ହୋଇଅଛି ।

## ୨୪ରୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି




**ଭୁବନେଶ୍ୱର/ନୟାଗଡ଼, ୨୨।୩:** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରିବେ। ତାଙ୍କର ଗସ୍ତକାଳରେ ସେ ଆସନ୍ତା ୨୪ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ ନୟାଗଡ଼ ଜିଲ୍ଲା କଣ୍ଟିଲୋରେ ପହଞ୍ଚିବେ। ଶ୍ରୀମତୀ ମୁର୍ମୁ ଭଗବାନ ନୀଳ ମାଧବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ନେବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନୟାଗଡ଼ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନା ଅନୁସାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୨୪ ତାରିଖ ଦିନ ନୂଆଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଛତିଶଗଡ଼ର

### ପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରିବେ

ରାଜଧାନୀ ରାୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ବାହାରି ଅପରାହ୍ନ ସାଢ଼େ ୧ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ।

## ବିନୋଦ ଶୁକ୍ଳା ପାଇବେ ଜ୍ଞାନପୀଠ ପୁରସ୍କାର



**ଭୁବନେଶ୍ୱର, ୨୨।୩:** ବିଶିଷ୍ଟ ହିନ୍ଦୀ ଲେଖକ ବିନୋଦ କୁମାର ଶୁକ୍ଳାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏହି ପୁରସ୍କାର ପାଇବାରେ ସେ ଛତିଶଗଡ଼ର ପ୍ରଥମ ଲେଖକ ହେବେ। ଏହି ଭାଷାର ଅନ୍ୟତମ ଶ୍ରେଷ୍ଠ ସମସାମୟିକ ଲେଖକ ଭାବେ ବିବେଚିତ ୮୮ ବର୍ଷୀୟ କ୍ଷୁଦ୍ରଗଳ୍ପ ଲେଖକ, କବି ଓ ପ୍ରବନ୍ଧକାର ହେଉଛନ୍ତି ଦ୍ୱାଦଶ ହିନ୍ଦୀ ଲେଖକ ଯିଏ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ସହିତ ନଗଦ ୧୧ ଲକ୍ଷ ଟଙ୍କା, ଦେବୀ ସରସ୍ୱତୀଙ୍କ ଏକ କାଂସ୍ୟ ମୂର୍ତ୍ତି ଏବଂ ଏକ ପ୍ରଶଂସାପତ୍ର ପ୍ରଦାନ କରାଯିବ। ବିଶିଷ୍ଟ କାହାଣୀକାର ତଥା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜ୍ଞାନପୀଠ ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିନୋଦ କୁମାର ଶୁକ୍ଳା ଛତିଶଗଡ଼ ରାଜ୍ୟର ପ୍ରଥମ ଲେଖକ ଭାବେ ଏହି ପୁରସ୍କାରରେ ସମ୍ମାନିତ ହେବେ।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବଦଳିବ ସିଲାବସ୍

### ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁ ହେବ

**ଭୁବନେଶ୍ୱର ୨୨।୩:** ରାଜ୍ୟରେ ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବଦଳିବ ସିଲାବସ୍ । ୨୦୨୬-୨୭ ଶିକ୍ଷା ବର୍ଷରେ ଲାଗୁ ହେବ ନୂଆ ପାଠ୍ୟକ୍ରମ । ଶନିବାର ଏ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଜାତୀୟ ଶିକ୍ଷା ନୀତି- ଘରଚ ଅନୁସାରେ ନୂଆ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ । ନୂଆ ସିଲାବସ୍‌ର ଭାଷା, ସଂସ୍କୃତି ଓ ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

ସେହିପରି ସ୍କୁଲ ପିଲାଙ୍କ ଆଡମିଶନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମାର୍ଚ୍ଚ ୩୧ ନୁହେଁ ସେପ୍ଟେମ୍ବର ପହିଲା ସୁଦ୍ଧା ୬ ବର୍ଷ ହେବା ଜରୁରୀ । ସେ କହିଛନ୍ତି କେନ୍ଦ୍ରର ନିୟମ ଅନୁସାରେ ୩୧ ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ୬ ବର୍ଷ ହେଲେ ଆଡମିଶନ ନେଇପାରିବେ । କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି । ମାର୍ଚ୍ଚ ୩୧ ନୁହେଁ ସେପ୍ଟେମ୍ବର ୧ ସୁଦ୍ଧା ୬ ବର୍ଷ ହେଲେ ସ୍କୁଲରେ ନାମ ଲେଖାଇ ପାରିବେ । କେହି ପିଲା ଯେପରି ପାଠପଢାରୁ ବଂଚିତ ନ ହୁଅନ୍ତି ସେ ନେଇ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ମନ୍ତ୍ରୀ । କିଛି ଦିନ ହେଲା ୬ ବର୍ଷରେ ପିଲାଙ୍କ ଆଡମିଶନକୁ ନେଇ ଅଭିଭାବକଙ୍କ ମଧ୍ୟରେ ଦେଖାଦେଇଥିଲା ଦ୍ୱନ୍ଦ୍ୱ ।

## ଜେଇଙ୍କ ଘରେ ଭିଜିଲାନ୍ସ ରେଡ୍

**ଭୁବନେଶ୍ୱର, ୨୨।୩:** ଜେଇଙ୍କ ଘରେ ରାତି ସାରା ଭିଜିଲାନ୍ସ ରେଡ କରିଛି । ଯାଜପୁର ଜାରକା ଆରଡି ଜେଇ ଭୀମସେନ୍ ମହାରଣାଙ୍କ ବାଲିଅନ୍ତା ଥାନା ବ୍ରାହ୍ମଣ ଷଡଙ୍ଗୀ ସ୍ଥିତ ବାସଭବନରେ ଭିଜିଲାନ୍ସର ୧୨ ଜଣିଆ ଟିମ୍ ଚଢାଉ କରିଛି । ଘରେ ଥିବା ସମସ୍ତ କାଗଜପତ୍ର ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍ । ଜେଇଙ୍କ ଘରେ ଏକ ଫର୍ଣ୍ଣିଚର ଦୋକାନ ରହିଛି । ଏଥିପାଇଁ ବାଲିପାଟଣା ରେଞ୍ଜ ଅଫିସରଙ୍କୁ ମଧ୍ୟ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଗତକାଲି ଜାରକାରୁ ନିଜ ଗାଁକୁ ଆସିବା ବେଳେ ଟୋଲ ଗେଟ ନିକଟରେ ୨ ଲକ୍ଷ ୩ ହଜାର ଟଙ୍କା ଭୀମସେନଙ୍କ ଗାଡିରୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ ।

## ସୁନ୍ଦରଗଡ଼ରେ ଡବଲ୍ ମର୍ଡର

### • ପାରିବାରିକ ଶତ୍ରୁତା

### • ୨ ମହିଳାଙ୍କୁ ଟାଙ୍ଗିଆରେ ହାଣିଲେ



**ସୁନ୍ଦରଗଡ଼, ୨୩।୨:** ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଗଡ଼ତୁମୁଳିଆରେ ଶନିବାର ଦିନ ଦୁଇ ଜଣ ମହିଳାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ଆଈ ଓ ଖୁଡ଼ି। ସେମାନେ ହେଲେ ବିଳାସିନୀ ସୁଇ (୫୦) ଓ ତାଙ୍କର ମା'।

ହେମଗିରି ଥାନା ଗଡ଼ତୁମୁଳିଆ ଗାଁରେ ବିଳାସିନୀ ଓ ତାଙ୍କର ମା' ଆଜି ପାଣି ନେଇକି ଘରକୁ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟକ୍ତି ଟାଙ୍ଗିଆ ଧରି ପୂର୍ବ ପ୍ରସ୍ତୁତିରେ ଥିଲା। ସେ ବିଳାସିନୀ ଓ ତାଙ୍କର ମା'ଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା ।

ସୂଚନା ଅନୁସାରେ ହେମଗିରି ଥାନା ଗଡ଼ତୁମୁଳିଆ ଗାଁରେ ବିଳାସିନୀ ଓ ତାଙ୍କର ମା' ଆଜି ପାଣି ନେଇକି ଘରକୁ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟକ୍ତି ଟାଙ୍ଗିଆ ଧରି ପୂର୍ବ ପ୍ରସ୍ତୁତିରେ ଥିଲା। ସେ ବିଳାସିନୀ ଓ ତାଙ୍କର ମା'ଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ୨ ମହିଳା ଟଳି ପଡ଼ିଥିଲେ। ଏହା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

## ମାଛ ପାଇଁ ଯୁବତୀଙ୍କୁ ହତ୍ୟା

**ମାଲକାନଗିରି, ୨୨।୩:** ପୋଖରୀରୁ ମାଛ ଚୋରି। ଟଙ୍କା ମାଗିବାରୁ ଟାଙ୍ଗିଆରେ ହାଣି ଯୁବତୀଙ୍କୁ ହତ୍ୟା। ମାଲକାନଗିରି ଜିଲ୍ଲା ମାଥିଲି ଥାନା ମହୁପଦର ଗ୍ରାମରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟା ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

## ସାରା ରାଜ୍ୟରେ କାଳବୈଶାଖୀର ତାଣ୍ଡବ

### • ଗଞ୍ଜାମରେ ବଜ୍ରପାତ ନେଲା ୨ ଜୀବନ

### • ଉଡ଼ିଲା ଛପର, ଭାଙ୍ଗିଲା ଘର



**ଭୁବନେଶ୍ୱର, ୨୨।୩:** ଅସହ୍ୟ ଗରମ ପରେ ବଦଳିଛି ଓଡ଼ିଶାର ପାଣିପାଗ । କାଳବୈଶାଖୀ ପ୍ରଭାବରେ ଉତ୍ତରରୁ ଦକ୍ଷିଣ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ପ୍ରବଳ ଖରା ଓ ଗୁଳୁଗୁଳି ପରେ ଦାଉ ସାଧିଲା ବର୍ଷା । କେଉଁଠି ଚାଳ ଉଡ଼ାଇ ନେଇଛି ତ କେଉଁଠି ବ୍ରଜପାତରେ ଜୀବନ ଯାଇଛି । ଆହୁରି ୨ ଦିନ ସାରା ରାଜ୍ୟରେ ରହିବ କାଳବୈଶାଖୀର ପ୍ରଭାବ । ବାରିପଦାରେ ସବୁଠୁ ଅଧିକ କ୍ଷତି କରିଛି କାଳବୈଶାଖୀ ବର୍ଷା । ପବନ ମାଡ଼ରେ ଅନେକ ଘରର ଛପର ଉଡ଼ିଯାଇଛି । ୪୭ ଗାଁର ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇଛି । ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୨ ଦିନ ବନ୍ଦ ରହିବ ଶିମିଳିପାଳ । କେନ୍ଦୁଝର ହାଟଡ଼ିହିରେ ମଧ୍ୟ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । କୁଆପଥର ମାଡ଼ ଓ ଗଛ ପଡ଼ି ଘରର ଆଜବେଷ୍ଟ ଭାଙ୍ଗି ଯାଇଛି । ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଛି । ସେହିପରି ବଜ୍ରପାତ ଯୋଗୁଁ ବ୍ରହ୍ମଗିରିରେ ଏବଂ ଦିଗପହଣ୍ଡିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି ।

ଗୋଟିଏ ଦିନର ବର୍ଷାରେ ଉବୁଟୁବୁ କଟକ, ବ୍ରହ୍ମପୁର । ବ୍ରହ୍ମପୁରରେ କାଳବୈଶାଖୀ ବର୍ଷା ବନ୍ୟା ଭଳି ପରିସ୍ଥିତି ସୃଷ୍ଟି କରିଛି । ସହରର ଅନେକ ସ୍ଥାନରେ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶିଛି । ଏମକେସିଜି ମେଡିକାଲରେ ମଧ୍ୟ ପାଣି ଭାସୁଥିବାରୁ ରୋଗୀ ହନ୍ତସନ୍ତ ହୋଇଛନ୍ତି । ସେହିପରି କଟକର ବିଭିନ୍ନ ସ୍ଥାନରେ ଲହଡ଼ି ମାରୁଛି ବର୍ଷା ପାଣି ।

ଆହୁରି ଦୁଇ ଦିନ ଏଭଳି ବର୍ଷା ଲାଗି ରହିବ । ୨୩ ତାରିଖରେ ୧୫ ଜିଲ୍ଲା ଏବଂ ୨୪ ତାରିଖରେ ୯ ଜିଲ୍ଲାକୁ ୟଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

| | |
|---|---|
| ସେନ୍‌ସେକ୍ସ | ୭୬,୯୦୫ |
| ନିଫ୍ଟି | ୨୩,୩୫୦ |
| ସୁନା/୧୦ଗ୍ରା | ୯୦,୭୭୫ |
| ରୂପା/କିଗ୍ରା | ୧,୦୪,୦୦୦ |
| ଡଲାର | ୮୬.୦୨ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୫.୪° |
| କଟକ: | ୨୫.୩° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୧.୫° |
| କଟକ: | ୨୧.୨° |

## ହାଲ୍‌ଚାଲ୍



ରାଜ୍ୟରେ କାଳବୈଶାଖୀ ଜାରି
ତାତିରୁ ଆଶ୍ୱସ୍ତି ମିଳିଲା
ବିଭିନ୍ନ ସ୍ଥାନରେ ଝଡ଼ବର୍ଷା
ବହୁତ କ୍ଷୟକ୍ଷତି ଘଟିଲା
ଗଞ୍ଜାମରେ ପଡ଼ିଲା ଚଡ଼କ
ଦୁଇ ଜୀବନ ଗଲା ।

## ଜଜ୍‌ଙ୍କ ଘରୁ ଟଙ୍କା ଜବତ ଘଟଣାର ତଦନ୍ତ ପାଇଁ କମିଟି ଗଠନ

**ନୂଆଦିଲ୍ଲୀ, ୨୨।୩:** ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରୁ ନଗଦ ରାଶି ମିଳିବା ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ସ୍ପେଶାଲ ପ୍ୟାନେଲ୍ ଗଠନ କରିଛନ୍ତି । ଦିଲ୍ଲୀ ହାଇକୋର୍ଟର ଜଜ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ଅଭିଯୋଗ ତଦନ୍ତ ପାଇଁ ତିନି ଜଣିଆ କମିଟି ଗଠନ କରାଯାଇଛି । ଏହାସହ ଜଷ୍ଟିସ୍ ବର୍ମାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ ନଦେବା ପାଇଁ ସିଜେଆଇ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପାଇଁ ଗଠିତ କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶୀଲ ନାଗୁ, ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ନ୍ୟାୟଧୀଶ ଜଷ୍ଟିସ୍ ଜିଏସ୍ ସନ୍ଧାବାଲିୟା ଓ କର୍ଣ୍ଣାଟକ ହାଇକୋର୍ଟର ନ୍ୟାୟଧୀଶ ଜଷ୍ଟିସ୍ ଅନୁ ଶିବରାମନ ସାମିଲ ଅଛନ୍ତି । ଏହି କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଅସିଥିବା ଅଭିଯୋଗର ତଦନ୍ତ କରି ନିଜ ରିପୋର୍ଟ ହସ୍ତାନ୍ତର କରିବେ ।

## ଡିଲିମିଟେସନ ନେଇ ଚେନ୍ନାଇରେ ବିରୋଧୀ ମେଳି

### ପରିସୀମନ ଉପରେ ପ୍ରତିବନ୍ଧକ ପାଇଁ ପ୍ରସ୍ତାବ ଗୃହୀତ

### ବୈଠକକୁ ଭିଡିଓ ବାର୍ତ୍ତା ଦେଲେ ନବୀନ



**ଚେନ୍ନାଇ/ଭୁବନେଶ୍ୱର, ୨୨।୩:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଚେନ୍ନାଇରେ ଅନୁଷ୍ଠିତ ମିଳିତ କାର୍ଯ୍ୟକାରୀ କମିଟି (ଜେଏସି) ବୈଠକରେ ୨୫ ବର୍ଷ ପାଇଁ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ (ପରିସୀମନ) ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି।

ନିର୍ବାଚନମଣ୍ଡଳୀ ପୁନର୍ଗଠନ ଉପରେ ଆଲୋଚନା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଶନିବାର ସକାଳ ୧୦ଟାରେ ଗିଣ୍ଡିର ଏକ ହୋଟେଲରେ ଆରମ୍ଭ ହୋଇଥିଲା। ଏହି ବୈଠକରେ ୩ଟି ରାଜ୍ୟ ଏବଂ ୭ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବତ ମାନ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

ବୈଠକରେ ଯୋଗ ଦେଇ ନଥିଲେ ହେଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକକୁ ଭିଡିଓ ବାର୍ତ୍ତା ପଠାଇଥିଲେ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ ପାଇଁ ବହୁତ ଭଲ କାମ କରିଥିବା ରାଜ୍ୟ ଗୁଡ଼ିକରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଆମ ଦେଶର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା । ଯଦିଓ ଏହା ଏକ ସକାରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଆମର ଅବଦାନ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ।

## ବାଲି ଚାଲାଣ ରୋକିବା ପାଇଁ ଆସିଲା ଏସଓପି

### ■ ପ୍ରତି ଜିଲ୍ଲାରେ ଗଠନ ହେବ କମିଟି

### ■ ସାବାଡ ହେବେ ବାଲି ମାଫିଆ





**ଭୁବନେଶ୍ୱର:** ରାଜ୍ୟରେ ବାଲି ଓ ଖଣି ମାଫିଆ ମାତିଛନ୍ତି। ବାଲି ଓ ଖଣି ମାଫିଆମାନେ ରାଜ୍ୟ ଭିତରୁ ବେଆଇନ୍ ଭାବେ ବାଲି ଓ ଖଣିଜ ସାମଗ୍ରୀ ଚାଲାଣ କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଆଗାମୀ ଦିନରେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ହାତକୁ ପଦକ୍ଷେପ ନେଇଛନ୍ତି। ବାଲି ଖାଦାନ ପରିଚାଳନା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ବା ଏସଓପି ଆସିଛି। ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଏସ୍‌ଓପି ଜାରି ହୋଇଛି।

ଏସ୍‌ଓପି ଅନୁଯାୟୀ ବାଲି ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ କମିଟି ଗଠନ ହେବ। ଏହି କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। କେଉଁ ଖାଦାନରୁ ବାଲି ଉତ୍ତୋଳନ ହେବ, ତାହା ଚୟନ କରିବ ଏହି କମିଟି। ଏଥିରେ ସଦସ୍ୟ ଭାବେ ଉପଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ), ଜିଲ୍ଲା ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ ଏଡିଏମ୍, ଜିଲ୍ଲା ଖଣି ଅଧିକାରୀ ରହିବେ। ୨ ଜଣ ବିଡିଓ ଏବଂ ୨ ଜଣ ତହସିଲଦାର ମଧ୍ୟ ସଦସ୍ୟ ରହିବେ, ଯେଉଁମାନଙ୍କୁ ଜିଲ୍ଲାପାଳ ମନୋନୀତ କରିବେ। ଏହି କମିଟିର ଆବାହକ ରହିବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ।

ରାଜ୍ୟରେ ବାଲି ଚୋରା ଚାଲାଣ ହେବାରେ ଲାଗିଛି। ବାଲି ମାଫିଆ ମାଲାମାଲ ହେଉଥିବା ବେଳେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ରାୟଗଡ଼ା ଜିଲ୍ଲାର ନାଗାବଳୀ ଓ ବଂଶଧାରା ନଦୀରୁ ବେଧଡ଼କ ଓ ବେଆଇନ ଭାବେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ବାଲି ଚୋରା ଚାଲାଣ ହେଉଛି। ତହସିଲ ଓ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଛି। କିନ୍ତୁ ଅନେକ ସମୟରେ ମାଫିଆମାନେ ଖସି ଯାଉଛନ୍ତି।

ମୟୂରଭଞ୍ଜ ଜିଲ୍ଲା ତିରିଂ ତହସିଲ ଅଞ୍ଚଳରୁ ପଡ଼ୋଶୀ ଝାଡ଼ଖଣ୍ଡକୁ ବେଆଇନ୍ ଭାବେ ବାଲି ଚାଲାଣ ହେଉଥିଲା। କିଛି ମାସ ହେଲା ପ୍ରଶାସନ ସକ୍ରିୟ ଥିବାରୁ ଚୋରା ଚାଲାଣରେ ବ୍ରେକ୍ ଲଗିଛି।

ସେହିପରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ବସ୍ତା ଅଞ୍ଚଳରୁ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ପଡ଼ୋଶୀ ପଶ୍ଚିମବଙ୍ଗକୁ ମଧ୍ୟ ଅନେକ ସମୟରେ ବେଧଡ଼କ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି ।

### କ୍ରାଇମବ୍ରାଞ୍ଚର ତନାଘନା

## ପଞ୍ଚମ ଦିନରେ ୨ଜଣଙ୍କୁ ଜେରା

**ଝାରସୁଗୁଡ଼ା, ୨୨।୩:** ନବ ଦାସ ହତ୍ୟା ମାମଲାରେ ପୁଣି ଆକ୍ଟିଭ ମୋଡ୍‌ରେ କ୍ରାଇମବ୍ରାଞ୍ଚ । ପଞ୍ଚମ ଦିନରେ ୨ ଜଣଙ୍କୁ ଜେରା କରିଛି ତଦନ୍ତକାରୀ ଟିମ୍ । ହତ୍ୟା ସମୟର ପ୍ରତ୍ୟକ୍ଷଦର୍ଶୀ ଥିବା ଜୀବନ ନାୟକଙ୍କ ବୟାନ ରେକର୍ଡ କରାଯାଇଛି । ପୂର୍ବ ବୟାନ ସହ ବର୍ତ୍ତମାନର ବୟାନ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିଛି ଟିମ୍ । ହତ୍ୟାକାଣ୍ଡ ସମୟରେ ନବଙ୍କୁ ଫୁଲମାଳ ପିନ୍ଧାଉଥିଲେ ଜୀବନ । ତାଙ୍କ ବେକରେ ଗୁଳି ବାଜିବା ପରେ ନବଙ୍କ ଛାତିରେ ବାଜିଥିଲା । ସେପଟେ ପ୍ରଥମ ଥର ପାଇଁ ପୋଲିସଠାରୁ ବନ୍ଧୁକ ଛଡ଼ାଇଥିବା ସରୋଜ ସାହୁଙ୍କୁ ଜେରା କରାଯାଇଛି । ହତ୍ୟାକାଣ୍ଡ ସମୟରେ ଉପସ୍ଥିତ ଥିଲେ ସରୋଜ । ତତ୍କାଳୀନ ଆଇଆଇସିଙ୍କ ବନ୍ଧୁକ ଛଡ଼ାଇ ଆଣିଥିଲେ ।

ନବ ଦାସ ହତ୍ୟା ମାମଲାରେ ୫ ଦିନ ହେବ ବିଭିନ୍ନ ବ୍ୟକ୍ତିଙ୍କୁ ଚାଲିଛି ମାରାଥନ ଜେରା । ପରିବାର ଲୋକ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ନେଇ ଡାକ୍ତରଖାନା କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି । ତେବେ ଆବଶ୍ୟକ ପଡ଼ିଲେ ତତ୍କାଳୀନ ଆଇଆଇସି ଓ ଏସଡିପିଓଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି ତଦନ୍ତକାରୀ ଅଧିକାରୀ । ଦୀର୍ଘ ଦୁଇ ବର୍ଷ ପରେ ପୁଣି ଆରମ୍ଭ ହୋଇଛି ତଦନ୍ତ କିନ୍ତୁ ଏଯାଏ କ୍ରାଇମବ୍ରାଞ୍ଚକୁ ମିଳିପାରିନି ହତ୍ୟାକାଣ୍ଡରେ ବ୍ୟବହୃତ ଗୁଳି । ସେପଟେ ହସ୍ପିଟାଲରୁ ଇସିଜି ରିପୋର୍ଟ ଗାଏବ ଘଟଣାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

## ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାର ପୁଣି ବିଚାର ହେବ-ବନ୍ଧା ହେବେ ଆଦିତ୍ୟ ଠାକରେ ?

ମହାରାଷ୍ଟ୍ରରେ ମହା ବିକାଶ ଆଗାଡି ସରକାର ସମୟରେ ଆଲୋଚନାର ବିଷୟ ପାଲଟିଥିବା ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ଏବେ ଏକ ନୂତନ ମୋଡ଼ ଆସିଛି । ଦିଶାଙ୍କ ବାପା ସତୀଶ ସାଲିଆନ୍ ବମ୍ବେ ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରିଛନ୍ତି । ଆବେଦନରେ ସେ ଦିଶା ମାମଲାର ନୂତନ ତଦନ୍ତ ଦାବି କରିଛନ୍ତି । ଆବେଦନରେ ଦାବି କରାଯାଇଛି ଯେ ଦିଶାଙ୍କୁ ଗଣବଳାତ୍କାର ଏବଂ ହତ୍ୟା କରାଯାଇଥିଲା । ଆବେଦନରେ ଶିବସେନା ନେତା ଆଦିତ୍ୟ ଠାକରେ, ଅଭିନେତା ସୂରଜ ପାଞ୍ଚୋଲି, ଡିନୋ ମୋରିଆ ଏବଂ ମୁମ୍ବାଇ ପୋଲିସ ବିରୋଧରେ ତଦନ୍ତ ସମ୍ପର୍କରେ ଗମ୍ଭୀର ଅଭିଯୋଗ କରାଯାଇଛି । ଦିଶା ସାଲିଆନଙ୍କ ବାପା ଦାବି କରିଛନ୍ତି ଯେ ଏହି ମାମଲାର ନୂତନ ତଦନ୍ତ ଜଣେ ସଚ୍ଚୋଟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯାଉ । ଦିଶାଙ୍କ ବାପାମାଆ ସମୀର ୱାଙ୍ଖେଡେଙ୍କୁ ତଦନ୍ତ ଅଧିକାରୀ ଭାବରେ ନିଯୁକ୍ତ କରିବାକୁ ଦାବି କରିଛନ୍ତି । ତେବେ ସମୀର କ'ଣ ଏହି ମାମଲାରେ ଆଦିତ୍ୟ ଠାକରେଙ୍କୁ ତଦନ୍ତ କରିବାକୁ ଯାଉଛନ୍ତି, ଏହା ଆଗାମୀ ସମୟରେ ହିଁ ଜଣାପଡିବ । ସମୀର ୱାଙ୍ଖେଡେ ମୁମ୍ବାଇର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ବିଭାଗ ମୁଖ୍ୟ ଥିଲେ ବୋଲି ଜଣାଶୁଣା । ତାଙ୍କ କାର୍ଯ୍ୟକାଳ ସମୟରେ, ମୁମ୍ବାଇରୁ ଗୋଆ ଯାଉଥିବା କର୍ଡେଲିଆ କ୍ରୁଜ୍ ଉପରେ ଚଢାଉ କରାଯାଇଥିଲା । ସେହି ଦିନ ଏହି କ୍ରୁଜରେ ଏକ ରେଭ୍ର ପାର୍ଟି ଥିଲା । ସେହି ସମୟରେ ସମୀର ୱାଙ୍ଖେଡେ ଅଭିନେତା ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନ ଖାନଙ୍କୁ ଗିରଫ କରିଥିଲେ । ଏହି ମାମଲାରେ ଆର୍ଯ୍ୟନ ଖାନଙ୍କୁ କିଛି ଦିନ ଜେଲରେ ରହିବାକୁ ପଡିଥିଲା । ଦିଶା ସାଲିଆନଙ୍କ ପିତାଙ୍କ ଆବେଦନର ୮ଟି ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ: ଆବେଦନ ମାଧ୍ୟମରେ ଦିଶା ସାଲିଆନ ଏବଂ ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତ ଆତ୍ମହତ୍ୟା ମାମଲାରେ ଆଦିତ୍ୟ ଠାକରେଙ୍କ ହେପାଜତ ଦାବି । ୮ ଜୁନ୍ ୨୦୨୦, ଆଦିତ୍ୟ ଠାକରେ, ରାହୁଲ କାନାଲ, ସୁରଜ ପାଞ୍ଚୋଲି, ସଚିନ ଭାଜେ ଏବଂ ଏକତା କପୁରଙ୍କ ମୋବାଇଲ୍ ଲୋକେସନ୍ ତଦନ୍ତ କରାଯିବା ଉଚିତ । କାରଣ ସେହି ରାତିରେ ସମସ୍ତେ ୧ ଶହ ମିଟର ଅଞ୍ଚଳରେ ଏକାଠି ଥିଲେ । ୧୩ ଏବଂ ୧୪ ଜୁନ୍ ୨୦୨୦ ରେ ସୁଶାନ୍ତ ସିଂହ ରାଜପୁତ, ରିଆ ଚକ୍ରବର୍ତ୍ତୀ, ଆଦିତ୍ୟ ଠାକରେ, ଅରବାଜ ଖାନ, ସନ୍ଦୀପ ସିଂହ, ଶୌୱିକ୍ ଚକ୍ରବର୍ତ୍ତୀଙ୍କ ମୋବାଇଲ୍ ଲୋକେସନ୍ ମଧ୍ୟ ଯାଞ୍ଚ କରାଯିବା ଉଚିତ । ଏହା ସହିତ, ଏହି ଦୁଇ ଦିନର ଆଖପାଖ ଅଞ୍ଚଳରେ ଆଦିତ୍ୟ ଠାକରେଙ୍କ ସହ ଜଡିତ ସମସ୍ତ ସିସିଟିଭି ଫୁଟେଜର ତଦନ୍ତ କରାଯିବା ଉଚିତ । କେବଳ ଏତିକି ନୁହେଁ, ସୁଶାନ୍ତଙ୍କ ମୃତ୍ୟୁ ସମୟରେ ଆଦିତ୍ୟ ଏବଂ ରିଆ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ୪୪ ଥର ଫୋନ୍‌ରେ କ'ଣ ଘଟିଥିଲା ? ଏହାର ତଦନ୍ତ ହେବା ଉଚିତ । ଏବଂ ଜୁନ୍ ୮ ତାରିଖରେ ଦିଶାଙ୍କ ଚିଠା ପଞ୍ଜିକାର ପୃଷ୍ଠାଗୁଡ଼ିକୁ କିଏ ଚିରି ଦେଇଥିଲା ? ଦିଶାଙ୍କ ଗଣଦୁଷ୍କର୍ମ ଏବଂ ହତ୍ୟା ଅଭିଯୋଗରେ ଅଭିଯୁକ୍ତ । ଦିଶା ଏବଂ ସୁଶାନ୍ତଙ୍କ ମୃତ୍ୟୁ ଏକ ଦୁର୍ଘଟଣା । ଦିଶାଙ୍କ ପୋଷ୍ଟମର୍ଟମ ରିପୋର୍ଟ ଏପର୍ଯ୍ୟନ୍ତ କାହିଁକି ଆସିନାହିଁ ?


ଆବେଦନରେ କୁହାଯାଇଛି ଯେ ବିଜେପି ବିଧାୟକ ନିତେଶ ରାଣେ ଏବଂ ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀ ଆଦିତ୍ୟ ଠାକରେଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଠିକ୍ । କେବଳ ଏତିକି ନୁହେଁ, ଯେତେବେଳେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିଲା, ସେତେବେଳେ ଜଣେ ମନ୍ତ୍ରୀଙ୍କ ଗାଡ଼ି କୋଠା ବାହାରେ ଥିଲା । କିଛି ଲୋକ ତାଙ୍କ ଘରକୁ ଯାଇଥିଲେ । ତାଙ୍କ ଏବଂ ସୁଶାନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ତା'ପରେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିଙ୍କ ଆମ୍ବୁଲାନ୍ସ ଆସି ପହଞ୍ଚିଲା । ସୁଶାନ୍ତ ସିଂହଙ୍କ ଘର ଅଞ୍ଚଳର ସିସିଟିଭି ଫୁଟେଜ୍ ନଷ୍ଟ ହୋଇଯାଇଛି ।

## ନାତୁଣୀ ସଙ୍ଗେ ଆଲୋଚନାରେ... ମହାପ୍ରଭୁ ରାତ୍ରି ଅନିଦ୍ରା କଷ୍ଟ

*ନାରାୟଣ ଚନ୍ଦ୍ର ବିଶ୍ୱାଳ*

ଗତ ନୂଆ ଦିନ ମୋ ନାତୁଣୀ ପଚାରିଥିବା ପ୍ରଶ୍ନର ଉତ୍ତର ମୋ ପାଖରେ ନଥିଲା । ତେବେ ଯାହାହେଉ ସେ ଯାହା ପଚାରିଲେ ଓ ମୁଁ ଯାହା ଉତ୍ତର ଦେଲି ତାହା ମୁଁ ପାଠକ ମାନଙ୍କୁ ଅବଗତି ଓ ଅଭିମତ ପାଇଁ ଏଠାରେ ଉପସ୍ଥାପନ କରୁଛି । ନୂଆବର୍ଷ ଦିନ ଏକାଧିକ ଜାଗାରୁ ଉଧାର କରି ନାତୁଣୀ ପଚାରିବାର ଉଦ୍ଦେଶ୍ୟ ହେଲା ୧ ଜାନୁଆରୀ ଦିନ ରାତି ଗୋଟାଏରେ ମହାପ୍ରଭୁ ଜଗନ୍ନାଥଙ୍କ ପହଡ଼ ଫିଟିଲା ସର୍ବସାଧାରଣଙ୍କ ଦର୍ଶନ ପାଇଁ । ପ୍ରାୟ ଚାରି ଲକ୍ଷ ଲୋକ ଦିନସାରା ଦର୍ଶନ କଲେ । ସବୁଦିନେ ତ ମହାପ୍ରଭୁ ରାତି ୧୧ଟା ମଧ୍ୟରେ ଶୋଇବାକୁ ଯାଇ ସକାଳ ଚାରିଟାରେ ପହଡ଼ ଭାଙ୍ଗନ୍ତି । ଏହି ପାଞ୍ଚଘଣ୍ଟା ନିଦ୍ରା ଆମ ସାହାଙ୍କ ଯଥେଷ୍ଟ । ନହେଲେ ଆମ ଭଳି ତାଙ୍କ ଦେହ ଖରାପ ହେବ କାରଣ କୁହାଯାଏ ସେ ହେଉଛନ୍ତି ଜୀବନ୍ତ ଦେବତା । ତେବେ ଏହି ଦୁଇ ତିନିଘଣ୍ଟା ଶୋଇବା ଦ୍ୱାରା ତାଙ୍କ ଦେହ ଖରାପ ହୋଇନଥିବ କି ? ଏଇଟା କ'ଣ ଠିକ ହେଲା ? ଏହାର ଉତ୍ତର ଦେବାକୁ ଯାଇ ମୁଁ ତାର ପ୍ରଶଂସା ନକରି ରହିପାରିଲି ନାହିଁ । ଉତ୍ତର ବାହାନାରେ ମୁଁ ତାକୁ ଗୋଟିଏ ସତ୍ୟ ଆଧାରିତ ଛୋଟିଆ ଗପ ଶୁଣାଇଲି ।

ମୁଁ କହିଲି, ''ତୁ ତ ଜାଣିଛୁ ରାତିରେ ନିଦ ଭାଙ୍ଗିଗଲେ ମୋତେ ଆଉ ନିଦ ହୁଏନି ଖାଲି ଛାତକୁ ଅନାଇ ପଡ଼ି ରହେ । ପ' ଫାଟିଲେ କବାଟ ଖୋଲି ବାହାରେ । ହେଲେ ଏ ବୃଦ୍ଧ ବୟସରେ ରାତି ଅନିଦ୍ରା ହେଲେ ବିପି, ସୁଗାର ସବୁ ବଢ଼ିଯାଏ । ଝାଡ଼ା ସଫା ହୁଏନା, ମୁଣ୍ଡ ବୁଲାଏ ଇତ୍ୟାଦି । ମୁଁ ତ ସାଅଳ ସାଅଳ



ଦଶଟା ଭିତରେ ଶୋଇପଡ଼େ । ତୁ ତ ଜାଣିଛୁ ତୋ ଡାଡି, ମମି ମୋତେ କେତେ ଭଲ ପାଆନ୍ତି । ଗତଥର ମୋ ଜନ୍ମ ଦିନର ପୂର୍ବଦିନର ରାତିର କଥା ! ମୁଁ ଗଭୀର ନିଦ୍ରାରେ ଶୋଇଛି । କିଏ ଜଣେ ମୋ ପିଠିକୁ ଆଉଁଷିବାର ସ୍ପର୍ଶରେ ମୋ ନିଦ ଭାଙ୍ଗିଗଲା । ଉଠି ଦେଖିଲି ଲାଇଟ ଜଳୁଛି । ତୋ ମମି ଡାଡି ମୋତେ ହାପିବାର୍ଥ ଡେ କହି ଉଇସ୍ କରୁଛନ୍ତି । ହଠାତ୍ ମୁଁ କିଛି ବୁଝିପାରିଲି ନାହିଁ । ଅଧାରୁ ନିଦ ଭାଙ୍ଗିବାରୁ ଦେହ ଥରିବାକୁ ଲାଗିଲା । ସେମାନେ ମୋତେ ଡାକି ନେଇ ଡ୍ରଇଁ ରୁମରେ ବସାଇଦେଲେ । ସେଠି ରଙ୍ଗବେରଙ୍ଗ ବେଲୁନରେ ଘର ସଜାଯାଇ ଛୋଟ ଟେବୁଲଟି ଉପରେ କେକ ରଖାଯାଇଥାଏ । ଏବଂ ମହମ ବତୀଟିଏ ଜଳାଇ ଦିଆଯାଇ ଥାଏ । ମୁହଁ ଧୋଇ ମୁଁ ଯାଇ ସାନ ପିଲା ପରି ମହମବତୀ ଲିଭାଇ କେକ କାଟିଲି । ହାପି ବାର୍ଥଡେ ଡାଡି କହି ତାଡି ତାଳି ମାରିବା ଭିତରେ ମୋର ଆସୁଥିବା ହାଇକୁ ବୁଝା ହାଇ ଛାଡ଼ିଗଲା । ଯେତିକି ଖୁସି ଲାଗୁଥାଏ ସେତିକି ଦୁଃଖ ବି ଲାଗୁଥାଏ । ଖୁସି ଏଇଥିପାଇଁ ଯେ ମୋ ବାପା-ମାଆଙ୍କ ପରେ ମୋର ଜନ୍ମ ଦିନ ପିଲାମାନେ ପାଳୁଛନ୍ତି । ଦୁଃଖ ଏଇଥିପାଇଁ ଯେ ଅସମୟରେ ପାଳୁଛନ୍ତି । ପାଶ୍ଚାତ୍ୟ ମତରେ ରାତି ବାରଟା ପରେ ଦିନ ବଦଳେ ହେଲେ ଆମ ଭାରତୀୟଙ୍କ ମତରେ ରାତି ପାହିଲେ ଦିନ ବଦଳେ । କେବେ ସେ ଯାହା ହେଉ ତା'ପର ଦିନ ମୋର ଯାହା ସାସ୍ଥ୍ୟଗତ ଅସୁବିଧା ହେଲା ତାହା ମୁଁ ଜାଣିଛି । ତୁ ପିଲାଲୋକ କିଛି ବୁଝିପାରିବୁନି । ତୁ ତ ସେ ଦିନ ରାତି ବାରଟାରେ ନିଦରୁ ଉଠି ଆଖି ମଳି ମଳି ମୋତେ ଉଇସ୍ କଲୁ ତୋ କେମିତି ଲାଗୁଥିଲା ତୁ କହ । ତୋର ତ ନିଦ ଛାଡ଼ି ନଥିଲା । କାନ୍ଥରୁ କେକ ଖାଇବାକୁ ଦେବାରୁ ନଖାଇ ଶୋଇପଡ଼ିଲୁ । ମୋ ମତରେ ଏହା ଅକ୍ଷମଣୀୟ । ଆମ ପରମ୍ପରାରେ ଶୋଇଥିବା ଲୋକଙ୍କୁ ଅତି ଆବଶ୍ୟକ ନ ହେଲେ ନିଦରୁ ଉଠାଇବା ଉଚିତ ନୁହେଁ । ତାହା ବି ଧୀରେ ଧୀରେ ଡାକି ଉଠାଇବା ନିୟମ । ଏହାମଧ୍ୟ ବିଜ୍ଞାନ ସମ୍ମତ । ତେଣୁ ଆମ ପରମ୍ପରାକୁ ସମ୍ମାନ ଜଣାଇ ସୂର୍ଯ୍ୟୋଦୟ ପରେ ଜନ୍ମ ଦିନ ପାଳିବା ଉଚିତ । ଯଦି ଭୋଜି ଭାତ କରିବାର ଅଛି ତାହା ସଂଧ୍ୟାରେ କରାଯାଇପାରେ । ଏମିତି ହେଲେ ଆମେ ସମସ୍ତେ ଦୀର୍ଘାୟୁ ହେବା ସଙ୍ଗେ ସଙ୍ଗେ ରୋଗମୁକ୍ତ ହେବା । ଏଥର ମୂଳ ବିଷୟକୁ ଯିବା । ନୂଆବର୍ଷଟି ଭଲରେ କଟିବା ପାଇଁ ଜଗନ୍ନାଥପ୍ରେମୀମାନେ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ନେବା ପାଇଁ ଆସିଥାନ୍ତି । ସେମାନେ ଏତେ ସଂଖ୍ୟାରେ ଆସନ୍ତି ଯେ ମନ୍ଦିର ପ୍ରଶାସନକୁ ଭିଡ଼ ସମ୍ଭାଳିବାକୁ ନାକେଦମ ହେବାକୁ ପଡ଼େ । ଦଳାଚକଟାର ଭୟ ଥାଏ । ଏସବୁ ଦୃଷ୍ଟିରେ ରଖି ପ୍ରଶାସନ ଦ୍ୱାରଫିଟା କାର୍ଯ୍ୟକ୍ରମ ଶୀଘ୍ର ସାରି ଦର୍ଶନର ସୁବନ୍ଦୋବସ୍ତ କରିଥାଇ ପାରନ୍ତି । ହେଲେ ଠାକୁର ଦର୍ଶନ ଦେବା ପାଇଁ ଅଧା ଅନିଦ୍ରାରୁ ଭକ୍ତ ୩୧ ତାରିଖ ରାତି ଯାକ ଧାଡ଼ିରେ ଛିଡ଼ା ହୋଇ ଦର୍ଶନ ପାଇବାକୁ ପ୍ରତୀକ୍ଷା କରନ୍ତି । ମନରେ ଟିକେ ଶାନ୍ତି ପାଇଁ ବର୍ତ୍ତମାନ ନିଜ ଶରୀରକୁ ପୀଡ଼ା ଦେବା ସଙ୍ଗେ ସଙ୍ଗେ ଠାକୁରଙ୍କୁ କ'ଣ ପୀଡ଼ା ଦେବା ଉଚିତ ? ତାହା ପୁଣି ଇଂରାଜୀ ନବ ବର୍ଷରେ ! ତେଣୁ ତୋର ଚିନ୍ତା କରିବାଟା ଠିକ୍ । ଯଦି ଜଗନ୍ନାଥପ୍ରେମୀ ଜନସାଧାରଣ ନିଜ ନିଜର ସୁବିଧା ଦେଖି ଦର୍ଶନ ପାଇଁ ଆସନ୍ତେ ତାହାହେଲେ ସମସ୍ତଙ୍କ ମଙ୍ଗଳ ହୁଅନ୍ତା ।''


ବାକଚ୍ଛଳ ବିଶେଷଜ୍ଞ 'ଧ୍ୱନି', ମେଗ୍ରୋପ୍ଲାଜା, କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ, ୯୪୩୮୨୭୬୭୬୦


# ଚୀନର ପ୍ରକଳ୍ପ ୧୩୭୬ର ଟାର୍ଗେଟରେ ଓଡିଶା

**ସୌମେନ୍ଦ୍ର ଜେନା**

ଦୀର୍ଘ ଦିନ ଧରି ଡୋକଲାମ ଏବଂ ଲଦାଖ ଅଞ୍ଚଳରେ ସେନାଙ୍କୁ ଛିଡା କରିଥିଲା ଚୀନ । ଉଦ୍ଦେଶ୍ୟ ଥିଲା ଭାରତକୁ ନାଲି ଆଖି ଦେଖାଇବା । କଂଗ୍ରେସ ଶାସନ କାଳରେ ଦୀର୍ଘ ପଚାଶବର୍ଷ ଧରି ସମୟେ ସମୟେ ଏମିତି ନାଲିଆଖି ଦେଖାଇ ଭାରତକୁ ଭୟଭୀତ କରିବାକୁ ସକ୍ଷମ ହୋଇଥିଲା ଚୀନ । ପୂର୍ବତନ କଂଗ୍ରେସ ସରକାର ଚୀନର ସରକାରକୁ ଏତେ ପରିମାଣରେ ଭୟ କରୁଥିଲେ ଯେ ସୀମାନ୍ତରେ ସେନାପାଇଁ ଆବଶ୍ୟକ ସଡକ ମଧ୍ୟ ନିର୍ମାଣ କରୁନଥିଲେ । ହିମାଳୟ ପାଦଦେଶରେ ଅନେକ ଝର ଏବଂ ନଦୀକୁ ପାରିହେବାଲାଗି ସ୍ଥାୟୀ ପୋଲ ମଧ୍ୟ ନିର୍ମାଣ କରୁନଥିଲେ । ୧୯୬୨ରେ ଯେପରି ସୀମାନ୍ତର ହଜାର ହଜାର କିଲୋମିଟର ଅଞ୍ଚଳକୁ ଚୀନ ଦଖଲ କଲା, ଠିକ୍ ସେମିତି କାଳେ କରିପାରେ, ସେହି ଭୟ ଘାରିଥିଲା କଂଗ୍ରେସ ସରକାରକୁ । ବୋଧହୁଏ ସେହି ସ୍ଥାୟୀ ଭୟ ଦୃଷ୍ଟିରୁ ରାଜନୈତିକ ଶିକ୍ଷା ପାଇଁ ଭାରତରେ କଂଗ୍ରେସ ସରକାର ଚୀନର ସରକାରଙ୍କ ସହ ନିଜ ଦଳର ବୁଝାମଣା ମଧ୍ୟ କରିଥିଲେ । ସେଥିପାଇଁ ଚୀନ ସରକାରଙ୍କଠାରୁ ଦଳୀୟ ଅନୁଦାନ ମଧ୍ୟ ଗ୍ରହଣ କରିଥିଲେ । କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ କୌଣସି ପ୍ରକାରେ ଭୟଭୀତ କରିନପାରି ପରିଶେଷରେ ପଛକୁ ଫେରିଥିବା ଚୀନ ସରକାର ପାକିସ୍ତାନ ପରି ସମ୍ମୁଖ ଯୁଦ୍ଧକୁ ଏଡାଇ ଦୀର୍ଘକାଳୀନ ଛାୟାଯୁଦ୍ଧ ଚାଲୁରଖିବା ପାଇଁ ଭାରତରେ ଆରମ୍ଭ କରିଛନ୍ତି ପ୍ରକଳ୍ପ ୧୩୭୬ । ଚୀନ ଗୋଇନ୍ଦା ସଂସ୍ଥାର ଏହି ପ୍ରକଳ୍ପ ମାଧ୍ୟମରେ ଯୁଦ୍ଧ ସୀମାନ୍ତରେ ନହୋଇ ଏବେ ଭାରତ ଭିତରେ ଆରମ୍ଭ ହୋଇଯାଇଛି ।

ଏହି ପ୍ରକଳ୍ପ ଅନୁଯାୟୀ ଭାରତର ବଜାର ମଧ୍ୟରେ ପ୍ରବେଶ କରି ବ୍ୟବସାୟ ନାମରେ ଚୀନ ସେନାବାହିନୀ ନିଜ ଏଜେଣ୍ଟ ମାଧ୍ୟମରେ ଆରମ୍ଭ କରିଛନ୍ତି ଗୁପ୍ତଚର କାର୍ଯ୍ୟକଳାପ । ଏହି ପ୍ରକଳ୍ପ ଅନୁଯାୟୀ କେତେକ ଚୀନା କମ୍ପାନୀ ବ୍ୟବସାୟ ଆଳରେ ଭାରତର ଛୋଟ ଛୋଟ ସହରରେ ଅଫିସ ଖୋଲିବା ଆରମ୍ଭ କରିଦେଇଛନ୍ତି । ସେମାନେ ଭାରତର ବ୍ୟବସାୟୀମାନଙ୍କୁ ଅଧିକ ଖର୍ଚ୍ଚ କରି ନିଜ କମ୍ପାନୀ ନ ଖୋଲି ଚୀନରୁ ଉତ୍ପାଦିତ ମାଲକୁ କଞ୍ଚାମାଲ ଭାବେ ଆଣି ଭାରତରେ ପ୍ୟାକିଂ କରି ବିକ୍ରି କରିବାକୁ ପ୍ରୋତ୍ସାହିତ କରୁଛନ୍ତି । କେବଳ ସେତିକି ନୁହେଁ, ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କୁ ଆବଶ୍ୟକ ତୁଳନାରେ ଅଧିକ ମୁନାଫା ଯୋଗାଇଦେଇ ଆକର୍ଷିତ କରିବାସହ ସେମାନଙ୍କ ମାଧ୍ୟମରେ ଦେଶର ଗୁପ୍ତସୂଚନା ସଂଗ୍ରହ କରିବାରେ ଲାଗିଛନ୍ତି । ଏଥିପାଇଁ ସେମନେ ସଂପୃକ୍ତ ବ୍ୟବସାୟୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଚୀନ ବୁଲିଯିବା ଲାଗି ସୁବିଧା କରିବା ସହ ସେମାନଙ୍କୁ ଏଜେଣ୍ଟଙ୍କ ଜାଲରେ ପକାଉଛନ୍ତି । ସେମାନଙ୍କ ମାଧ୍ୟମରେ ଭାରତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ନେତା, ସନ୍ତ୍ରାସବାଦୀ ସଂଗଠନଗୁଡିକ ସହ ସଂପର୍କ ରକ୍ଷା କରାଯାଉଛି । ଚୀନର ଗୋଇନ୍ଦା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଡ୍ରାଗନବ୍ରୀଜ ମଧ୍ୟ ନାମ ଦେଇଛି । ଭିନ୍ନ ଭିନ୍ନ ସମୟରେ ଇଣ୍ଟରନେଟରେ ଭାଇରସ୍ ଛାଡି ପ୍ରତିରକ୍ଷା ବାହିନୀର ତଥ୍ୟକୁ ଚୋରି କରିବାକୁ ପ୍ରୟାସ କରାଯାଉଛି । ଭାରତ-ଆମେରିକା, ଭାରତ - ଅଷ୍ଟ୍ରେଲିଆ ମିଳିତ ସେନାବାହିନୀ ଅଭ୍ୟାସ ପୂର୍ବରୁ ଚୀନ ପକ୍ଷରୁ ଏମିତି ଭାଇରସ୍ ଛଡାଯାଇ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା ।

ପ୍ରକଳ୍ପ ୧୩୭୬ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ନେପାଳରେ ଜୋରସୋରରେ ଚାଲୁରହିଛି । ଭାରତର ସୀମାନ୍ତରେ ଥିବା ଏହି ଦୁଇଟି ଦେଶରେ ଚୀନ ନିଜେ ଗୁପ୍ତଚର ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛି । ଦୁଇଟି ଦେଶର ଜନସାଧାରଣଙ୍କୁ ମାଣ୍ଡିରିନ୍ ଭାଷା ଶିକ୍ଷାଦାନ କରାଯାଉଛି । ଉଦ୍ଦେଶ୍ୟ ହେଲା ଯେ ଏହି ଦୁଇଦେଶର ଲୋକେ ସ୍ଥାୟୀ ଭାବେ ଭାରତର ଲୋକମାନଙ୍କ ସହ ସଂପର୍କ ରକ୍ଷାକରି ତଥ୍ୟ ସଂଗ୍ରହ କରିବେ । ଭାରତ-ନେପାଳ ମଧ୍ୟରେ ସୀମା ଖୋଲା ଥିବା ହେତୁ ମାଣ୍ଡାରିନ ଭାଷା ଜାଣିଥିବା ବ୍ୟକ୍ତି ଭାରତରେ ଚାକିରୀ କିମ୍ବା ବାଣିଜ୍ୟ ପାଇଁ ଆସି ମାଣ୍ଡାରିନ ଭାଷାରେ ଚୀନା ଏଜେଣ୍ଟଙ୍କୁ ତଥ୍ୟ ଯୋଗାଇବ । ଆମେରିକାକୁ ଦୁର୍ବଳ କରିବାକୁ ଏପ୍ରକାର ଯୋଜନାରେ ଚୀନ ସଫଳ ହୋଇଛି । ଚୀନା ମୂଳର ଦୁଇ ଆମେରିକୀୟ ପ୍ରତିରକ୍ଷା କର୍ମଚାରୀ ପେଣ୍ଟାଗନର କାର୍ଯ୍ୟାଳୟ ମଧ୍ୟରୁ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଗୋପନୀୟ ଫାଇଲ ସବୁର ମୋବାଇଲ କ୍ୟାମେରାର ଫଟୋ ଚୀନକୁ ପଠାଯାଉଥିବା ବିଷୟକୁ କ୍ରିସ ପଟେଲ ନିକଟରେ ଧରିଛନ୍ତି । କାରଣ ଡୋନାଲ୍‌ଡ ଟ୍ରମ୍ପଙ୍କ ସବୁ ପ୍ରକାର କଟକଣା ଏବଂ ଯୁଦ୍ଧର ସମ୍ମୁଖୀନ ହେବାଲାଗି ଚୀନ ସର୍ବଦା ପ୍ରସ୍ତୁତ ରହିଥିବା ବିଷୟ ବେଜିଂର ଅଧିକାରୀମାନେ ବାରମ୍ବାର କହୁଥିଲେ । ବାଇଡେନଙ୍କ ଶାସନ କାଳରେ ଇରାନ ଉପରେ ଆକ୍ରମଣର ଏକ ପୂର୍ବଯୋଜନାକୁ ଇସ୍ରାଏଲ ସରକାର ଆମେରିକା ସରକାରଙ୍କୁ ଗତବର୍ଷ ଜଣାଇଥିଲେ । କିନ୍ତୁ ସେହି ଯୋଜନା ସଂପର୍କରେ ଇରାନ ସରକାର ଗଣମାଧ୍ୟମରେ ଆଗୁଆ ପ୍ରକାଶ କରିବା ପରେ ଇସ୍ରାଏଲ କର୍ତ୍ତୃପକ୍ଷ ଚକିତ ହୋଇଥିଲେ । କଥା ହେଲା ଯେ ବାଇଡେନଙ୍କ ସରକାରରେ ପାଲେଷ୍ଟାଇନ ଓ ଇରାନର ସମର୍ଥକମାନେ ରହିଥିଲେ । ଜଣେ ମୁସଲିମ କର୍ମଚାରୀଙ୍କ ଦ୍ୱାରା ସେହି ତଥ୍ୟ ଆଗୁଆ ଇରାନ ସରକାରଙ୍କୁ ଯୋଗାଇ ଦିଆଯାଇଥିଲା । ଯାହାଫଳରେ ଇସ୍ରାଏଲ ସରକାର ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ । ବାଇଡେନଙ୍କ ଶାସନ କାଳରେ ଆମେରିକାରେ ପାଠପଢିବା ଏବଂ ଗବେଷଣା କରିବାକୁ ଆସୁଥିବା ଚୀନର ଛାତ୍ରଛାତ୍ରୀମାନେ ଆମେରିକା ଗବେଷଣାଗାରଗୁଡିକର ତଥ୍ୟକୁ ଚୀନ ସରକାରଙ୍କୁ ଯୋଗାଉଥିବାର ଅଭିଯୋଗ ଉଠିବା ପରେ କେତେକ ଚୀନା ଗବେଷକଙ୍କୁ ଦେଶରୁ ବିତାଡିତ କରାଯାଇଥିଲା । ଚୀନା ଏଜେଣ୍ଟ ଭାବେ କାର୍ଯ୍ୟରତ ମହିଳାମାନେ ଆମେରିକା ପ୍ରତିରକ୍ଷା, ପ୍ରଶାସନ ଏବଂ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ପଦାଧିକାରୀଙ୍କ ସହ ବୈବାହିକ ସଂପର୍କରେ ରହି ଚୀନ ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଜଣାପଡିଥିଲା । ସମାନ ଢଙ୍ଗରେ ହିମାଚଳ ପ୍ରଦେଶର ଧର୍ମଶାଳା ସହରସ୍ଥିତ ଦଲାଇଲାମାଙ୍କ କାର୍ଯ୍ୟାଳୟ ନିକଟରେ ଛୋଟ ଦୋକାନ ଖୋଲି ତିବ୍ବତୀୟ ଆନ୍ଦୋଳନକାରୀଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଜଣେ ଚୀନ ମହିଳାଙ୍କୁ ପୁଲିସ ଗିରଫ କରିଥିଲା । ସେ ମହିଳାଜଣକ ସମୟେ ସମୟେ ଦଲାଇଲାମାଙ୍କ କାର୍ଯ୍ୟାଳୟ ମଧ୍ୟକୁ ଯାଇ ସେଠାକାର ଲୋକମାନଙ୍କ ସହ ମିଶି ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ଉଠିଥିଲା ।

ଭାରତରେ ପ୍ରକଳ୍ପ ୧୩୭୬ ମାଧ୍ୟମରେ ଚୀନା କମ୍ପାନୀମାନେ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ପୁଣେ, ବାଙ୍ଗାଲୋର, ହାଇଦ୍ରାବାଦ ପରି ସହରଗୁଡିକରେ ନିଜର ଶାଖା କାର୍ଯ୍ୟାଳୟ ନଖୋଲି ଓଡିଶାର ବାଲେଶ୍ୱର, କଟକ ଏବଂ ଭୁବନେଶ୍ୱର ପରି ସହରରେ ଖୋଲିଛନ୍ତି । ବ୍ୟବସାୟୀମାନଙ୍କ ସହ ସଂପର୍କ ରକ୍ଷା କରିବା ସହ ରାଜ୍ୟରେ ଥିବା ପ୍ରତିରକ୍ଷାବାହିନୀର କେନ୍ଦ୍ର ଯେମିତି ଚାନ୍ଦିପୁର, ବାଲେଶ୍ୱରର କ୍ଷେପଣାସ୍ତ୍ର ପରୀକ୍ଷା ଘାଟୀ, କୋରାପୁଟର ହାଲ, ପଶ୍ଚିମ ଓଡିଶାର ଗୋଳାବାରୁଦ କାରଖାନାର ଖବର ସଂଗ୍ରହ କରିବା ତାଙ୍କର ମୂଳଲକ୍ଷ୍ୟ ରହିଛି । ସେମାନେ ଓଡିଶାର ଛୋଟ ଛୋଟ ସହରର ବ୍ୟବସାୟୀମାନଙ୍କ ସହ ଉତ୍ତମ ସଂପର୍କ ରକ୍ଷାକରି ସେମାନଙ୍କୁ ଚୀନକୁ ବୁଲିଯିବା ଲାଗି ପଠାଉଛନ୍ତି । ନିହାତି ଛୋଟ ବ୍ୟବସାୟ କରୁଥିବା ଲୋକେ ଅଳ୍ପ କେତେଟା ଦିନରେ ବଡଲୋକ ହେବା ଦେଖାଯାଉଛି । ସେମାନଙ୍କ ରୋଜଗାରର ଉତ୍ସ ବ୍ୟବସାୟ ନୁହେଁ ବରଂ ଅଧିକନ୍ତୁ ଗୁପ୍ତଚର ଗିରି ବୋଲି ସନ୍ଦେହ କରାଯାଉଛି । ଏହି ପ୍ରକଳ୍ପ ଅନ୍ତର୍ଗତ ଗଣମାଧ୍ୟମ ସଂପର୍କରେ ଆସିଥିବା ଲୋକେ ଏକ ନିର୍ଦ୍ଦିଷ୍ଟ ବିଷୟକୁ ବ୍ୟାପକ ପ୍ରଚାର କରିବାରେ ଲାଗିପଡିଛନ୍ତି । ସମାଜ ପାଇଁ ଆବଶ୍ୟକ ବା ଅନାବଶ୍ୟକ କଥା ଚିନ୍ତା ନହୋଇ ସମ୍ବାଦ ପରିବେଷଣ ହେଉଛି । ସତ୍ୟତା ପ୍ରତି ଧ୍ୟାନ ନଦେଇ ଯେମିତି ହାଫିଜ ସୟିଦର ମୃତ୍ୟୁ ଖବର ଭାରତରେ ବହୁବାର ପ୍ରଚାର କରାଯାଇଆସିଛି ଏହାର ମୂଳରେ ପାକିସ୍ତାନର କିଛି ସମ୍ବାଦଦାତା ରହୁଛନ୍ତି, ଯେଉଁମାନଙ୍କ ଖବରକୁ କପି ପେଷ୍ଟ କରି ଭାରତରେ ପ୍ରଚାର କରାଯାଉଛି । ଯେମିତି ସୀମା ହାଇଦର ଘଟଣାକୁ ମଧ୍ୟ ଉଦାହରଣ ସ୍ୱରୂପ ନିଆଯାଇପାରେ । ସେମିତି ମୋନାଲିସାର ଖବର କିମ୍ବା କୁମ୍ଭମେଳାରେ ଦାନ୍ତକାଠି ବିକ୍ରିକରି ୪୦ହଜାର ରୋଜଗାର କରିଥିବା ଜୌନପୁର କଲେଜଛାତ୍ରର ଘଟଣା । ଏସବୁକୁ ଚଟ୍‌ପଟି ନିଉଜ୍ ନାମରେ ପରିବେଷଣ କରାଯାଇଛି । ଏପରିକି ଏହାର ପ୍ରତିକ୍ରିୟାକୁ ମଧ୍ୟ କେନ୍ଦ୍ରକରି ଥାନାରେ ଅନେକ ମାମଲା ଆସିଛି । ଏଥିରେ ଗୋଟିଏ ବିଷୟ ପରିଲକ୍ଷିତ ହେଉଛି ଯେ କିଛି ଲୋକ ଚାହିଁଲେ ସାରାଦେଶର ଦୃଷ୍ଟିକୁ ଗୋଟିଏ ଆଡେ ଆକର୍ଷିତ କରିପାରୁଛନ୍ତି । ବଡ ବଡ ଘଟଣା ଅପେକ୍ଷା ଛୋଟ ଛୋଟ ଘଟଣାକୁ ବଡ କରି ପ୍ରଚାର କରାଯାଉଛି । ଯେମିତି କୁମ୍ଭମେଳାରେ ଗ୍ୟାସ ସିଲିଣ୍ଡରର ବନ୍ଦ କରାନଯିବା ହେତୁ ଯେଉଁ ଅଗ୍ନିକାଣ୍ଡ ଘଟିଥିଲା ତାକୁ ଖାଲିସ୍ତାନୀ ଆକ୍ରମଣ ବୋଲି କେତେକ ଗଣମାଧ୍ୟମରେ ପ୍ରସାରିତ କରିବାକୁ ପାକିସ୍ତାନର ଆଇଏସ୍‌ଆଇ ସକ୍ଷମ ହୋଇଥିଲା । ଆଇଏସ୍‌ଆଇର ଖବରକୁ ଭାରତର କେତେକ ଗଣମାଧ୍ୟମ କପି ପେଷ୍ଟ କରି ପ୍ରଚାର କଲେ । ତେଣୁ ଭାରତ ଭିତରେ ଗଣମାଧ୍ୟମକୁ କେତେକାଂଶରେ ନିଜ ହାତମୁଠାରେ ରଖିବାପାଇଁ ପ୍ରକଳ୍ପ ୧୩୭୬ କାର୍ଯ୍ୟ କରି ସକ୍ଷମ ହୋଇଛି । ଏହି ପ୍ରକଳ୍ପକ ଅନ୍ୟ ଏକ କାର୍ଯ୍ୟହେଲା ବୁଦ୍ଧିଜୀବୀ ଲୋକମାନଙ୍କୁ କବ୍‌ଜା କରିବା । ଯେମିତି କିଛି ଲୋକ ସୋସିଆଲ ମିଡିଆରେ ଦୈନିକ ଚୀନର ପ୍ରଶଂସାରେ ନାନା ବିଷୟ ପ୍ରସାରିତ କରି ଚୀନ କିପରି ଆମେରିକା ସ୍ତରକୁ ଗଲାଣି ତାହା ଦର୍ଶାଇବାରେ ବ୍ୟସ୍ତ । ଆଭ୍ୟନ୍ତରୀଣ ଚୀନ, ଗ୍ରାମାଞ୍ଚଳରେ ଚୀନକୁ କେନ୍ଦ୍ରକରି କମ୍ ଖବର ପ୍ରସାରିତ ହେଉଛି । ସେମିତି ନିର୍ବାଚନ ସରି ନଥିବା ସ୍ଥଳେ ଦେଶରେ କମ୍ ପ୍ରତିଶତ ଲୋକେ ଭୋଟ ଦେବା, ତଦନୁଯାୟୀ ସରକାର ବଦଳିଯିବା ପରି ଭୋଟ ଫଳାଫଳ ପ୍ରକାଶ ପୂର୍ବରୁ ଏବଂ ଭୋଟ ଚାଲିଥିବା ସମୟରେ ଖବରମାନ ସମୀକ୍ଷା ଆଳରେ ପ୍ରସାରିତ କରାଗଲା । ଏସବୁ ଖବର ନିର୍ବାଚନକୁ ପ୍ରଭାବିତ କରିବାକୁ କରାଯାଇଥିଲା । ସେତିକି ନୁହେଁ ଡିପ୍‌ଫେକ୍ ଟେକ୍‌ନୋଲୋଜୀ ସହାୟତାରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କଣ୍ଠସ୍ୱରକୁ ବ୍ୟବହାର କରାଯାଇ ମିଛ ଭିଡିଓମାନ ପ୍ରସାରିତ କରାଯାଇଥିଲା । ଯେମିତି ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ହୋଇଥିଲା । ଗବେଷଣା ଆଳରେ ଦେଶର ବିଶ୍ୱବିଦ୍ୟାଳୟଗୁଡିକ ସହ ଚୀନ ବିଶ୍ୱବିଦ୍ୟାଳୟକୁ ଯୋଡି ପ୍ରାଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଚୀନ ସହ ଯୋଡିବା ହେଉଛି ପ୍ରକଳ୍ପ ୧୩୭୬ର ଅନ୍ୟ ଏକ ଲକ୍ଷ୍ୟ । ଏଠାରେ ଏକ ଉଦାହରଣ ରଖାଯାଇପାରେ ବିବେକାନନ୍ଦ ଫାଉଣ୍ଡେସନର ରାଜୀବ ଶର୍ମାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା । ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା ଯେ ସେ ଜଣେ ନେପାଳୀ ମହିଳାଙ୍କୁ ଦେଶର ଅନେକ ତଥ୍ୟ ପ୍ରଦାନ କରୁଥିଲେ । ରାଜୀବ ଶର୍ମାଙ୍କ ଲେଖାଗୁଡିକ ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । କଥା ହେଲା ଯେ ଏକଦା ବିବେକାନନ୍ଦ ଫାଉଣ୍ଡେସନରେ ଦେଶର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କାର୍ଯ୍ୟ କରୁଥିଲେ । ସେଭଳି ଅନୁଷ୍ଠାନରେ ଚୀନ ଏଜେଣ୍ଟ ପ୍ରବେଶ କରିବା ଛୋଟ କଥା ନୁହେଁ ।

ବିଦେଶରେ ଖାଲିସ୍ତାନୀ ସନ୍ତ୍ରାସବାଦୀ ପନ୍ନୁଙ୍କୁ ଭାରତ ହତ୍ୟାକରିବା ପାଇଁ ଚାହୁଁଥିବା ଏବଂ ସେଥିପାଇଁ ଏଜେଣ୍ଟ ପ୍ରେରଣ କରିଥିବା ଖବର ଚୀନା ସହଯୋଗୀମାନେ ଭାରତ ଭିତରେ ଏବଂ ବାହାରେ ପ୍ରଚାର କରିଥିଲେ । ଏପରିକି ରିସର୍ଚ୍ଚ ଆନାଲିସିସ୍ ୱିଙ୍ଗର ଅଧିକାରୀମାନଙ୍କୁ ଅଷ୍ଟ୍ରେଲିଆରୁ ଏଥିପାଇଁ ବାହାର କରାଯାଇଥିବା ଖବର ଚୀନ ପ୍ରସାରିତ କରିଥିଲା । ଭାରତର ସମ୍ମାନକୁ ବିଦେଶରେ ଖରାପ କରିବାକୁ ପାକିସ୍ତାନର ଆଇଏସ୍‌ଆଇ ପରି ଚୀନ ଉଦ୍ୟମ ଚଳାଇଛି । ଠିକ୍ ସେମିତି ଦେଶ ଭିତରେ ଗଣତନ୍ତ୍ର, ନିର୍ବାଚନ ବ୍ୟବସ୍ଥାକୁ ସନ୍ଦେହ କଲାପରି ଖବର ମଧ୍ୟ ପ୍ରସାରିତ କରି ଲୋକଙ୍କ ମନରେ ଗଣତନ୍ତ୍ର ବିରୋଧୀ ଭାବନା ସୃଷ୍ଟି କରୁଛି । କଥା ହେଲା ପାକିସ୍ତାନରେ ଆଇଏସ୍‌ଆଇ ଯେପରି ସେଠାକାର ସରକାର ଏବଂ ନିର୍ବାଚନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି ଠିକ୍ ସେମିତି ଭାରତରେ ଏକ ନିୟନ୍ତ୍ରଣକାରୀ ଗୋଷ୍ଠୀ ନିର୍ମାଣରେ ଚୀନ ଲାଗିପଡିଛି ।

ଓଡିଶାର ଖଣି, ପାଣି ଏବଂ ଜଳସୀମା ଉପରେ ଚୀନର ଦୃଷ୍ଟିଥିବାରୁ ରାଜ୍ୟସରକାର ଗୋଇନ୍ଦା ବିଭାଗ ଏବଂ ପୁଲିସ ବାହିନୀ ଏଥିପ୍ରତି ସତର୍କ ରହିବା ଦରକାର । କାରଣ ଦେଶ ବାହାରେ ଆଦାନୀଗ୍ରୁପ ଚୀନର ସବୁଠୁ ଅଧିକ କ୍ଷତି କରୁଛି । ଓଡିଶାରେ ଧାମରା, ଗୋପାଳପୁର ସମେତ ସୁନ୍ଦରଗଡରେ ଆଦାନୀ ଗ୍ରୁପ କାର୍ଯ୍ୟ କରୁଥିବାରୁ ରାଜ୍ୟରେ ଆଦାନୀ ବିରୋଧୀ ଆନ୍ଦୋଳନ ରାଜନେତା, ଏନ୍‌ଜିଓର କର୍ମୀଙ୍କୁ ନେଇ କରାଯିବାର ସମ୍ଭାବନା ରହିଛି । ସେମିତି ରାଜ୍ୟରେ ଯେଉଁ ବ୍ୟବସାୟୀମାନେ ପ୍ରକଳ୍ପ ୧୩୭୬ର ଏଜେଣ୍ଟ ସାଜି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଖୋଜି ବାହାର କରାଯିବା ଆବଶ୍ୟକ । କେଉଁ କେଉଁ ଲୋକେ ବିଗତ ଦିନରେ ଅଧିକଥର ଚୀନଗସ୍ତ କରିଛନ୍ତି, କାହିଁକି କରିଛନ୍ତି, କାହାକୁ ଭେଟିଛନ୍ତି, କେତେ ଅର୍ଥ ପାଇଛନ୍ତି, ବ୍ୟାଙ୍କ ଖାତାକୁ କେଉଁଠୁ ପଇସା ଆସିଛି କେମିତି ଅଳ୍ପ ଦିନରେ ବଡଲୋକ ହୋଇଛନ୍ତି, ସେ ସବୁର ତଦନ୍ତ ହେବା ଆବଶ୍ୟକ । ଜନସାଧାରଣ ମଧ୍ୟ ନିଜ ଅଞ୍ଚଳରେ କିଛି ଲୋକଙ୍କ ଅସ୍ୱାଭାବିକ ବିକାଶ ଦେଖିଲେ ସୂଚନା ଭିଜିଲାନ୍ସ ଏବଂ ଗୋଇନ୍ଦା ବିଭାଗକୁ ଜଣାଇବା ଦରକାର ।

# ସ୍ମରଣ: ଡ଼ଃ ରାମମନୋହର ଲୋହିଆ

**ଡାକ୍ତର ରବି ରଞ୍ଜନ ସାହୁ**

ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁ ସମାଜବାଦୀ ଜନନାୟକମାନେ ଭାରତରେ ଏକ ନୂଆ ସମାଜ ଗଢ଼ିବା ଲାଗି ସ୍ୱପ୍ନ ଦେଖିଥିଲେ ଓ ବିପ୍ଲବକୁ ଜୀବନର ସର୍ବପ୍ରଧାନ ବ୍ରତ ଭାବରେ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଡ଼ଃ ରାମମନୋହର ଲୋହିଆ (ଆବିର୍ଭାବ - ୨୩ ମାର୍ଚ୍ଚ ୧୯୧୦, ତିରୋଧାନ- ୧୨ ଅକ୍ଟୋବର ୧୯୬୭) ଥିଲେ ଅନ୍ୟତମ ଓ ଆଗଧାଡ଼ିର ବିପ୍ଲବୀ । ଗୋଟିଏ ଦିଗରେ ଦେଶର ଅଗଣିତ ଲୋକଙ୍କର ବଞ୍ଚନା, ଶୋଷଣ, ନିର୍ଯାତନା ଓ ଦାରିଦ୍ର୍ୟ, ଅନ୍ୟଦିଗରେ ସେଭଳି ଲୋକଙ୍କର ଭାଗ୍ୟୋଦୟ ଲାଗି ଗାନ୍ଧିଜୀଙ୍କର ଅତନ୍ଦ୍ର ଅହିଂସା ସଂଗ୍ରାମ ତାଙ୍କ ମଧ୍ୟରେ ଯୁଗପତ୍ ଯେଉଁ ଯନ୍ତ୍ରଣା ଓ ଭାବାବେଗ ସୃଷ୍ଟି କରିଥିଲା, ତାହା ହିଁ ଥିଲା ସମାଜବାଦୀ ସମାଜ ଗଠନ ଲାଗି ତାଙ୍କ ସ୍ୱପ୍ନର ଉପକ୍ରମଣିକା । ସେ ସ୍ୱପ୍ନକୁ ସାକାର କରିବା ଲାଗି ସେ ଆଜୀବନ ଯାତ୍ରୀ ହୋଇଥିଲେ ବୈପ୍ଲବିକ ଆଗ୍ନେୟ ପଥରେ - ସହଯୋଗୀ ଥିଲେ ଜୟପ୍ରକାଶ, ଅରୁଣା ଆସଫଅଲ୍ଲୀ, ଅଶୋକ ମେହେଟ୍ଟା, ରାମନନ୍ଦନ ମିଶ୍ର, କମଳା ଦେବୀ ଚଟ୍ଟୋପାଧ୍ୟାୟ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ ଓ ସାରଙ୍ଗଧର ଦାସଙ୍କ ଭଳି ଅନେକ ସାଥୀ ।

ପିଲା ଅବସ୍ଥାରୁ ହିଁ ରାମମନୋହର ଜାତୀୟବାଦ ଓ ସ୍ୱାଧୀନତା ସଂଗ୍ରାମ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ, ତାଙ୍କର ପିତା ହିରାଲାଲ ଥିଲେ ଜଣେ ଜାତୀୟତାବାଦୀ ଓ ଆଦର୍ଶ ଶିକ୍ଷକ । ଯେତେବେଳେ ଯେଉଁଠି ପ୍ରତିବାଦ ସମାବେଶ ଅନୁଷ୍ଠିତ ହେଉଥିଲା ହୀରାଲାଲ ସାଙ୍ଗରେ ପୁଅକୁ ନେଇ ସେଠାକୁ ଯାଉଥିଲେ । ଗାନ୍ଧିଜୀଙ୍କ ସଭାଗୁଡ଼ିକରେ ରାମମନୋହର ପିତାଙ୍କ ସହିତ ଉପସ୍ଥିତ ରହି ମନଧ୍ୟାନ ଦେଇ ତାଙ୍କର ଭାଷଣ ଶୁଣୁଥିଲେ ଏବଂ ଅଭିଭୂତ ହେଉଥିଲେ । ଏ ସବୁ ଫଳରେ ତାଙ୍କ ଚିନ୍ତା, କାର୍ଯ୍ୟ ଓ ଭାବରେ ଜାତୀୟତାବାଦ ଓ ସ୍ୱରାଜର ମନ୍ତ୍ର ଉଜ୍ଜୀବିତ ହୋଇଥିଲା । ବିଶେଷ କରି ଗାନ୍ଧିଜୀଙ୍କ ଆଧ୍ୟାତ୍ମିକ ଶକ୍ତି ଓ ଅନନ୍ୟ ଆତ୍ମ ନିୟନ୍ତ୍ରଣ ତାଙ୍କୁ ଅତିମାତ୍ରାରେ ପ୍ରଭାବିତ କରିଥିଲା । ଯା'ଫଳରେ ସେ ଗାନ୍ଧିପଥର ଅନୁସାରୀ ହେବାକୁ ଶପଥ ନେଇଥିଲେ । କୈଶୋର ଜୀବନରେ ତାହା ସେ ପ୍ରତିପାଦିତ କରିଥିଲେ । ଲୋକମାନ୍ୟ ତିଲକଙ୍କ ତିରୋଧାନ ବେଳେ ଏକ କ୍ଷୁଦ୍ର ହରତାଳର ଆୟୋଜନ କରି ମାତ୍ର ୧୦ ବର୍ଷ ବୟସରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇ ଏବଂ ପ୍ରାକ୍ ସ୍ନାତକ ଛାତ୍ରାବସ୍ଥାରେ (୧୯୨୮)ରେ ସାଇମନ୍ କମିଶନଙ୍କ ବିରୁଦ୍ଧରେ ଛାତ୍ର-ବିକ୍ଷୋଭ ଆୟୋଜନ କରିଥିଲେ ।

ଲୋହିଆଙ୍କ ସଂଗ୍ରାମୀ ଜୀବନ ଯେଭଳି ବହୁ ବୈଶିଷ୍ଟ୍ୟପୂର୍ଣ୍ଣ ଥିଲା ଛାତ୍ରଜୀବନ ସେଇଭଳି ଅନନ୍ୟ ଥିଲା । ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇ କୋଲକତାରୁ ବି.ଏ ପାସ୍ କରି ଅସାଧାରଣ ଭାବେ ଇଂଲଣ୍ଡ ନ ଯାଇ ସେ ଜର୍ମାନୀରେ ଅଧିକ ଶିକ୍ଷା ଲାଭ ଲାଗି ସ୍ଥିର କଲେ ଏବଂ ସେଥିଲାଗି ଜର୍ମାନୀ ଭାଷା ପଢ଼ିଲେ । ସେ ଇଉରୋପରେ ଥିବାବେଳେ ଜେନେଭାରେ ଅନୁଷ୍ଠିତ ଲିଗ୍ ଅଫ୍ ନେସନ୍‌ସ ବୈଠକରେ ବ୍ରିଟିଶ ଶାସନର ସହଯୋଗୀ ବିକାନିର ରାଜା ଭାରତର ପ୍ରତିନିଧିତ୍ୱ କରିଥିଲେ । ସେତେବେଳେ ଦର୍ଶକ ଗ୍ୟାଲେରୀରେ ଉପସ୍ଥିତ ଥାଇ ଲୋହିଆ ସେଭଳି ପ୍ରତିନିଧିତ୍ୱର ତୀବ୍ର ବିରୋଧ କରିଥିଲେ । ବିଭିନ୍ନ ସମ୍ବାଦପତ୍ର ଓ ପତ୍ରିକାର ସଂପାଦକମାନଙ୍କୁ ଲେଖିଥିବା ପତ୍ରରେ ସେଭଳି ପ୍ରତିବାଦର ସେ ଯେଉଁ ସ୍ପଷ୍ଟୀକରଣ ଦେଇଥିଲେ, ତା' ତାଙ୍କୁ ଭାରତର ଜଣେ ଗଣ୍ୟମାନ୍ୟ ନେତା ଭାବରେ ପରିଚିତ କରାଇଥିଲା । ତଦ୍ୱାରା ସେ ଇଉରୋପୀୟ ଓ ଭାରତୀୟ ଆସୋସିଏସନ ଗଠନ କରିବାକୁ ସମର୍ଥ ହୋଇପାରିଥିଲେ ଏବଂ ଆସୋସିଏସନର ସଂପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ଲକ୍ଷ୍ୟ ଥିଲା ସେ ସଂଗଠନ ମାଧ୍ୟମରେ ବିଦେଶରେ ଭାରତର ଜାତୀୟତାବାଦକୁ ସଂରକ୍ଷିତ ଓ ସଂପ୍ରସାରିତ କରିବା ।



ଇଉରୋପରୁ ଫେରି ଆସିବାପରେ ଭାରତୀୟ ସମାଜରେ ସମସ୍ତଙ୍କୁ ସମାନ ସୁଯୋଗ, ସମାନ ସୁବିଧା, ସମାନ ନ୍ୟାୟ ଓ ସମାନ ଅଧିକାର ଦେବାର ଲକ୍ଷ୍ୟ ନେଇ ସେ ସମାଜବାଦ ପ୍ରତି ଆକୃଷ୍ଟ ହେଲେ ଏବଂ ୧୯୩୪ରେ କଂଗ୍ରେସ - ସମାଜବାଦୀ ପାର୍ଟି ଗଠନରେ ସହାୟକ ହୋଇଥିଲେ । ନିଖିଳ ଭାରତ କଂଗ୍ରେସ କମିଟିକୁ ନିର୍ବାଚିତ ହେବା ପରେ ପ୍ରଥମେ ସେ କଂଗ୍ରେସରେ ବୈଦେଶିକ ବ୍ୟାପାର କମଟି ଗଠନ କରିଥିଲେ ଏବଂ ନେହେରୁ ତାଙ୍କୁ ସେ କମିଟିର ସଂପାଦକ ଭାବରେ ନିଯୁକ୍ତ କରିଥିଲେ । ସେତେବେଳେ ସ୍ୱାଧୀନ ଭାରତର ବୈଦେଶିକ ନୀତିର ରୂପରେଖ ନିର୍ଣ୍ଣୟ କରିବାରେ ତାଙ୍କର ଭୂମିକା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଦୂରଦୃଷ୍ଟି ସଂପନ୍ନ ବି ଥିଲା, ସେଭଳି ଦୂରଦୃଷ୍ଟି ମଧ୍ୟ ପ୍ରତିଫଳିତ ହୋଇଥିଲା, ବ୍ୟବସ୍ଥା ସଭାରେ ମହିଳାଙ୍କ ସ୍ଥାନ ସଂରକ୍ଷଣ ଲାଗି ୧୯୫୧ ମସିହାରେ ତାଙ୍କ ଦାବିଦ୍ୱାରା ଦଳିତ, ଅନଗ୍ରସର ଶ୍ରେଣୀ ଓ ମହିଳା ପାଇଁ ଶତକଡ଼ା ୬୦ ଭାଗ ସ୍ଥାନ ସଂରକ୍ଷଣ ଲାଗି ସେତେବେଳେ ସେ ଦାବି କରିଥିଲେ । ଆଜିର ପ୍ରେକ୍ଷାପଟ୍ଟରେ ତାଙ୍କର ସେ ଦୂରଦୃଷ୍ଟି ନିଶ୍ଚୟ ପ୍ରଣୀଧାନଯୋଗ୍ୟ ।

ସଂଗ୍ରାମ ଓ ଆନ୍ଦୋଳନକୁ ଆଗେଇ ନେବାପାଇଁ ଏବଂ ପରିବର୍ତ୍ତନ ଓ ନୂତନତ୍ୱକୁ ସର୍ବାଦୃତ କରିବା ପାଇଁ ଲୋହିଆଙ୍କ ଲେଖା ଓ ଭାଷଣର ପ୍ରଭାବ ଯେଭଳି ଯାଦୁକାରୀ ଥିଲା, ତାଙ୍କର ବ୍ୟକ୍ତିତ୍ୱ, ସାହସ, ନିଷ୍ଠା ଓ ସମସ୍ତ ବିପଦ ସମ୍ମାରେ ଅକୁତୋଭୟତା ସେଇଭଳି ଅନବଦ୍ୟ ଥିଲା । ସେଥିଯୋଗୁଁ ସତ୍ୟାଗ୍ରହ ଆନ୍ଦୋଳନ ପ୍ରତି ଯେଭଳି ସେ ସାଧାରଣ ଲୋକଙ୍କୁ ଆକୃଷ୍ଟ କରାଇପାରିଥିଲେ, ୧୯୪୨ର ଅଗଷ୍ଟ ବିପ୍ଲବ ବେଳେ ସେଇଭଳି ଗୋପନ ସଂଗ୍ରାମ ଦ୍ୱାରା ସ୍ୱାଧିନତା ଆନ୍ଦୋଳନକୁ ସଂଜୀବିତ ରଖିପାରିଥିଲେ । ଏ ଉଭୟ କାର୍ଯ୍ୟ ପାଇଁ ତାଙ୍କୁ କାରାବରଣ କରିବାକୁ ପଡ଼ିଥିଲା ଏବଂ ୪୨ର କାରାଜୀବନରେ ସେ ଅକଥନୀୟ ନିର୍ଯାତନାର ଶିକାର ହୋଇଥିଲେ, ତେବେ ବି ତାଙ୍କର ମନୋବଳ ଥିଲା ଅଦମନୀୟ ।

ସମାଜବାଦୀ ଆନ୍ଦୋଳନ ଦ୍ୱାରା ସମାଜର ଦୁର୍ଗତମାନଙ୍କୁ ପୁଞ୍ଜିବାଦୀ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଶୋଷଣ, ନିର୍ଯ୍ୟାତନା ଓ ବଞ୍ଚନାରୁ ମୁକ୍ତ କରିବା ଡ଼ଃ ଲୋହିଆ ଓ ତାଙ୍କର ସମାଜବାଦୀ ସାଥିମାନଙ୍କର ଲକ୍ଷ୍ୟ ଥିଲେ ହେଁ, ତଦନୁରୂପ ଲକ୍ଷ୍ୟ ପୋଷଣ କରୁଥିବା ସାମ୍ୟବାଦୀମାନଙ୍କ ମାର୍ଗଠାରୁ ସେମାନଙ୍କ ମାର୍ଗ ଥିଲା ଭିନ୍ନ । ଶ୍ରେଣୀ ସଂଘର୍ଷ ନୁହେଁ ଅହିଂସା ଗଣତାନ୍ତ୍ରିକ ବାଟରେ ସମାଜବାଦୀମାନେ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଥିଲେ । ଲୋହିଆ ଅନୁଭବ କରିଥିଲେ ଯେ ଶ୍ରେଣୀଭେଦ (ଥିଲାବାଲା ଓ ନଥିଲାବାଲାଙ୍କ ମଧ୍ୟରେ ବିଭେଦ) ଅପେକ୍ଷା ଜାତିଭେଦ ହେଉଛି ଭାରତରେ ସାମାଜିକ ପରିବର୍ତ୍ତନ ବା ନୂଆ ସମାଜ ଗଠନ ଲାଗି ଅଧିକ ବଡ଼ ପ୍ରତିବନ୍ଧକ ଶ୍ରେଣୀଭେଦ ଅସ୍ଥାୟୀ ଓ ଭ୍ରାମ୍ୟମାଣ, ମାତ୍ର ଜାତିଭେଦ ପୁରୁଷାନୁକ୍ରମିକ, ସ୍ଥାୟୀ ଓ ବଂଶଗତ । ଏ ଭେଦ ଥିବା ଯାଏ ସମାଜର ପରିବର୍ତ୍ତନ ଓ ଅଗ୍ରଗତି ସହଜ ନୁହେଁ, ତେଣୁ ଜାତିଭେଦର ଲୋପ ଲାଗି ଲୋହିଆଙ୍କର ଫର୍ମୁଲା ଥିଲା 'ରୋଟି ଓ ବେଟୀ', ଅର୍ଥାତ ଜାତିଆଣ ବାଛ-ବିଚାର ନ ରଖି ଏକାଠି ବସିଖାଅ ଓ ଅନ୍ୟ ଜାତିରେ ଝିଅ ବାହାଦିଅ । ଡ଼ଃ ଲୋହିଆଙ୍କର ବହୁ ବୈଶିଷ୍ଟ୍ୟ ମଧ୍ୟରେ ଅନ୍ୟତମ ଓ ପ୍ରଧାନ ହେଉଛି ତାଙ୍କର ସାଲିସ୍‌ବିହୀନ ନେତୃତ୍ୱ । ଲକ୍ଷ୍ୟାଭିମୁଖୀ ଆନ୍ଦୋଳନର ସ୍ୱାର୍ଥ ପାଇଁ ଆବଶ୍ୟକ ହେଲେ ସେ ନିଜର ଘନିଷ୍ଠ ସତୀର୍ଥ ଓ ବନ୍ଧୁଙ୍କୁ ସମାଲୋଚନା କରିବାକୁ କୁଣ୍ଠିତ ହେଉନଥିଲେ ।

ହିନ୍ଦୁ-ମୁସଲମାନ ଦଙ୍ଗା ମଧ୍ୟରେ ଭାରତର ବିଭାଜନକୁ ଲୋହିଆ ଦୃଢ଼ ବିରୋଧ କରୁଥିଲେ ଏବଂ ୧୯୪୭ ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ବେଳେ ବିଭାଜନ ଯୋଗୁଁ ଶୋକାର୍ତ୍ତ ଗାନ୍ଧିଜୀଙ୍କ ନିକଟରେ ଚୁପ୍‌ଚାପ୍ ଛିଡ଼ା ହୋଇ ରହିଥିଲେ । ସେ ଇଂରାଜୀ ଭାଷାର ତୀବ୍ର ବିରୋଧି ଥିଲେ ଏବଂ ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସେଇଭଳି ସୋସାଲିଷ୍ଟ ଦଳର ଏକ ବାର୍ଷିକ ସମ୍ମିଳନୀରେ ସେ କ୍ଷମତା ବିକେନ୍ଦ୍ରୀକରଣର (ଯାହା ଏବେ କାର୍ଯ୍ୟକାରୀ ହେଉଛି) ପ୍ରସ୍ତାବ ଦେଇ ଯେଭଳି ଚମକ ସୃଷ୍ଟି କରିଥିଲେ ସେଇଭଳି ୧୯୬୨ର ଚୀନ-ଭାରତ ଯୁଦ୍ଧ ପରେ ବୋମା ନିର୍ମାଣ ଲାଗି ପ୍ରସ୍ତାବ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ରଚନାତ୍ମକ କ୍ଷେତ୍ରରେ ସ୍ୱେଚ୍ଛାସେବୀ ଉଦ୍ୟମର ସେଥିରେ ଅନନ୍ୟ ପ୍ରବକ୍ତା ସଡ଼କ, କେନାଲ ଇତ୍ୟାଦିର ନିର୍ମାଣ କାର୍ଯ୍ୟରେ ଲୋକଙ୍କ ସଂପୃକ୍ତି ଉପରେ ସେ ବରାବର ଗୁରୁତ୍ୱ ଦେଉଥିଲେ । ସେଭଳି ସଂପୃକ୍ତିର ଏକ ନିଦର୍ଶନ ହେଉଛି 'ଲୋହିଆ ସାଗର ନଦୀବନ୍ଧ' ଯେଉଁଥିପାଇଁ ସେ ନିଜେ ଶ୍ରମଦାନ କରିଥିଲେ । କଂଗ୍ରେସ, କଂଗ୍ରେସ ସମାଜବାଦୀ, ସୋସାଲିଷ୍ଟ ବା ପ୍ରଜାସୋସାଲିଷ୍ଟ ଯେକୌଣସି କ୍ଷେତ୍ରର ନେତୃତ୍ୱରେ ଥିଲେ ବି ସେ ଦେଶର ଭବିଷ୍ୟତ ଲାଗି ଅର୍ଥନୈତିକ ଶକ୍ତିର ବିକାଶକୁ ଅଗ୍ରାଧିକାର ଦେଉଥିଲେ । ସୋସାଲିଷ୍ଟ ଦଳ ମଧ୍ୟରେ ଗଠିତ 'ଲୋହିଆ ମଞ୍ଚ' ତାଙ୍କର ବାସ୍ତବ ଓ ଦୂରଦର୍ଶୀ ଚିନ୍ତାଧାରାର ପ୍ରକ୍ଷାପକ ଥିଲା ।

ଏଭଳି ବହୁଭାବରେ ଚର୍ଚ୍ଚିତ, ସମ୍ମାନିତ ଆଦୃତ ଓ ପ୍ରଶଂସିତ ଏହି ମହାନ୍ ଜନନାୟକ ୧୯୧୦ ମାର୍ଚ୍ଚ ୨୩ ତାରିଖରେ ଉତ୍ତର ପ୍ରଦେଶରେ ଆମ୍ବେଦକର ନଗର ଜିଲ୍ଲା ଅନ୍ତର୍ଗତ ଆକବରପୁର ଗ୍ରାମରେ ପିତା ହୀରାଲାଲ ଓ ମାତା ଚନ୍ଦାଙ୍କ କୋଳମଣ୍ଡିତ କରି ୧୯୬୭ ଅକ୍ଟୋବର ୧୨ ତାରିଖରେ ଅବର୍ତ୍ତମାନ ହୋଇଯାଇଥିଲେ ମଧ୍ୟ ତାଙ୍କ ସମାଜବାଦୀ ଆଦର୍ଶ ଏବେ ବି ବଞ୍ଚି ରହିଛି, କୌଣସି ନା କୌଣସି ସମୟରେ ଉତ୍ତର ପୀଢ଼ିକୁ ମାର୍ଗଦର୍ଶନ ଦେବା ପାଇଁ ।


ଚାନ୍ଦିନୀଚୌକ, କଟକ-୨

ଦୂରଭାଷ: ୯୪୩୭୩-୧୦୧୭୧

# ବୈଚିତ୍ରା





# ସଲାମ୍ ସୁନୀତା

ମହାକାଶ ବିଜ୍ଞାନ କ୍ଷେତ୍ରରେ ବିଶ୍ୱକୁ ମିଳିଛି ବଡ଼ ସଫଳତା । ଏକାଧିକ ଚେଷ୍ଟା ପରେ ୯ ମାସ ପରେ ପୃଥିବୀକୁ ଫେରିଛନ୍ତି ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର ଓ ଅନ୍ୟ ଦୁଇ ମହାକାଶଚାରୀ ଆଲେକଜାଣ୍ଡର ଗୋର୍ବୁନୋଭ ଓ ନିକ୍ ହେଗ୍ । ଆମେରିକାର ଫ୍ଲୋରିଡା ନିକଟ ସମୁଦ୍ର ତଟରେ ସ୍ପେଶ-ଏକ୍ସ କ୍ରୁ ଡ୍ରାଗନର ସଫଳ ଅବତରଣ ହୋଇଥିଲା । ଦୀର୍ଘ ୧୭ ଘଣ୍ଟାର ଯାତ୍ରା ପରେ ସ୍ପେଶ୍ ଷ୍ଟେସନରୁ ପୃଥିବୀ ପୃଷ୍ଠରେ ପହଞ୍ଚିଥିଲେ ମହାକାଶଚାରୀ । ଭାରତୀୟ ସମୟ ଭୋର ୩ଟା ୨୭ ମିନିଟରେ ସମୁଦ୍ରରେ ଲ୍ୟାଣ୍ଡ କରିଥିଲା ନାସାର ସ୍ପେସକ୍ରାଫ୍ଟ । ପହଞ୍ଚିବା ମାତ୍ରେ ସୁନିତା ଓ ଅନ୍ୟ ମହାକାଶଚାରୀଙ୍କୁ ଷ୍ଟ୍ରେଚରରେ ନାସାର ବିମାନ ଭିତରକୁ ନିଆଯାଇଥିଲା । ଏହାପରେ ତାଙ୍କୁ ହ୍ୟୁଷ୍ଟନରେ ଥିବା ଜନ୍ସନ୍ ସ୍ପେସ୍ ସେଣ୍ଟରକୁ ନିଆଯାଇଛି । ସେଠାରେ ୪୫ ରୁ ଦିନରୁ ଅଧିକ ଦୁଇ ମହାକାଶଚାରୀ ଡାକ୍ତରୀ ଦେଖାଶୁଣାରେ ରହିବେ । ସାରା ବିଶ୍ୱବାସୀ ତାଙ୍କୁ ସଲାମ ଜଣାଉଛନ୍ତି ।



୯ ମାସ ପରେ ପୃଥିବୀ ପୃଷ୍ଠକୁ ଫେରିଛନ୍ତି ମହାକାଶଚାରୀ ସୁନୀତା ୱିଲିୟମ୍ସ । ସାରା ବିଶ୍ୱ ବୈଜ୍ଞାନିକଙ୍କ ସଫଳତା ପାଇଁ ବେଶ ଖୁସି । କାରଣ ଦୀର୍ଘ ୯ ମାସର ପରିଶ୍ରମ ତା'ର ସଫଳ ହୋଇଛି । ସମସ୍ତ ମହାକାଶଚାରୀମାନେ ସ୍ପେଶଏକ୍ସ ଡ୍ରାଗନ୍ କ୍ୟାପ୍ସୁଲ୍ ମାଧ୍ୟମରେ ଫ୍ଲୋରିଡା ତଟରେ ସୁରକ୍ଷିତ ଭାବରେ ଅବତରଣ କରିଥିଲେ ।

ଆମେରିକାର ଫ୍ଲୋରିଡ଼ା ତଟରେ ଗତ ଗୁରୁବାର ଦିନ ନିର୍ଦ୍ଧାରିତ ଭାରତୀୟ ସମୟ ଭୋର୍ ୩ଟା ୨୭ ମିନିଟରେ ସଫଳ ଲାଣ୍ଡିଂ କରିଥିଲା ଡ୍ରାଗନ୍ କ୍ୟାପସୁଲ୍ । ନାସା ଏବଂ ସ୍ପେଶ୍ ଏକ୍ସର ମିଳିତ ଉଦ୍ୟମରେ ସଫଳତାର ସହ ମହାକାଶ ଛାଡ଼ି ପୃଥିବୀରେ ପହଞ୍ଚିଥିଲେ ୪ ମହାକାଶଚାରୀ । ସୁନୀତା ୱିଲିୟମ୍ସ, ସାଥୀ ବୁଚ ୱିଲମର ଏବଂ ୨ ସହଯୋଗୀ ଦୀର୍ଘ ୯ ମାସ ହେଲା ମହାକାଶରେ ଫସିରହିଥିଲେ । ମହାକାଶଯାନର ପ୍ରପଲ୍ସନ ସିଷ୍ଟମରେ ତ୍ରୁଟି ଓ ହିଲିୟମ ଗ୍ୟାସ୍ ଲିକ୍ ଯୋଗୁଁ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବ ହୋଇଥିଲା । ମହାକାଶରେ ଫସିଥିବା ମହାକଶଚାରୀଙ୍କୁ ସୁରକ୍ଷିତ ଭାବେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ଲାଗି ନାସା ଏବଂ ସ୍ପେଶ୍ ଏକ୍ସ ପକ୍ଷରୁ ମିଳିତ ଉଦ୍ୟମ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ୨୦୨୪ ମସିହା ଜୁନ୍ ୫ ତାରିଖରେ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର ବୋଇଂ ଷ୍ଟାର୍ ଲାଇନର ମହାକାଶଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଓଝଝ)ରେ ପହଞ୍ଚିଥିଲେ । ୮ ଦିନ ପାଇଁ ଓଝଝ ଯାଇଥିବା ୪ ମହାକାଶଚାରୀ ସେମାନଙ୍କ ମହାକାଶଯାନର ତ୍ରୁଟି ଲାଗି ଫେରିବାରେ ବିଳମ୍ବ ହୋଇଥିଲା । ଶେଷରେ ସ୍ପେସ୍ ଏକ୍ସ କ୍ୟାପସୁଲରେ ପୃଥିବୀ ପୃଷ୍ଠକୁ ଫେରିଛନ୍ତି ।



## ମହାକାଶରେ କଣ ଖାଉଥିଲେ ମହାକାଶଚାରୀ

ମହାକାଶ ବିଜ୍ଞାନ କ୍ଷେତ୍ରରେ ବିଶ୍ୱକୁ ମିଳିଛି ବଡ଼ ସଫଳତା । ଏକାଧିକ ଚେଷ୍ଟା ପରେ ୯ ମାସ ପରେ ପୃଥିବୀକୁ ଫେରିଛନ୍ତି ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର ଓ ଅନ୍ୟ ଦୁଇ ମହାକାଶଚାରୀ ଆଲେକଜାଣ୍ଡର ଗୋର୍ବୁନୋଭ ଓ ନିକ୍ ହେଗ୍ । ଆମେରିକାର ଫ୍ଲୋରିଡା ନିକଟ ସମୁଦ୍ର ତଟରେ ସ୍ପେଶ-ଏକ୍ସ କ୍ରୁ ଡ୍ରାଗନର ସଫଳ ଅବତରଣ ହୋଇଛି । ଦୀର୍ଘ ୧୭ ଘଣ୍ଟାର ଯାତ୍ରା ପରେ ସ୍ପେଶ୍ ଷ୍ଟେସନରୁ ପୃଥିବୀ ପୃଷ୍ଠରେ ପହଞ୍ଚିଥିଲେ ମହାକାଶଚାରୀ । ଭାରତୀୟ ସମୟ ଭୋର ୩ଟା ୨୭ ମିନିଟରେ ସମୁଦ୍ରରେ ଲ୍ୟାଣ୍ଡ କରିଛି ନାସାର ସ୍ପେସକ୍ରାଫ୍ଟ ।

## କିପରି ଥିଲା ୯ ମାସର ମହାକାଶ ଜୀବନ ?

କହିବାକୁ ଗଲେ ୮ ଦିନ ପାଇଁ ପ୍ରସ୍ତୁତି କରି ଯାଇଥିଲେ ମହାକାଶଚାରୀ । ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୯ ମାସ ରହିଥିଲେ ସୁନୀତା ଓ ସହଯୋଗୀ । ତେବେ ସେଠାରେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଉଥିଲେ ଆଷ୍ଟ୍ରୋନଟ । ବ୍ରେକଫାଷ୍ଟରେ ଖାଉଥିଲେ ଗହମ ଜାତୀୟ ଖାଦ୍ୟ ସହ ପାଉଡର କ୍ଷୀର । ପିଜା, ଚିଙ୍ଗୁଡି ମାଛ କକଟେଲ୍ସ, ପୋଡ଼ା ଚିକେନ, ଟୁନା ମାଛ ଖାଉଥିଲେ । ଏହା ସହ କମ୍ ପରିମାଣର ଫଳ, ପନିପରିବା ଖାଉଥିଲେ ସୁନୀତା । ପ୍ୟାକେଟିଂ ଥିବା ଫଳ ଓ ପରିବା ଉପଲବ୍ଧ ରହୁଥିଲା । ପ୍ରତି ତିନି ମାସରେ ସ୍ପେସ୍ ଷ୍ଟେସନକୁ ଖାଦ୍ୟ ଯାଉଥିଲା । ଖାଦ୍ୟ ମୁଖ୍ୟତଃ ଶୁଖିଲା ରହୁଥିଲା । ଖାଦ୍ୟକୁ ଗରମ କରି ଖାଉଥିଲେ ମହାକାଶଚାରୀ । ମାଂସ ଓ ଅଣ୍ଡା ପୃଥିବୀରୁ ରନ୍ଧା ହୋଇ ପଠାଯାଉଥିଲା ।

ଆବଶ୍ୟକ ସମୟରେ ଗରମ କରି ଖାଦ୍ୟ ଖାଉଥିଲେ । ସ୍ପେଶ୍ ଷ୍ଟେସନରେ ପିଇବା ପାଇଁ ୫୩୦ ଗ୍ୟାଲନର ପାଣି ଟ୍ୟାଙ୍କ ଥିଲା । ମ୍ୟାଗନେଟିକ୍ ଟ୍ରେରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ । ସୂଚନା ଥାଉକି, ୨୦୨୪, ଜୁନ୍ ୫- ମହାକାଶକୁ ଯାତ୍ରା କରିଥିଲେ ସୁନୀତା । ସାଥୀ ମହାକାଶଚାରୀ ବଚ୍ ୱିଲମୋରଙ୍କ ସହ ମହାକାଶ ଯାତ୍ରା କରିଥିଲେ । ମାତ୍ର ୮ ଦିନ ପାଇଁ ଦୁହିଁଙ୍କୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ବା ଆଇଏସଏସକୁ ପଠାଯାଇଥିଲା । ପୃଥିବୀ ପୃଷ୍ଠରୁ ପ୍ରାୟ ୪ଶହ କିମି ଉପରେ ଶୂନ୍ୟରେ ରହିଛି ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ।

ଫେରିବା ସମୟରେ ଷ୍ଟାରଲାଇନର ମହାକାଶ ଯାନରେ ବୈଷୟିକ ତ୍ରୁଟି ଦେଖାଦେଲା । ପ୍ରଥମେ ବୋଇଂ ଷ୍ଟାରଲାଇନରୁ ହିଲିୟମ୍ ଗ୍ୟାସ ଲିକ୍ କରୁଥିବା ଜଣାପଡିଥିଲା । ପରେ ମହାକାଶ ଯାନର ୪ଟି ଥ୍ରଷ୍ଟ ପଏଣ୍ଟ କାମ କରୁନଥିବା ସୂଚନା ମିଳିଥିଲା । ପରବର୍ତ୍ତୀ ସମୟରେ ମହାକାଶ ଯାନର ଅନ୍ୟ ପଏଣ୍ଟରୁ ହିଲିୟମ୍ ଗ୍ୟାସ ଲିକ୍ ହୋଇଥିଲା । ଏହାପରେ ବୋଇଂ ଷ୍ଟାରଲାଇନରେ ଫେରିବା ସମ୍ଭବ ନୁହେଁ ବୋଲି କହିଥିଲା ନାସା । ସେବେଠାରୁ ମହାକାଶରେ ଫସି ରହିଥିଲେ ସୁନୀତା ଓ ବଚ୍ ୱିଲମୋର ।

## ଡ୍ରାଗନ କ୍ୟାପସୁଲର ମୂଲ୍ୟ କେତେ ?

ମହାକାଶ ଯାତ୍ରୀ ସୁନୀତା ୱିଲିୟମସ୍, ବୁଚ୍ ୱିଲ୍ମୋର, ଆଲେକଜାଣ୍ଡାର ଗୋର୍ବୁନୋଭ ଓ ନିକ୍ ହେଗ୍ ସକୁଶଳେ ପୃଥିବୀକୁ ଫେରିଆସିଛନ୍ତି । ସୁନୀତା ୱିଲିୟମସ ଓ ବୁଚ୍ ୱିଲ୍ମୋର ୬ ଜୁନ ୨୦୨୪ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ)ରେ ସେମାନଙ୍କ ମିସନ ଆରମ୍ଭ କରିଥିଲେ । ଏମାନଙ୍କ ପଛେପଛେ ଆଲେକଜାଣ୍ଡାର ଓ ନିକ୍ ହେଗ୍ ୨୯ ସେପ୍ଟେମ୍ବର ୨୦୨୪ରେ ଆଇଏସଏସ ପହଞ୍ଚିଥିଲେ । ଏହି ମହାକାଶଚାରୀମାନଙ୍କୁ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍ ଏକ୍ସର ଡ୍ରାଗନ ଫ୍ରିଡମ କ୍ୟାପସୁଲ ଫେରସ୍ତ ନେଇ ଆସିଛି ।



ଡ୍ରାଗନ ଫ୍ରିଡମ କ୍ୟାପସୁଲ ତିଆରି ପରଠାରୁ ଏ ପର୍ଯ୍ୟନ୍ତ ୪୯ ଥର ଲଞ୍ଚ ହୋଇଛି, ଏହା ଛଡା ଡ୍ରାଗନ କ୍ୟାପସୁଲ ୪୪ ଥର ଆଇଏସଏସ ଯାତ୍ରା କରିଛି । ତେବେ ଏହି ଡ୍ରାଗନ କ୍ୟାପସୁଲର ମୂଲ୍ୟ କେତେ ଆପଣ ଜାଣନ୍ତିକି ? ଯଦି ଜାଣି ନାହାନ୍ତି ଆସନ୍ତୁ ଜାଣିବା ।

ନାସା ତାଙ୍କର ୪ଜଣ ମହାକାଶଚାରୀଙ୍କୁ ପୃଥିବୀ ଫେରାଇ ଆଣିବା ପାଇଁ ସ୍ପେସ୍ ଏକ୍ସ ର ଡ୍ରାଗନ କ୍ରିୟୁ କ୍ୟାପସୁଲକୁ ବାଛିଥିଲେ । ଏହି କ୍ୟାପସୁଲରେ ଥରକେ ୭ ଜଣ ମହାକାଶଚାରୀ ବସି ପାରିବେ । ଉଲ୍ଲେଖଯୋଗ୍ୟ ଯେ ଏହା ବିଶ୍ୱର ପ୍ରଥମ ଏପରି ଘରୋଇ ଏୟାରକ୍ରାଫ୍ଟ ଯାହା ଲଗାତାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ କାର୍ଗୋ ନେଇ ଯିବାଆସିବା କରୁଛି । ଏହି ଖାଲି କ୍ୟାପସୁଲର ଓଜନ ୭,୭୦୦ କେଜି ତେବେ ଯେତେବେଳେ କାର୍ଗୋ ଓ ମହାକାଶଚାରୀଙ୍କୁ ନେଇ ଯାଏ ଏହାର ଅଧିକତମ ଓଜନ ୧୨,୫୦୦ କେଜି ହୋଇଥାଏ ।

ସାଧାରଣତଃ ଏହି କ୍ୟାପସୁଲରେ ୨ରୁ ୪ ଜଣ ଆଷ୍ଟ୍ରନଟସ ବସି ପାରନ୍ତି, ହେଲେ ଜରୁରିକାଳୀନ ପରିସ୍ଥିତିରେ ଏଥିରେ ୭ଜଣଙ୍କର ବସିବା ବ୍ୟବସ୍ଥା ରହିଛି । ଏଥର ମହାକାଶଚାରୀଙ୍କୁ ପୃଥିବୀକୁ ଫେରାଇଆଣିବାର ଦାୟିତ୍ୱ ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ ନେଇଥିଲା । ସ୍ପେସ୍ ଏକ୍ସ କ୍ରୁ ଡ୍ରାଗନ କ୍ୟାପସୁଲ ଓ ଫାଲକନ-୯ ରକେଟ ମାଧ୍ୟମରେ ମହାକାଶଚାରୀଙ୍କୁ ପୃଥିବୀ ଫେରାଇ ଅଣାଯାଇଛି । ଫାଲକନ-୯ର ଲଞ୍ଚିଂ ବ୍ୟୟ ୬୯.୭୫ ମିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୫୮୦ କୋଟି ଟଙ୍କା । ଏଥିରେ ଡ୍ରାଗନ କ୍ୟାପସୁଲର ମୂଲ୍ୟ ୧୪୦ ମିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୧,୧୭୦ କୋଟି ଟଙ୍କା ।

ଏହି ବ୍ୟୟ ହିସାବରୁ ଡ୍ରାଗନ ସ୍ପେସ୍ କ୍ରାଫ୍ଟର ପ୍ରତି ସିଟ୍ ମୂଲ୍ୟ ୫୫ମିଲିୟନ ଡଲାର ପଡୁଛି । ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍ ଏକ୍ସ ନିଜ ରକେଟ ଓ କ୍ୟାପସୁଲକୁ ରି ୟୁଜ କରିଥାଏ, ଏଣୁ ମହାକାଶ ଯାତ୍ରା ବାବଦ ବ୍ୟୟ କମ ହୋଇଥାଏ । ହେଲେ ଏଥର ଏହା ଏକ ଏମାର୍ଜେନ୍ସୀ ମିସନ ଥିଲା, ଯେଉଁଥିରେ ୪ ଜଣ ମହାକାଶଚାରୀଙ୍କ ଜୀବନ ବାଜି ଲାଗିଥିଲା । ଏଣୁ ସୁରକ୍ଷା ଓ ଅତିରିକ୍ତ ସୁବିଧା ପାଇଁ ବିପୁଳ ବ୍ୟୟ ହୋଇଥିଲା । ଫଳରେ ମିସନ ଖର୍ଚ୍ଚ ବଢି ଯାଇଥିଲା ।

କ୍ରୁ ଡ୍ରାଗନ କ୍ୟାପସୁଲକୁ ସ୍ୱତନ୍ତ୍ର ଭାବେ ମହାକାଶରୁ ଲୋକଙ୍କୁ ଆଣିବା ଓ ନେଇଯିବା ପାଇଁ ବ୍ୟବହାର ହୋଇଥାଏ । ଏଣୁ ଏଥିରେ ବ୍ୟାକଅପ୍ ସିଷ୍ଟମ, ଲାଇଫ ସପୋର୍ଟ ସିଷ୍ଟମ, ଏମାର୍ଜେନ୍ସୀ ଇଭାକ୍ୟୁଏସନ ସିଷ୍ଟମ ଆଦି ରହିଥାଏ । ଏହି କାରଣରୁ ଡ୍ରାଗନ କ୍ୟାପସୁଲର ମୂଲ୍ୟ ବଢିଯାଇଥାଏ ।





> କ୍ରୁ ଡ୍ରାଗନ କ୍ୟାପସୁଲକୁ ସ୍ୱତନ୍ତ୍ର ଭାବେ ମହାକାଶରୁ ଲୋକଙ୍କୁ ଆଣିବା ଓ ନେଇଯିବା ପାଇଁ ବ୍ୟବହାର ହୋଇଥାଏ । ଏଣୁ ଏଥିରେ ବ୍ୟାକଅପ୍ ସିଷ୍ଟମ, ଲାଇଫ ସପୋର୍ଟ ସିଷ୍ଟମ, ଏମାର୍ଜେନ୍ସୀ ଇଭାକ୍ୟୁଏସନ ସିଷ୍ଟମ ଆଦି ରହିଥାଏ । ଏହି କାରଣରୁ ଡ୍ରାଗନ କ୍ୟାପସୁଲର ମୂଲ୍ୟ ବଢିଯାଇଥାଏ ।

## ମହାକାଶରେ ଥାଇ ଭାଉଜଙ୍କୁ ମାଗିଥିଲେ ମହାକୁମ୍ଭର ଫଟୋ

ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ । ଦୀର୍ଘ ୯ ମାସ ପରେ ପୃଥିବୀ ପୃଷ୍ଠକୁ ଫେରିଛନ୍ତି । ଏନେଇ ସୁନୀତା ୱିଲିୟମ୍ସଙ୍କ ପରିବାର ଲୋକେ ବହୁତ ଖୁସି ଅଛନ୍ତି । ତାଙ୍କ ପରିବାର ଲୋକେ କହିଛନ୍ତି ଯେ ସୁନୀତା ନିଶ୍ଚିତ ଭାବରେ ଚଳିତ ବର୍ଷ ଭାରତ ଆସିବେ । ହେଲେ ସୁନୀତାଙ୍କ ଭାଉଜ ଫାଲଗୁନି ପାଣ୍ଡ୍ୟା କହିଛନ୍ତି ଯେ ଯେତେବେଳେ ସେ ସୁନୀତାଙ୍କ ସହ କଥା ହୋଇଥିଲେ ସେତେବେଳେ ସେ ତାଙ୍କୁ ମହାକୁମ୍ଭ ଯିବା ବିଷୟରେ କହିଥିଲେ । ମହାକୁମ୍ଭ ନାମ ଶୁଣିବା ପରେ ସୁନୀତା ବହୁତ ଖୁସି ହୋଇ ଯାଇଥିଲେ । କେବଳ ଏତିକି ନୁହେଁ, ସେ ତାଙ୍କ ଭାଉଜଙ୍କୁ ମହାକୁମ୍ଭ ଫଟୋ ପଠାଇବାକୁ ମଧ୍ୟ କହିଥିଲେ ।

ଏତିକି ହିଁ ନୁହେଁ ସୁନୀତାଙ୍କ ଭାଉଜ ଫାଲଗୁନି ଆହୁରି କହିଥିଲେ ଯେ ସେ ଭାରତ ସହ ସଂଯୁକ୍ତ ଏବଂ ଭାରତୀୟଙ୍କ ଠାରୁ ତାଙ୍କୁ ବହୁତ ଭଲ ପାଇବା ମିଳିଛି । ସୁନୀତା ବହୁତ ଆଧ୍ୟାତ୍ମିକ । ତାଙ୍କର ଆଧ୍ୟାତ୍ମିକତା ମଧ୍ୟ ଏଥିରୁ ସ୍ପଷ୍ଟ ହୋଇଛି ଯେ ସେ ମହାକାଶ ଯିବା ବେଳେ ଭଗବାନ ଗଣେଶଙ୍କ ମୂର୍ତ୍ତିକୁ ସାଙ୍ଗରେ ନେଇଥିଲେ । ଭଗବାନ ଗଣେଶଙ୍କୁ ବହୁତ ଲକି ମନେ କରନ୍ତି । ଏହାପୂର୍ବରୁ ମଧ୍ୟ ସେ ତାଙ୍କ ମହାକାଶ ଯାତ୍ରା ସମୟରେ ଭଗବଦ୍ ଗୀତା, ଶିବ ଏବଂ ଓମ୍‌କୁ ମଧ୍ୟ ସାଙ୍ଗରେ ନେଇଥିଲେ ।

ଗତ ୯ ମାସ ୧୪ ଦିନ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସାଥୀ ବୁଚ୍ ୱିଲମୋର ସ୍ପେସ୍ ଷ୍ଟେସନରେ ଫସି ରହିଥିଲେ । ବୁଧବାର (୧୯ ମାର୍ଚ୍ଚ ୨୦୨୫) ସକାଳ ୩.୨୭ ମିନିଟ୍ ରେ ଫ୍ଲୋରିଡା ତଟରେ ଲ୍ୟାଣ୍ଡିଂ କରିଥିଲେ । ମହାକାଶରୁ ୧୭ ଘଣ୍ଟା ଯାତ୍ରା କରିବା ପରେ ସେମାନେ ପୃଥିବୀରେ ପହଞ୍ଚିଛନ୍ତି । ନାସା ଦ୍ୱାରା ମହାକାଶଚାରୀଙ୍କ ସ୍ପ୍ଲେସଡାଉନ୍ ର ଏକ ଭିଡିଓ ମଧ୍ୟ ସେୟାର ହୋଇଥିଲା । ଯେଉଁଥିରେ ଦେଖିବାକୁ ମିଳେ ଯେ ସେମାନଙ୍କୁ ଷ୍ଟ୍ରେଚରରେ ନିଆଯାଉଥିଲା ।

## ସୁନୀତା ୱିଲିୟମ୍ସଙ୍କୁ ମିଳିବ ମହାକାଶ ଓଭରଟାଇମ୍ ପାଉଣା

ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋର । ୯ ମାସ ପରେ ଆନ୍ତର୍ଜାତୀୟ ମହାକାଶ ପୃଥିବୀକୁ ଫେରିଛନ୍ତି । ଏହି ମହାକାଶଚାରୀମାନେ ମାତ୍ର ୮ ଦିନ ପାଇଁ ମହାକାଶ ଷ୍ଟେସନକୁ ଯାଇଥିଲେ । ହେଲେ ଯାନ୍ତ୍ରିକ ତ୍ରୁଟିରୁ ରହିଗଲେ ସମ୍ପୂର୍ଣ୍ଣ ୯ ମାସ । ତେବେ ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଖୁସି ପ୍ରକଟ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ । ତେବେ ଏଠି କଥା ହେଉଛି ଆଇଏସଏସକୁ ୮ ଦିନ ପାଇଁ ଯାଇ ୯ମାସ ଫସିଥିବା ସୁନୀତାଙ୍କୁ ଓଭରଟାଇମର ଖର୍ଚ୍ଚ ମିଳିବ କି ? ନାସା ସେମାନଙ୍କୁ କିଛି ଅତିରିକ୍ତ ଦେୟ ଦେବ କି ?

ସୁନୀତା ଓ ବୁଚଙ୍କ ଓଭରଟାଇମ୍ ଖର୍ଚ୍ଚ ମୋ ପକେଟରୁ ଦେବି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଟ୍ରମ୍ପ କହିଛନ୍ତି କି, ସେ ଜାଣିନଥିଲେ ଯେ ମହାକାଶଚାରୀମାନେ ମହାକାଶରେ ବିତାଇଥିବା ଦିନ ସଂଖ୍ୟା ବୃଦ୍ଧି ପାଇଁ ଓଭରଟାଇମ୍ ଦରମା ପାଉ ନାହାଁନ୍ତି । ଏହି କାରଣରୁ, ଟ୍ରମ୍ପ କହିଛନ୍ତି ଯେ ସେ ମହାକାଶଚାରୀଙ୍କୁ ନିଜ ପକେଟରୁ ଟଙ୍କା ଦେବେ । ହ୍ୱାଇଟ୍ ହାଉସରେ ଏକ ପ୍ରେସ୍ ବ୍ରିଫିଂ ସମୟରେ, ଗଣମାଧ୍ୟମ ପ୍ରତିନିଧି କହିଥିଲେ କି, ମହାକାଶଚାରୀମାନେ ମହାକାଶ ଷ୍ଟେସନରେ ସେମାନଙ୍କର ବର୍ଦ୍ଧିତ ରହଣି ପାଇଁ ଓଭରଟାଇମ୍ ଦରମା ପାଇନାହାଁନ୍ତି । ଯାହା ସେମାନଙ୍କ ପାଇଁ ଦିନକୁ ୫ ଡଲାର ପାଇବାର ହକଦାର ଥିଲା ।

୨୮୬ ଦିନ ପାଇଁ ମୋଟ ୨୮୬ ଡଲାର ପାଇବା କଥା । ଯାହାର ମୂଲ୍ୟ ହେବ ୧,୨୨,୨୮୦ ଟଙ୍କା । ଏହି ସୂଚନା ପାଇବା ପରେ, ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ ଯେ ଏ ବିଷୟରେ ମୋତେ କେହି ଜଣାଇ ନଥିଲେ । ସେମାନେ ଯାହା ଦେଇ ଗତି କରିଛନ୍ତି ତାହା ବିଚାର କଲେ ଏହା କୌଣସି ବଡ଼ କଥା ନୁହେଁ । ଯଦି ଦରକାର ପଡେ ମୁଁ ସୁନୀତା ଓ ବୁଚଙ୍କୁ ମୋ ପକେଟରୁ ଦେୟ ଦେବି । ଏଲନ ମସ୍କଙ୍କୁ ଧନ୍ୟବାଦ ଦେବି ଭାବନ୍ତୁ ଯଦି ସେ ନଥାନ୍ତେ ତେବେ କଣ ହୋଇଥାନ୍ତା । ସେମାନେ ୪୦ ଘଣ୍ଟା କାମ କରନ୍ତି ଓ ଓଭରଟାଇମ୍ ବି କରନ୍ତି । ଛୁଟି ପାଇଁ ତାଙ୍କୁ ଅତିରିକ୍ତ ଦେୟ ମିଳେ ନାହିଁ ।

ଗତବର୍ଷ ନାସା ଅନ୍ତରୀକ୍ଷ ଯାତ୍ରୀଙ୍କୁ ୧୫୨,୦୦୦ ଡଲାରରୁ ଅଧିକ କମାଇଛନ୍ତି । ସୁନୀତା ଓ ବୁଚ୍ ମହାକାଶରେ ୨୮୬ ଦିନ ରହିଛନ୍ତି । ତାଙ୍କୁ ୧,୪୩୦ ଡଲାର ମିଳିବ । ଏହାପରେ ଟ୍ରମ୍ପ ମହାକାଶଚାରୀ ସୁନିତା ୱିଲିୟମ୍ସ, ବୁଚ୍ ୱିଲମୋର, ନିକ୍ ହେଗ୍ ଏବଂ ରୋସକସମୋସ୍ ମହାକାଶଚାରୀ ଆଲେକଜାଣ୍ଡାର ଗୋର୍ବୁନୋଭଙ୍କୁ ପୃଥିବୀକୁ ଫେରାଇ ଆଣିବା ପାଇଁ ସ୍ପେସଏକ୍ସର ଏଲୋନ ମସ୍କଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅମୃତ ମଣୋହି

## ସୁଦର୍ଶନ ମହାପାତ୍ର

ବାଦାମବାଡ଼ି ବସଷ୍ଟାଣ୍ଡ ଯାଇ ସେଇଠୁ ବସ୍ ଧରି ବିଭିନ୍ନ ଜାଗା ଯିବାକୁ ପ୍ରବୀର କୁ ସୁବିଧା ହୁଏ। ଯଦିଓ ଟ୍ରେନରେ ଗଲେ ତା ପରି ନିତି ଟ୍ରାଭେଲ କରୁଥିବା ଲୋକ ପାଇଁ ଅପେକ୍ଷାକୃତ ଆରାମଦାୟକ ଯାତ୍ରା ହୁଅନ୍ତା; ହେଲେ ତାକୁ କେଉଁଦିନ ଯାଜପୁର, ସୋରୋ, କେନ୍ଦ୍ରାପଡା ଭଳି ବଜାରରେ କାମ କରିବାକୁ ହୁଏ ତ କେବେ ଛୋଟ ଛୋଟ ବଜାରରେ ମଧ କାମ କରିବାକୁ ହୁଏ।

ମାର୍କେଟିଂ ଜବ୍ ରେ ସେ ଅଛି ମାନେ ଏମିତି ବିଭିନ୍ନ ଜାଗା ବୁଲି କମ୍ପାନୀର ସାମଗ୍ରୀଗୁଡିକ ବିକ୍ରୀ କରିବାକୁ ହୁଏ ଏବଂ ସବୁଠୁ ବଡ଼କଥା ହେଲା କମ୍ପାନୀ ନ୍ୟସ୍ତ କରିଥିବା ଲକ୍ଷ ପୂରଣ କରିବାକୁ ପଡେ। ପ୍ରତିଯୋଗିତା ମୂଳକ ବଜାରରେ ଏସବୁ କରିବାକୁ ତାକୁ ଛୋଟ ହେଉ କିମ୍ବା ବଡ଼ ସବୁ ବଜାରକୁ କଭର କରିବାକୁ ପଡେ।

ସେଇଥିପାଇଁ ସେ ବାଛିଥିଲା ଏଇ ବସ୍ ଯାତ୍ରାର ମାଧ୍ୟମ।ବସ୍ ହିଁ କେବଳ ତାକୁ ପହଞ୍ଚେଇ ଦେଇ ପାରେ ତା ଇପ୍ସିତ ଜାଗାରେ।

ପ୍ରବୀର ସେଦିନ ଚଣ୍ଡିଖୋଲ ବଜାରରୁ କାମ ସାରି କଟକରେ ପହଞ୍ଚିଲା ବେଳକୁ ରାତି ନଅଟା। ବାଦାମବାଡ଼ି ବସଷ୍ଟାଣ୍ଡରେ ପାଦ ରଖିଲା ବେଳକୁ ବାଟସାରା ଦେଖି ଦେଖି ଆସୁଥିବା ବର୍ଷା ଛାଡି ଯାଇଥିଲା। ବର୍ଷା ଯୋଗୁଁ ବାଟରେ ଓହ୍ଲାଇ କ'ଣ ଟିକେ ଖାଇବାର ସୁବିଧା ହୋଇନଥିଲା। ଭୋକ ତାକୁ ପ୍ରବଳ ହେଉଛି ବୋଲି ଅନୁଭବ କଲା ସେଇ ମୁହୂର୍ତ୍ତରେ। ରୁମ୍ ରେ ପହଞ୍ଚି ରୋଷେଇ କରି ଖାଇବାକୁ ଆଉ ଧୈର୍ଯ୍ୟ ନଥିଲା ତ ଭାବିଲା ଏଇ ବସଷ୍ଟାଣ୍ଡ ପାଖରେ କେଉଁ ହୋଟେଲରେ ଖାଇଦେଇ ଯିବ ବୋଲି।

ଅଗତ୍ୟା ଗୋଟିଏ ହୋଟେଲ ପାଖରେ ପହଞ୍ଚିଲା ସେ । ହେଲେ ସେତିକିବେଳକୁ ମନେ ପଡ଼ିଗଲା ତା'ର ଅତୀତର ଅଙ୍ଗେଲିଭା କଥାଟିଏ। କେଉଁ ହୋଟେଲଟା ତ ଠିକ୍ ମନେ ନାହିଁ, କିନ୍ତୁ ମନେ ଅଛି ବସଷ୍ଟାଣ୍ଡ ପରିସର ଭିତରେ ଉପଲବ୍ଧ ହୋଟେଲରେ ବସି ଖାଇବାର କଥା।ଭାତରେ ଡାଲି ଗୋଳେଇ ଶାଗ ଆଉ ପୋଟଳ ତରକାରୀ ଲଗାଇ ଦୁଇ ଥର ସେ ଖାଇ ସାରିଥିଲା। ଠିକ୍ ପର ମୁଠା ଭାତ ସହିତ ବାଇଗଣ ଭର୍ତ୍ତାରେ ଆଙ୍ଗୁଳି ଦେଲା ତ ଦେଖିଲା ସଁବାଳୁଆ ଆକୃତିର ରୁମ ହୀନ ପୋକଟିଏ।ଆଉ କି ଖାଇହୁଏ ସେଇଟିକୁ ଦେଖିଲା ପରେ!

ହୋଟେଲ ମାଲିକକୁ ଡାକି ତା'ର ଅଶାନ୍ତି ଭାବ ଦେଖାଇଲା ତ -'ପୋକଟିକୁ କାଢି ଦେଇ ଖାଆନ୍ତୁ। ଆମେ କ'ଣ ବାଇଗଣ ଭିତରେ ପୋକ ପୁରେଇ ଦେଇଛୁ ?' ବେପରୁଆ ସ୍ୱରରେ କହିଲା ମାଲିକ । ସେତିକିରେ ଥମି ନଯାଇ ଆଉ ଦୁଇ ତିନି ପଦ ଗାରୁ ଗାରୁ ହୋଇ ପ୍ରବୀର କହିଲା ତ ହୋଟେଲ ମାଲିକ ଚିହିଁକି ଉଠିଲା।

-' କାହିଁକି ସେତିକିବେଳୁ ବସି ଗୋଟେ ପେଁ ପେଁ ହଉଚ କହିଲୁ ? ଗରାଖଙ୍କୁ ଭଗେଇ ଦେବାର ପ୍ଲାନ୍ କରୁଛ କି ?'

ପ୍ରବୀର ରାଗରେ ଆଉ କିଛି କହିବାକୁ ଭାବିଲା ବେଳକୁ ନୂଆ ଗୋଟିଏ ପ୍ଲେଟରେ ବାଇଗଣ ଭର୍ତ୍ତା ଧରି ଆସି ପହଁଚିଲା ପିଲାଟିଏ। ସେଇ ପ୍ଲେଟ ଟିକୁ ଅଗ୍ରାହ୍ୟ କରି ସେ ଉଠି ପଡ଼ିଲା ଏବଂ ହାତ ମୁହଁ ଧୋଇ କାଉଣ୍ଟରରେ ପେମେଣ୍ଟ କରି ପଦାକୁ ବାହାରି ଆସିଲା ଅବିଳମ୍ବେ।

ତା ପଛ ପଟରୁ ବାଧିଲା ଭଳି ଶବ୍ଦପୁଞ୍ଜ ହୋଟେଲ ମାଲିକ ବ୍ୟବହାର କଲେ ବି, ପ୍ରବୀର ପଛକୁ ଫେରି ନଚାହିଁ ଆଗକୁ ବଢିଥିଲା ଏକମୁହାଁ।

ଏଇସବୁ କଥା ମନେ ପଡ଼ିଗଲା ତ, ତା'ର ଭୋକ ଅନ୍ତର୍ଦ୍ଧାନ ହୋଇଗଲା ତତକ୍ଷଣାତ୍। ଚାଲି ଆସିଲା ସେଠୁ ଖଣ୍ଡେ ଦୂର।

ଆଉ କ'ଣ ଖାଇବ ବୋଲି ଏପଟସେପଟ କରି ଚାହିଁଲା ତ ପଛରୁ ଶୁଭିଲା -' ଏଠି ଭଲ କିଛି ମିଳିବନି।ଭଲ ଜିନିଷ ଖାଇବେ କି ଆଜ୍ଞା ?'

ପ୍ରବୀର ବୁଲିପଡ଼ି ସେଇ ବ୍ୟକ୍ତି ଙ୍କୁ ଚାହିଁଲା ଏବଂ ଚୁପ୍ ରହିଲା । ଲୋକଟି ବୋଧହୁଏ ହୋଟେଲ ଦୁଆର ମୁହଁରୁ ତାକୁ ଫେରି ଆସିଥିବାର ଦେଖିଥିଲା ବୋଲି ଭାବିଲା।

-'ବିଶ୍ୱାସ କରନ୍ତୁ ଆଜ୍ଞା, ମୁଁ ଯେଉଁ ଜାଗାକୁ ନେବି ସେଠି ବଢିଆ ଖାଇବା ମିଳେ।' ପାଖକୁ ଆସି କହିଲା ଲୋକଟି।

ପ୍ରବୀର ଏଥର ତାଙ୍କୁ ବିଶ୍ୱାସ କଲା। ବସଷ୍ଟାଣ୍ଡ ଗେଟ୍ ରୁ ବାହାରି ଛଅ ସାତ ମିଟର ପରେ ବାମ ପଟକୁ ଯାଇଥିବା ରାସ୍ତାରେ ଚାଲିଲା ସେ ଲୋକ।ପଛେ ପଛେ ପ୍ରବୀର।

ପୁଣି ଗୋଟିଏ ରାସ୍ତା ବୁଲାଣିରେ ସେ ଗଲା ତ ପଛରୁ ପ୍ରବୀର ନିଜର ଅଶାନ୍ତି ବ୍ୟକ୍ତ କଲା -' କେତେ ବାଟ କି ? '

ସେଇଠି ଅଟକିଲା ଲୋକଟି ଆଉ କହିଲା ' ଏଇଟା ଆଜ୍ଞା'।

ହଠାତ୍ ସେଇ ଘରର କବାଟ ପାଖରେ ଠିଆ ହେଲେ ଆସି ମଧ ବୟସ୍କା ସ୍ତ୍ରୀ ଲୋକ ଜଣେ। -' ଆସୁନ ବାବୁ.. ଆସ... ଭିତରକୁ ଆସ।'

ପ୍ରବୀର କୁ ସେ ପରିବେଶ କେମିତି କେମିତି ଲାଗୁଥିଲା, ଅଥଚ ତା ପାଖରେ ଯେମିତି କିଛି ଚାରା ନଥିଲା।

-' ଏଇ ବାବୁଙ୍କ କଥା ବୁଝ, ମୁଁ ଏଇ ଆସୁଛି।' ଲୋକଟି କହି ବାହାରି ଗଲା ସେଠୁ ତତକ୍ଷଣାତ୍।

-'ସେଇ ଘର ଭିତରକୁ ଯା। ମୋ ଝିଅ ଅଛି। ମୁଁ ତ ବୁଢୀଟା।' ହସି ହସି କହିଲା ସ୍ତ୍ରୀ ଲୋକଟି।

ପ୍ରବୀର ସେଇ ସ୍ତ୍ରୀ ଲୋକ ନିର୍ଦ୍ଦେଶିତ ଅନ୍ଧାରୁଆ ଘରକୁ ଚାହିଁଲା। ଅନ୍ଧାରରେ ବି ଆଲୁଅ କିଛି ଜମାଟ ବାନ୍ଧିଥାଏ ବୋଲି ତାକୁ ପ୍ରତୀତ ହେଲା। ଝିଅଟିଏ ସେଇଠି ତା ଦେହରୁ ଶାଢ଼ୀଟା କାଢୁଥିବାର ବୁଝି ପାରିଲା ସେ।

-'କପିଲା ଯାଇଚି, ପୁଣି କାହାକୁ ଧରି ଫେରିବ ତ ରବେଇ ଖବେଇ ହେବ। କିଏ ଫେରିଗଲେ ବି ସେ ତା କମିଶନି ପାଇଁ ଜୁଲମ କରିବ।ସେଇ ଘରକୁ ଯାଅ। ସେଇଠି ସାର୍ଟ ପ୍ୟାଣ୍ଟ ଖୋଲି ଶୀଘ୍ର କାମ ସାର। '

-'ପ୍ରବୀର କୁ ଲାଗିଲା ସତେ ଯେମିତି ସ୍ତ୍ରୀ ଲୋକଟି କହୁଛି -'ଭାରି ଭୋକ ପରା !ଯାଅ ପୁଅ,ଭାତ ବଢା ସରିଲାଣି। ଖାଇ ଦେ, ଯାଆ ଶୀଘ୍ର।'

-'ମାଉସୀ, ମୋତେ ବିଶ୍ୱାସ କର। ଏସବୁ କଥା ମୁଁ ଜାଣିନଥିଲି । ମୋତେ ଭୋକ ହେଉଥିଲା ତ ସେଇ ଲୋକ ମୋତେ ଭଲ ଖାଇବା ମିଳିବ ବୋଲି କହି ଏଇଠିକୁ ନେଇ ଆସିଲା।'

ପଖାଳ କଂସାଏ ଆଉ ପିଆଜ ଛେଲାଏ ପ୍ରବୀର ଆଗରେ ଥୋଇ ତା ମୁଣ୍ଡକୁ ଆଉଁସି ଦେଲା ଥରେ ସେଇ ସ୍ତ୍ରୀ ଲୋକ। ଆଃ,ସତେ ଯେପରି ମାଆର ଛୁଆଁ.. ! ସେମିତି ଲାଗିଲା ପ୍ରବୀର କୁ।

-'ତୁଚ୍ଛା ଖାଇଲା ଆଜି ମୋ ପୁଅ ।ଆଉ କେବେ ଆସିବୁ ତ, ତୋ ପାଇଁ ଭଲ ରୋଷେଇ କରି ରଖିଥିବି ।ଆସିବୁ ତ ପୁଅ ? '

ପ୍ରବୀର ଚାହାଣୀରେ ନିରୀହତା ଫୁଟି ଉଠୁଥିଲା।



-'ଆଉ ଗୋଟିଏ କଥା, ପୁଅ ।ଏସବୁ କଥା କାହାକୁ କହିବୁନି। ମୋ ଝିଅ ବଦନାମ ହୋଇଯିବ ।ତା ବାହାଘର ପାଇଁ ସିନା ଏ ସବୁ ଖରାପ କାମ, ତାରି ଦ୍ୱାରା କରଉଛି ମା' ଟିଏ ହୋଇ। କ'ଣ କରିବି କହ ପୁଅ ! ପଇସା ଯୋଗାଡ ହେଲେ ସିନା ତା ବାହାଘର ପାଇଁ ଆଣ୍ଟ ବାନ୍ଧିବି... ! ! !'

ପ୍ରବୀର ସେଠୁ ଫେରିଲା ବେଳକୁ ମାଉସୀ ଙ୍କ ଆଖିରୁ ବି ଲୁହ ଶୁଖିନଥିଲା। ରୁମ୍ କୁ ଆସି ବ୍ୟାଗ ଖୋଲିଲା ତ ,ତା ଭିତରୁ ସେ ମାଉସୀଙ୍କ ହାତକୁ ବଢେଇ ଥିବା ସମାନ ପରିମାଣର ଟଙ୍କା ବାହାରିଲା।

ଭଉଣୀ ବାହାଘର ପାଇଁ ଯତକିଞ୍ଚିତ ସାହାଯ୍ୟ କରିବାକୁ ଆଉ ମାଉସୀଙ୍କ ହାତ ପରଷା ଅମୃତ ମଣୋହିରେ ପେଟ ଭରିବାକୁ ଆଉଥରେ ହଠାତ୍ ସେଇଠି ପହଞ୍ଚିବାକୁ ହେବ ବୋଲି ମସୁଧା କରୁଥିଲା ପ୍ରବୀର... ! ! !

*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*

## ଜୀବନ ବୋଧ

କେତେ ଆଉ ଚାଲିବ
ଆଗରେ ତ ଅସୁମାରୀ ପଥ
ମୁଣ୍ଡରେ ଲଦା ହୋଇଛି
ବୋଝ ସଂସାର ଯାକର ।
ସେ ବା କାହୁଁ ବୁଝିବ
ଏତେ ଦିନ ସାଥୀ ହୋଇ ରହି ରହି
ପାଦ ଦ୍ୱୟ ବି ହେଲେଣି ନିଥର ।
ଜୀବନ ପ୍ରୀତିର ସ୍ୱାଦ ଚାଖିବାକୁ
ମନ ଆଉ ବଳୁନି ତାଙ୍କର
କାହିଁ ତ ଦିଶେ ନାହିଁ ପକ୍କା ସଡ଼କ
ପଥଧାରେ ବି ନାହିଁ ଆଉ
ଜାଇ, ଯୂଇ ର ମହକ ।
ପ୍ରାପ୍ତି,ଅପ୍ରାପ୍ତି,ହାରିବା,ହରେଇବାର
ଅଫୁରନ୍ତ ପୁଲକ ।
ସଭିଏଁ ତୋଳନ୍ତି ସ୍ୱଗତୋକ୍ତି
ନିଜେ କିନ୍ତୁ ପହଁରିବ
ଜୀବନର ପ୍ରତିକୂଳ ସ୍ରୋତେ
କେଇଘଡି ଖଟାଇ
ପର୍ଯ୍ୟାୟ କ୍ରମେ ଅନ୍ତିମ ଶକ୍ତି ।
ଆଉ ହାହାକାରେ ଯିବରହି
ସ୍ୱର୍ଣ୍ଣିମ ସକାଳର ପ୍ରତୀକ୍ଷା
ଜୀବନ ବୋଧର ମୋହ
କରୁଥିବ ଅନ୍ତିମ ଭିକ୍ଷା ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଏ ସମ୍ପର୍କ ତୁଟି ଯାଉ

ତୁମ ସହିତ ମୁଁ ଭାବ ବିନିମୟ
କରିପାରୁନାହିଁ ଆଉ
ଯେତିକି ସମ୍ପର୍କ ରଖିଥିଲ ତୁମେ
ସେତିକି ସମ୍ପର୍କ ଥାଉ ।
ଆଗକୁ ଆଗକୁ ଆହୁରି ଆଗକୁ
ସମ୍ପର୍କ ବଢ଼ି କି ଲାଭ
ଦିନକୁ ଦିନ ତ କମି ଆସିଲାଣି
ମୋ ସହ ତୁମରି ଭାବ
ଧୀରେ ଧୀରେ ଧୀରେ ବଢ଼ିଗଲାଣି ତ
ତୁମରି ଅଧିକା ଭାଉ ।
ଦିନ ଥିଲା ଦିନେ ଏ ସମ୍ପର୍କ ପାଇଁ
ତୁମେ ଥିଲ ଆଗଭର
ଆଜି ଲାଗୁଅଛି ମୁଁ ଅଟେ ତୁମର
ଅଜଣା ଅଚିହ୍ନା ପର
ଏମିତି କେମିତି ବଦଳି ଯାଉଛ
ସହି ହେଉନି ସେ ଦାଉ ।
ବୁଝି ପାରିଲିଣି କଦାପି ତୁମର
ଆଉ ମୁହିଁ ଲୋଡ଼ା ନାହିଁ
କାହିଁକି କହୁନ ତୁମ ଅପେକ୍ଷାରେ
ମୁହିଁ ରହିଥିବି ଚାହିଁ
ଯଦି ଏ ସମ୍ପର୍କ ତୁଟିବାର ଅଛି
ଏବେଠାରୁ କଟି ଯାଉ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ଆକୁଳ ପ୍ରାର୍ଥନା

ମାଆ ମୁଁ ଛୋଟ ଶିଶୁଟିଏ
ଆନନ୍ଦର ଉଚ୍ଛ୍ୱାସ ଟିଏ
ଝିଅଟିଏ ଭାବି କରନାହିଁ ହୀନିମାନ
ମୁଁ ଯେବେ ବଡ଼ ହେବି ଦେଖିବ
ପାଠପଢି ରଖିବି ତୁମର ସମ୍ମାନ
କେବଳ ତୁମର ନୁହେଁ
ମୋ ଜନ୍ମଭୂମିର ଦେଶ ମାତୃକାର ।
ମାଆ ମୁଁ ଝିଅଟେ ବୋଲି
ମତେ କରନାହିଁ ହତାଦର
ମୋ ଭଳି ଶହଶହ ଝିଅଙ୍କୁ
ଏଇ ସମାଜରେ ବାସ କରୁଥିବା
କ୍ରୁର ମଣିଷ ମାନେ ମାତୃ ଗର୍ଭରୁ
କିବା ଜନ୍ମନେବାପରେ
ମାରି ପୋତି ଦେଉଛନ୍ତି
ଦୁନିଆର ଆଲୋକ ଦେଖିବା ଆଗରୁ
ଜୀବନ ଦୀପ ଲିଭିଯାଉଛି ।
ମୁଁ କଣ୍ ସମାଜରେ ଏତେ ଘୃଣିତ
କାହିଁକି ? ମୁଁ କଣ ପୁଅଙ୍କ ସାଥିରେ
ସମାନ ହୋଇପାରିବିନି
ନିଶ୍ଚୟ ହେବି ଦୃଢ଼ ବିଶ୍ୱାସ ଅଛି ।
ବାପା ମାଆ ମାନେ ଉଚ୍ଚଶିକ୍ଷା ଦେଇ ନପାରିବା
କିବା ଯୌତୁକ ଲୋଭୀ ମଣିଷମାନଙ୍କ
ହାତୁଡ଼ରେ ପଡି ନିର୍ଯ୍ୟାତିତ ହେବା
ଏ ସବୁର କାରଣ।
ମାଆ ମୁଁ ବଡ଼ ହୋଇ ପାଠପଢ଼ି
ପୋଲିସ୍ ହୋଇ ସୁରକ୍ଷା ଦେବି
ଡାକ୍ତର ହୋଇ ରୋଗୀ ସେବା କରିବି
ସୈନିକ ହୋଇ ଦେଶ ରକ୍ଷା କରିବି
ଶିକ୍ଷକ ହୋଇ ମଣିଷ ଗଢ଼ିବି
ଦୁଃଖ ସୁଖରେ ହେବି ଉପସ୍ଥିତ
ତୁମକୁ ସହାୟ ହେବି ପ୍ରତିଟି ମୁହୂର୍ତ୍ତ ।
ଚିକିତ୍ସକ ଜଲ୍ଲାଦର ଭୋକ ନେଇ
ଖାଇଯାଏ ମାତୃଗର୍ଭେ ମୋଭଳି
ହଜାର ହଜାର କନ୍ୟା ଭ୍ରୁଣ
ବାପା ମାଆ କ୍ଷୁଧାର ଜ୍ୱାଳା ସହି ନପାରି
ବିକ୍ରି କରି ଦିଅନ୍ତି କେଇଟା ଟଙ୍କାରେ ।
କେବେ ସାଥେ ନେଇ ଚାଲି ଯାଆନ୍ତି
ଦୂର ଦୁରାନ୍ତରେ ଛାଡ଼ି ଚାଲି ଆସନ୍ତି
ରେଳ ଷ୍ଟେସନରେ ଅବା ରାଜରାସ୍ତାପରେ
କେବେ ରାସ୍ତାକଡ ଡଷ୍ଟବିନ୍ ରେତ
ଝଙ୍କାଳିଆ ବୁଦାମୂଳେ।
ଏଇ ଅନ୍ଧବର୍ଷ ତଳେ
ଲିଭିଯାଇଛି ମୋ ଭଳି ଶିଶୁ କନ୍ୟାଙ୍କ ଜୀବନ ଦୀପ
ଆଞ୍ଜୁଳାଏ ମାଟିତଳେ।
ହେ କ୍ରୁର ମାନବ ସମାଜ
ତୁମ ଚିନ୍ତା ଚେତନା ସବୁ ବଦଳାଇ ଦିଅ
କନ୍ୟା ମାନଙ୍କୁ ଜନ୍ମ ଦେଇ
ସଂସାରକୁ ଆଗେଇ ନିଅ
କନ୍ୟାରତ୍ନ କର ଯତ୍ନ
ପୁଅ ପୁଅ ହୋଇ ଝିଅକୁ
କରନା ଅବହେଳିତ ଦେଖିବ
ତୁମ ବୃଦ୍ଧକାଳେ ନେବି ସେବା ଯତ୍ନ ।


*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୮୬୬୪୯*

## ବିଶ୍ୱାସ...

ମୃଦୁ ଆଳାପରେ ଜନ୍ମେ ଅନୁରାଗ
ସ୍ମିତ ହାସ୍ୟ ଦିଏ ମିଳିବାର ସଂଗ
ସମ୍ପର୍କର ଖିଅ ଯୋଡେ
ମନ ଗହୀରରେ ପ୍ରେମ ଉଦ୍ଦୀପନା
ଆଗକୁ ଆଗକୁ ବଢେ।
ଆତ୍ମୀୟତା ଜାଗେ ମୁରୁକି ହସାରେ
ସୁଖ ସନ୍ତୋଷକୁ ଛୁଏଁ ଉଲ୍ଲାସରେ
ମନଟିଏ ଖୋଜେ ମନ
ପ୍ରତିଶ୍ରୁତି ଯେବେ ପଥ ନହୁଡଇ
ବିଶ୍ୱାସର ହୁଏ ଜନ୍ମ।
ବିଶ୍ୱାସ ନବୁଝେ ବାଧା ଅସୁବିଧା
ନିରୀହ ପରାଣେ ସଂଜିବନୀ ସୁଧା
ମୃତ ପିଣ୍ଡେ ଦିଏ ପ୍ରାଣ
ନବ ପଲ୍ଲବରେ ପାଦପ ଯେସନେ
ସଜେଇ ହସେ ଜୀବନ।
ପ୍ରତାରଣା ଭାବ ଜନମିଲେ ହୃଦେ
ଆନ୍ଦୋଳିତ ହୁଏ ପରାଣ ବିଷାଦେ
ବିଶ୍ୱାସ ହୁଅଇ ଲୀନ
ସପ୍ନର ସଉଧ ଭାଂଗିଯାଏ ଧୀରେ
ଲୁହ ଝରେ ରାତିଦିନ।
ବିଶ୍ୱାସ ଅଟଇ ଅମୃତ ଅବଢା
ସ୍ନେହ ମମତାରେ ଏ ଜୀବନ ଗଢା
ସମ୍ପର୍କ ଯୁଗ ଯୁଗର
ସାମାନ୍ୟ ସ୍ୱାର୍ଥରେ ବିଶ୍ୱାସ ଡୋରୀକୁ
ତୋଡ ନାହିଁ ଜ୍ଞାନୀ ନର।
ବିଶ୍ୱାସରେ ଥାଏ ଆପଣାର ଭାବ
ମିଠା ସମ୍ପର୍କରେ ନଥାଏ ଅଭାବ
ବିଶ୍ୱାସ ଅଖଣ୍ଡ ଦୀପ
ବିଶ୍ୱାସରେ ବନ୍ଧା ଏ ଧର୍ମ ଜଗତ
ଦିଅ ତାକୁ ନୂଆ ରୂପ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*

## ପ୍ରେମ



ସେ ବୀଜ କିଏ ବୁଣି ଦିଏ
ଆବେଗରେ ସଞ୍ଚରି ଯାଏ
ଆବୋରି ବସେ ହୃଦୟକୁ
ସେଥିରେ ପୁଣି
ପତ୍ର କଅଁଳେ
ଫୁଲ ଫୁଟେ
ମହକ ଚହଟେ
ମନକୁ ଆନମନା କରେ

ସେ କେବେ
ଅନ୍ୟମନସ୍କତାରେ
ଦେହ ଛୁଏଁ
କେବେ ଶାଶ୍ୱତ ସୁନ୍ଦର
ଆତ୍ମିକ ଭାବନାରେ
ତଲ୍ଲୀନ ହୁଏ
କେବେ ପୁଣି
ଦେହାତୀତ ହୁଏ... ! ! !

*ଆଦ୍ୟାଶା ମହାପାତ୍ର*
*ନୂଆପଡା , କଟକ*

## ।। ବିଦଗ୍ଧ ଭାବୁକ କବି ରମାକାନ୍ତ ।।

ଅନନ୍ତ ଆକାଶେ ଉଡୁଥାଏ ନିତି ଅଜେୟ ଚେତନା ପକ୍ଷୀ,
ବିଦଗ୍ଧ ଭାବୁକ କବି ରମାକାନ୍ତ ରସଝର ବହୁମୁଖୀ ।
ଶ୍ରଦ୍ଧାର ଶ୍ରାବଣେ ଭିଜାଭିଜା ସ୍ୱର 'ସପ୍ତମ ଋତୁ' ର ଛନ୍ଦ,
ଏକାନ୍ତ ଆବେଗ ଲେଖନୀ ଝର ସେ ଆତ୍ମ ଆଳାପର ଗନ୍ଧ ।


ହୃଦୟ ବୀଣାର ଲଳିତ ଗୀତ ସେ ମଧୁର ହିଲ୍ଲୋଳ ରାଗ,
ଅପୂର୍ବ 'ଶ୍ରୀରାଧା' କାବ୍ୟରସ ପ୍ରାଣ ଅନ୍ତହୀନ ବଇଭବ ।
'ଅନେକ କୋଠରୀ' ଭିତରେ ସଜ୍ଜିତ ସ୍ୱତନ୍ତ୍ର କୋଠରୀ ସିଏ,
ଯହିଁ ସେ ରହନ୍ତି 'ସୀମାନ୍ତ ବାସ'ରେ 'ସଚିତ୍ର ଅନ୍ଧାର' ସୁଏ ।

ନବ ପ୍ରଜନ୍ମର ଆଲୋକର ଗୀତି ନିସୀମ ପ୍ରେରଣା ଝର,
ଅନ୍ତରଙ୍ଗ ଦୀପ ଚିର ପ୍ରଜ୍ଜ୍ୱଳିତ ବରପୁତ୍ର ଭୂଖଣ୍ଡର ।
ପ୍ରଶାସନ ପଥ ସାହିତ୍ୟର ରଥ ପ୍ରମୋଦ ସଙ୍ଗମ ପ୍ରୀତି,
ସକଳ ଜଂଜାଳ ଭେଦି ଲକ୍ଷ୍ୟପଥେ ସେଇ ପ୍ରଜ୍ଞାଲିପ୍ସୁ ଛାତି ।

ଭାବନା ନଈର ନାଉରୀ ପ୍ରବର ଭାବ ମଧୁମୟ ଗୀତ,
ସାରସ୍ୱତ ନଭେ ବିଲୀନ ଦେହୀ ସେ ବିଦେହ ସ୍ମୃତିର ସ୍ରୋତ ।

*ସୁଜିତ କୁମାର ମିଶ୍ର*
*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*୭୬୮୩୮୬୭୭୪୨*

## ଛାରଖାର ପଲ୍ଲୀପୁର



ବଢିଲାଣି ଖରା ତାତିଲାଣି ଧରା
ଅଭାବ ହେଲାଣି ଛାଇ
ତଥାପି କାହିଁକି କାଟିନିଅ ମତେ
ହେ ମୋର ମଣିଷଭାଇ ।।
ଶୁଖିଲାଣି ନଈ ଯାଉନାହିଁ ବହି
ଆଉ ସେ ବହୁତଦୂର
ବରଷା ଅଭାବେ ଫାଟିଯାଏ ମାଟି
ଛାରଖାର ପଲ୍ଲୀପୁର ।।
ଫୁଲ ଫୁଟେନାହିଁ ଫଳ ଫଳେନାହିଁ
ସଭିଏଁ ନିରାଶ ଆଜି
ଉହଳ ବିକଳ ପଶୁ ପକ୍ଷୀ ସବୁ
ପିଇବାକୁ ପାଣିଖୋଜି ।।
ଅମଳଜାନତ ମିଳୁନାହିଁ ସତ
ଜୀବନ ଜୀଇଁବା କଷ୍ଟ
ତୋଳି କେତେ କୋଠା କାଟି ବଣ ତୋଟା
ପରିବେଶ କଲେ ନଷ୍ଟ ।।
କେତେ ଦୁଃଖସହି ମାଟି ଦେହେ ରହି
କରୁଚି ଜଗତ ହିତ
ଲଗାଇ ଦିଅରେ ଯତନ ନିଅରେ
ମୁଁତ ଉପକାରୀ ମିତ ।।
ପକ୍ଷୀଙ୍କର ଗୀତ ଶୁଣି ପୁଲକିତ
ହୋଇବେ ସକଳେ ସଦା
ନିରିମଳ ବାଆ ପାଇ ହଟିଯିବ
ଜୀବନର ଦୁଃଖ ବାଧା ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ପରିବାର

ଏକ ପାଇଁ ଅନେକ
ଅନେକ ପାଇଁ ଏକ
ସୁଖଦୁଃଖର ସମାହାର
ସଂପର୍କର ବର୍ଣ୍ଣମାଳାରେ ସୁସଜ୍ଜିତ
ଏକ ଅମୋଘ ମନ୍ତ୍ରରେ ଅଭିମନ୍ତ୍ରିତ
ପ୍ରତିଟି ପ୍ରାଣରେ
ସୁନ୍ଦର ମଧୁକ୍ଷରା ଟିଏ
ଆମ ପରିବାର
ବାପାଙ୍କର ଅଦୃଶ୍ୟ ଆଶିଷ
ବୋଉର ପବିତ୍ର ପଣତ
ଜେଜେ ଙ୍କ ଭରସା ଆଉ ବିଶ୍ୱାସ
ଜେଜେ ମା କାହାଣୀ ପେଡ଼ି
ପାନବଟୁଆରେ ସାଇତା
ଅଶେଷ ଐଶ୍ୱର୍ଯ୍ୟ
ଦାଦା ଖୁଡି ଙ୍କ ସ୍ନେହ ଶ୍ରଦ୍ଧା
ଭାଇଭଉଣୀଙ୍କ ଆଡରୁଷା
ଅନୁରାଗ ଆଉ ଅଭିମାନର
ଫେଣ୍ଟାଫେଣ୍ଟି ପ୍ରୀତିକ୍ଷରାଟିଏ
ଆମ ପରିବାର
ପୁରନ୍ତା ସଂସାର ର
ନିବିଡତା ଭିତରେ କିଛି ଶୂନ୍ୟତା
ମାନ ଅଭିମାନର ପର୍ବ
ପ୍ରାପ୍ତି ର ଅନୁଭବ ଅଣ୍ଡାଳୁ ଅଣ୍ଡାଳୁ
ନିରାଶାର ଅନୁଭୂତି କିଛି ପ୍ରାପ୍ତ ହୁଏ
ତଥାପି
ସୁଦୃଢ ସେ ବନ୍ଧନର ଡୋରି
ଆଗକୁ ପାଦ ଥାପିବାର ପଥ ଦେଖାଏ
ଏକ ଅଭିମନ୍ତ୍ରିତ ପ୍ରାଚୁର୍ଯ୍ୟର ପୀଠଟିଏ
ଆମ ପରିବାର ।

*ରତ୍ନକାନ୍ତି ମିଶ୍ର , ଆଳି, କେନ୍ଦ୍ରାପଡା*

## ଗେଟ୍ ଟୁଗେଦର

କଲୋନିରେ ଗେଟ୍-ଟୁଗେଦରଦ(ସାମାଜିକ ସମାବେଶ),ଚାଳିଶରୁ ସତର ବର୍ଷର ସତେଇଶ ଜଣ ମହିଳା ସମୂହଙ୍କର। ବ୍ୟସ୍ତବହୁଳ ଜୀବନ ଭିତରେ ପଡୋଶୀଙ୍କ ଖବର ନେବା କାଠିକରପାଠ; ତେଣୁ ସମସ୍ତେ ସ୍ଥିରକଲେ ପନ୍ଦର ଦିନରେ ଥରୁଟିଏ ଏକାଠି ହେବେ, ଯେପରି କି ସମସ୍ତଙ୍କ ହାଲାଚାଲ୍ ବାବଦରେ ସଭିଏଁ ଅବଗତ ହୋଇପାରିବେ। ନିରବଚ୍ଛିନ୍ନ ଭାବେ ଏ ମିଳାମିଶା ଯେମିତି ଚାଲିପାରିବ ସେପାଇଁ ସମସ୍ତେ ମିଳିମିଶି ଗୋଟେ ବ୍ୟବସ୍ଥା ଖଂଜା ଯିବାକୁ ସ୍ଥିରହେଲା। ପୂଜା-ପର୍ବ ଉତ୍ସବ- ମହୋତ୍ସବ ଛଡା ସାଧାରଣ ଦିନମାନଙ୍କରେ ଚାହା କଫି କି ଲେମ୍ବୁପାଣି ବ୍ୟତୀତ ଆଉ କିଛି ବନା ହେବନାହିଁ, ଯଦ୍ଦ୍ୱାରା ସମସ୍ତେ ପରସ୍ପରର ସୁଖ-ଦୁଃଖ ଓ ଭଲ-ମନ୍ଦ ପଚାରିବାରେ ସମୟ ବିତାଇ ପାରିବେ। ଆଜି ସମସ୍ତେ ଏକଜୁଟ ହୋଇଛନ୍ତି ନିଶା ଘରେ। ତାଙ୍କ ପଡୋଶୀ ଗାୟତ୍ରୀ ଦେବୀ ଏଠି ପରବର୍ତ୍ତୀ ଗେଟ୍ ଟୁଗେଦର ହେବାର ସ୍ଥିର କରିଥିଲେ, କାହିଁକିନା ତାଙ୍କ ହାତତିଆରି କ୍ଷୀରଛେନା ମିଠେଇ ସମସ୍ତଙ୍କର ଖୁବ୍ ପସନ୍ଦ। ଏଣୁ ହୋଲିର ଗେଟ୍ ଟୁଗେଦର ସେଇଠି ଅନୁଷ୍ଠିତ ହେଉଛି। ତେବେ ହଠାତ୍ ଏଠିକି ଆସିଥିବା ଗାୟତ୍ରୀଙ୍କ ଉପରେ ସମସ୍ତଙ୍କର ନଜର ଏଯାଏ ପଡି ନ ଥିଲା। ତାଙ୍କ ନାମ ଉଲ୍ଲେଖ ହେବାକ୍ଷଣି ବିମର୍ଷ ହୋଇଗଲେ ନିଶା। ଉଦାସ ନିଶା କହିଲେ: ଗାୟତ୍ରୀ ଦେବୀଙ୍କ ପୁଅ ବୋହୂ ତାଙ୍କୁ ଘରୁ ତଡି ଦେଇଛନ୍ତି। ଏ ଦୁର୍ଦ୍ଦିନରେ ସେ ଅବସ୍ଥାନ କରୁଛନ୍ତି ଅନ୍ୟ ଏକ ସହରରେ ବସବାସ କରୁଥିବା ନିଜ ଝିଅ ପାଖରେ। ଏ କଥା ଶୁଣି ଉପସ୍ଥିତ ସମସ୍ତେ ସ୍ତବ୍ଧ, ସ୍ତମ୍ଭୀଭୂତ। ଏ କଥା ଚାରି ପାଂଚଦିନ ପୂର୍ବରୁ ହୋଇଥିଲା ,ଏଭଳି ହୋଇପାରେ ବୋଲି କାହାର ନିଘା ଏ ଆଡିକୁ ନ ଥିଲା। ଚର୍ଚ୍ଚା, ଆଲୋଚନାର ବିଷୟବସ୍ତୁ ପାଲଟିଗଲା କେବଳ ଗାୟତ୍ରୀ ଦେବୀ ଓ ତାଙ୍କ ପରିବାର। ଦୁଇଗୋଷ୍ଠୀ ସୃଷ୍ଟିହେଲେ ଯେପରି। ଭୁଲଟା କାଳେ ଗାୟତ୍ରୀ ଦେବୀଙ୍କ ଆଡୁ ହେଇଥିଲା ବୋଲି କେହି ଜଣ କହୁଥିଲେ। ଅତିଶୟ ହସ୍ତକ୍ଷେପ କରୁଥିଲେ ସେ। ଆଉ, ଥୋକେ କହୁଥିଲେ:ଏବର ପିଢିଙ୍କ ମାନସିକତା ବି ପ୍ରଘଟ ହୋଇଯାଉଛି ଯେ ମା-ବାପାଙ୍କର ସମ୍ମାନ-ସମାଦାର ନାହିଁ। ଏଭଳି ଲୋକଙ୍କ ଭିତରୁ



ଅନେକଙ୍କଠୁ ଶୁଣି ଶୁଣି ଅଚାନକ ଚିତ୍ରା କହିଲେ: ଭୁଲ କାହାର ବି ରହିଛି, ଘର ବନେଇଥିଲେ ଗାୟତ୍ରୀ ଦେବୀଙ୍କ ସ୍ୱାମୀ,ଏବେ ତାଙ୍କ ପତିଦେବ ନାହାନ୍ତି। ତେବେ ଅଲଗା ହେବା ଅନାବଶ୍ୟକ। ଆମକୁ ସମସ୍ୟା ଉପରେ ଆଲୋଚନା କରିବାନି, ବରଂ ସମାଧାନ ବି ଖୋଜିବାକୁ ହେବ। ଆଜି ଏ ଘଟଣା ତାଙ୍କ ଯୋଗୁଁ ଘଟିଲା, କାଲି ଆଉ କାହା ସହିତ ହୋଇପାରେ। : ଆମେ କଣ ବା କରିପାରିବା ? କେମିତି ନାକ ପୂରେଇବା ସେମାନଙ୍କ ବ୍ୟାପାରରେ ? ନିଜ ଅବସ୍ଥାକୁ ବିଚାରି ରହିବାଟା ବାସ୍ତବତା। ଯଶୋଧା କହିଲା।

ଚିତ୍ରା ଜବାବ ଦେଲେ : ଏମିତିରେ ତ ଆମ ସମସ୍ତଙ୍କଠାରେ ସେଇ ନ୍ୟୂନତା। ଆମମାନଙ୍କ ଭିତରୁ କାହା ସହିତ ଭୁଲ ହୋଇଗଲେ ବି ଆମେ 'ମୁଁ କ'ଣ' ବୋଲି ମନୋଭାବ ଆପଣାଉଛେ। ଆମେ ବି କ'ଣ କରିପାରୁଛେ ବୋଲି ତୁମେ କୁହ। ଆମ ଯାଇ ଗାୟତ୍ରୀଦେବୀଙ୍କୁ ସଙ୍ଗରେ ଘେନି ଆସିବା ,ତାଙ୍କ ପୁଅ-ବୋହୂ ସୁଶୀଳ ଓ ଶୀଲାକୁ କ'ଣ କୌଣସିମତେ ବୁଝାଇ ପାରିବାନି ? : ଏ ଦୁହିଙ୍କୁ ବହିଷ୍କାର କରାଯାଉ।

କଲେଜ ପ୍ରଫେସର ଅଂଜନା କହିଲେ। : କେମିତି ? ଅନେକେ ଏକକାଙ୍ଗରରେ କହି ଉଠିଲେ। : ସମସ୍ତେ କହିବା ବନ୍ଦ କରିଦିଅ ଓ ନିଜ-ନିଜ ଘର ଭିତରେ ସମସ୍ତଙ୍କୁ କହିଦିଅ

କେହି କଥାବାର୍ତ୍ତା କରିବେନି ଦୁହିଁଙ୍କ ସହିତ। : କିନ୍ତୁ ମୋ ପୁଅ ଅନୁରାଗ ତ ସୁଶୀଳ ସାଥିରେ ପିଲାଦିନୁ ପଢୁଛି, ତାକୁ କେମିତି କହିବି। ସୁଧା କହିଲେ। : କହିବାକୁ ହେବ, ଚିତ୍ରା କହିଲେ : ଆମ ସଭିଏଁ ଏକୁଜୁଟ ହେଲେ ସୁଶୀଳ ହୃଦୟରେ ଶକ୍ତ ଚୋଟ ଲାଗିବ। କାହାକୁ ଏକଲା କରିଦେବା ଫଳରେ କ'ଣ ହୁଏ ସେ ଦୁହେଁ ହୁଏତ ବୁଝିଥିବେ। ଗୋଟିଏ ବିଶ୍ୱାସ ଭରସା ନେଇ ସମସ୍ତେ ଯେ ଯାହାର ଘରକୁ ବାହୁଡିଗଲେ। ପରଦିନ ସକାଳୁ ଗାଈକ୍ଷୀର ନେଇ ନିଶା ବାହାରି ଆସିଲା,ସୁଶୀଳ ବି ଘରୁ ଗୋଡ କାଢିଲା। ନମସ୍ତେ ଆଂଟି ବୋଲି ଅଭିବାଦନ କଲେ। ନିଶା କଥାଟିକୁ ଶୁଣି ନ ଶୁଣିଲା ଭଳି କ୍ଷୀରନେଇ ଭିତରକୁ ଅପସରିଗଲେ। ଅଳ୍ପ ସମୟ ଭିତରେ ଅନୁରାଗ ସିଆଡୁ ବାହାରିଲା ବେଳକୁ ସୁଶୀଳ ବଡପାଟିରେ କୁହାଟ ଛାଡିଲ,ଅନୁରାଗ ଦେଖି ନ ଦେଖିଲା ଭଳି ଅଭିନୟ କରି ଆଗକୁ ବଢିଲା। ସୁଶୀଳ ହତପ୍ରଭ। ଭାବୁଥିଲା ଶୀଳା ବାହାରି ଆସିଲା ବେଳକୁ ସାମନାବାଲା ଅଙ୍କଲ ବାହାରି ଯାଇଥିଲେ ଛନ୍ଛନିଆ ସବୁଜ ପନିପରିବା ଆଣିବାପାଇଁ। ସେ ଦୁହେଁ ଅଙ୍କଲକୁ ନମସ୍କାର କଲାବେଳେ ସେ ଦେଖିକି ମୁହଁ ଫେରାଇ ଆଣିଲେ। କେବଳ ପୁଂଜିଭୂତ ଅସନ୍ତୋଷ ସେମାନଙ୍କ ବହିଷ୍କାରର ରୂପ ଧାରଣ କରିଛି ବୋଲି ବେଳବୁଡ ପର୍ଯ୍ୟନ୍ତ ସୁଶୀଳ -ଶୀଳା ଦୁହେଁ ବୁଝି ଯାଇଥିଲେ। କି ଜବାବ ଦେବେ ସେମାନଙ୍କୁ ଜଣା ନ ଥିଲା। ତିନିଦିନ ପରେ ସକାଳୁ ସକାଳୁ ନିଶା ବାହାରି ଆସିଲା ବେଳକୁ ଦେଖେତ, ଗାୟତ୍ରୀଦେବୀ ଚଟକା କଡେଇଟିଏ ଧରି ପଦାକୁ ଆସିଛନ୍ତି। ବିସ୍ମୟମିଶ୍ରିତ ଖୁସୀରେ ନିଶା ତାକୁ ଅନେଇଲା ବେଳକୁ ଗାୟତ୍ରୀଦେବୀ କହିଲେ : ଆପଣ ସମସ୍ତଙ୍କ ଯୋଗୁଁ ମୋ ଜୀବନରେ ଫେରି ଆସିବା ସମ୍ଭବ ହୋଇପାରିଛି। କାଲି ପୁଅ-ବୋହୂ ଆସିଥିଲେ ମତେ ସାଙ୍ଗରେ ନେବାପାଇଁ। ଚିତ୍ରା ଟହଲ ମାରୁଥିଲେ, ସେ ବଡେଇଲେ ସବୁକିଛି। ନିଶା କହିଲେ: ଆମେ ତ ହୋଲିର ଛେନା ମିଠେଇ ପାଇବା ପାଇଁ ଏସବୁ କରିଥିଲି। ପ୍ରତିଥର ଭଳି ହୋଲିରେ ତୁମ ହାତ ତିଆରି ଛେନା ମିଠେଇ ଖାଇଥିଲୁ ଗାୟତ୍ରୀ ଆଖିରେ ଲୁହର ବନ୍ୟା। ଲୁହ ଛଳଛଳ ଆଖିରେ କହିଲେ: ମୁଁ ତ କେବଳ ମୁହଁମିଠା କରାଉଥିଲି, ଆପଣ ସମସ୍ତେ ତ ମୋ ପରିବାର ଜୀବନରେ ମିଠାପଣ ଭରିଦେଲେ ।

*ନଗେନ୍ଦ୍ର ନାଥ ପଟ୍ଟନାୟକ*
*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର, ଓସ୍କାର ସିଟି, ଲେନ ନଂ-୯ ପ୍ଲଟ ନଂ-୪୫୬, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮*

# ମା' ଯୋଗୁଲାମ୍ବାଙ୍କ ଶକ୍ତିପୀଠ




ତେଲେଙ୍ଗାନାର ଆଲମପୁର ସହର ମନ୍ଦିର ମାନଙ୍କ ପାଇଁ ସୁପ୍ରସିଦ୍ଧ । ଏଠାରେ ଅବସ୍ଥିତ ଅଧିକାଂଶ ମନ୍ଦିର ଅତି ପୁରାତନ ଓ ନିଜର ସ୍ଥାପତ୍ୟ ପାଇଁ ବିଖ୍ୟାତ । ଏଥିମଧ୍ୟରେ ଅଧିକାଂଶ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗ ଅଧୀନରେ ରହିଛି । ଆଲମପୁର ସହରରେ ଯେତେ ସବୁ ମନ୍ଦିର ରହିଛି, ସେମାନଙ୍କ ମଧ୍ୟରେ 'ଜୋଗୁଲାମ୍ବା ଶକ୍ତିପୀଠ' (ଜୋଗୁଲାମ୍ବା ଦେବୀ ମନ୍ଦିର) ଓ 'ନବବ୍ରହ୍ମା ମନ୍ଦିର ପ୍ରମୁଖ ସ୍ଥାନରେ ରହିଛନ୍ତି ।

ଜୋଗୁଲାମ୍ବା ଦେବୀ ମନ୍ଦିର ମଧ୍ୟ ଭାରତରେ ଜୋଗୁଲାମ୍ବା ଶକ୍ତିପୀଠ ଭାବେ ପ୍ରସିଦ୍ଧ । ମା' ସତୀଙ୍କ ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଏହା ପଂଚମ ଶକ୍ତିପୀଠ ଭାବେ ପରିଚିତ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆଲମପୁରର ଯେଉଁଠି ମା'ସତୀଙ୍କ ଉପର ଦାନ୍ତ ସମୂହ ପଡ଼ିଥିଲା, ସେଠାରେ ଜୋଗୁଲାମ୍ବା ଦେବୀ ମନ୍ଦିର ସ୍ଥାପିତ ହୋଇଛି । ଏହି ମନ୍ଦିରର ପ୍ରମୁଖ ଆରାଧ୍ୟ ହେଲେ, 'ଜୋଗୁଲାମ୍ବା' ଓ 'ବାଲ୍ ବ୍ରହ୍ମେଶ୍ୱର ସ୍ୱାମୀ' । ଏଠାରେ ମାତା ସତୀଙ୍କୁ 'ଜୋଗୁଲାମ୍ବା ଦେବୀ' ବା 'ଯୋଗାମ୍ବା ଦେବୀ' ନାମରେ ଓ ଭଗବାନ୍ ଶିବଙ୍କୁ 'ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ' ନାମରେ ପୂଜା କରାଯାଏ ।

'ଜୋଗୁଲାମ୍ବା ଦେବୀ'ଙ୍କୁ 'ଗୃହ ଚଣ୍ଡୀ' (ଘରର ରକ୍ଷାକର୍ତ୍ତା) ଭାବରେ ପୂଜା କରାଯାଏ । ମନ୍ଦିରର ଗର୍ଭ ଗୃହରେ ଦେବୀଙ୍କର ବସିଥିବା ମୂର୍ତ୍ତି ରହିଛି, ଯେଉଁଥିରେ ଦେବୀଙ୍କୁ ତାଙ୍କ ବାଳରେ ଏକ ଝିଟିପିଟି, ବିଛା, ବାଦୁଡ଼ି ଓ ମଣିଷର ଖପୁରି ଥିବା ଦର୍ଶା ଯାଇଛି । ଆମ ଶାସ୍ତ୍ରରେ ଏସବୁ ଅମଙ୍ଗଳର ପ୍ରତୀକ ତଥା ଏହା ମଧ୍ୟ ଗୃହ ପତନର ସଙ୍କେତ ଅଟେ । କୌଣସି ଘରେ ଝିଟିପିଟି ଦେଖାଯିବା ଅର୍ଥ ସେହି ଘରର ସୁଖ ଶାନ୍ତି ନଷ୍ଟ ହେବାର ସୂଚନା ବୋଲି ଧରାଯାଏ । ଧୀରେ ଧୀରେ ଘରେ ଝିଟିପିଟି ସଂଖ୍ୟା ବୃଦ୍ଧି ପାଇବ ଓ ପରିଣାମ ସ୍ୱରୂପ ବିଛା ମାନଙ୍କର ଆଗମନ ହେବ, ଯାହା ଭୟଙ୍କର ଅନର୍ଥର ସୂଚନା । ପୁଣି ଏହା ପରେ ପରେ ଘରେ ବାଦୁଡ଼ି ପ୍ରବେଶ କରିବେ, ଯାହା ସେହି ଘରେ ରହୁଥିବା ଲୋକମାନଙ୍କ ପାଇଁ ମୃତ୍ୟୁର ଫାସ ତିଆରି ହୋଇଯାଏ ।

ତେବେ 'ଜୋଗୁଲାମ୍ବା ଦେବୀ'ତାଙ୍କୁ ଓ ତାଙ୍କ ଘରର ସମସ୍ତ ଅମଙ୍ଗଳରୁ ରକ୍ଷା କରନ୍ତି ବୋଲି ପ୍ରତ୍ୟେକଙ୍କର ବିଶ୍ୱାସ ରହିଛି । ବାସ୍ତୁ ଦୋଷ (ନିର୍ମାଣ କାର୍ଯ୍ୟରେ ଭୁଲ)ରୁ ମୁକ୍ତ ହେବା ପାଇଁ ମୁଖ୍ୟତଃ 'ଜୋଗୁଲାମ୍ବା ଦେବୀ'ଙ୍କୁ ପୂଜା କରାଯାଏ । ଶାସ୍ତ୍ରରୁ ଜଣାଯାଏ, ଚଣ୍ଡି ମୁଣ୍ଡିଙ୍କର ମୂଳ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ଛାଡ଼ି ଦିଆ ଯାଇଥିଲା ଓ ନୂଆ ମୂର୍ତ୍ତି ତିଆରି କରାଯାଇ ତାଙ୍କୁ ଜୋଗୁଲାମ୍ବା ମନ୍ଦିରରେ ସ୍ଥାପିତ କରା ଯାଇଥିଲା । ମନ୍ଦିରରେ ସପ୍ତ ମାତୃକା, ବିଘ୍ନେଶ୍ୱର ଓ ବୀଣାପାଣୀ ବିରଭଦ୍ରଙ୍କ ପ୍ରତିମା ମଧ୍ୟ ରହିଛି । ଦେଶର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ ତିର୍ଥଯାତ୍ରୀ ମାନେ ଏଠାରେ ପହଂଚି ଦେବୀଙ୍କୁ ଦର୍ଶନ କରନ୍ତି ।

ଇତିହାସରୁ ଜଣାଯାଏ, ଆଲମପୁରର ଏକ ସମୃଦ୍ଧ ଐତିହାସକ ଓ ଧାର୍ମିକ ମହତ୍ୱ ରହିଛି । ଶତବାହନ, ଇକ୍ଷ୍ୱାକୁ, ଚାଲୁକ୍ୟ ଏବଂ କାକତିଆ ବଂଶର ରାଜା ମାନେ, ବହମନୀ ସୁଲତାନ ଓ ବିଜୟନଗରର ସମ୍ରାଟ ମାନେ ଏଠାରେ ଶାସନ କରିଥିଲେ । 'ଜୋଗୁଲାମ୍ବା ଦେବୀ'ଙ୍କ ପୁରୁଣା ମନ୍ଦିର ବହମନୀ ସୁଲତାନଙ୍କ ଦ୍ୱାରା ୧୪ଶ ଶତାବ୍ଦୀରେ ନଷ୍ଟ କରି ଦିଆ ଯାଇଥିଲା । ସେଥିରୁ ରକ୍ଷା ପାଇବା ପାଇଁ ହିଁ ମା'ଜୋଗୁଲାମ୍ବା ଓ ତାଙ୍କର ଦୁଇ ଶକ୍ତି, ଚଣ୍ଡୀ ଓ ମୁଣ୍ଡୀଙ୍କ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ରଖା ଯାଇଥିଲା । ପରେ ପୁରୁଣା ମନ୍ଦିର ସ୍ଥାନରେ ଏକ ନୂଆ ମନ୍ଦିର ନିର୍ମାଣ କରାଗଲା ଓ ଦେବୀଙ୍କ ମୂର୍ତ୍ତି ମାନଙ୍କୁ ସେଠାରେ ସ୍ଥାପିତ କରାଗଲା । ନବବ୍ରହ୍ମା ମନ୍ଦିର ଓ ସଂଗମେଶ୍ୱରା ମନ୍ଦିରର ନିର୍ମାଣ ୭ଶ ଶତାବ୍ଦୀରେ କରାଯାଇଥିଲା ।

ପୌରାଣିକ ସନ୍ଦର୍ଭ: ଏହି ସ୍ଥାନ ସଂପର୍କରେ ସ୍ଥଳ ପୁରାଣରେ ଲିଖିତ ଅଛି ଯେ, ଥରେ ଭଗବାନ୍ ବ୍ରହ୍ମା ଏକ ବିଖ୍ୟାତ ସନ୍ଥଙ୍କର ଅଭିଶାପର ଫଳ ସ୍ୱରୂପ ନିଜର ସବୁ ଶକ୍ତି ହରାଇ ବସିଲେ । ବ୍ରହ୍ମା ନିଜର ଶକ୍ତି ଫେରି ପାଇବା ପାଇଁ ଭଗବାନ୍ ଶିବଙ୍କୁ ପ୍ରସନ୍ନ କରିବାକୁ କଠୋର ତପସ୍ୟା କଲେ । କୁହାଯାଏ ଯେ, ଭଗବାନ୍ ଶିବ ନଅ ପ୍ରକାରର ବିଭିନ୍ନ ରୂପରେ ନିଜକୁ ପ୍ରକଟ କଲେ । ଆଲମପୁରରେ ତୁଙ୍ଗଭଦ୍ରା ନଦୀ କୂଳରେ ସ୍ଥାପିତ





ନବ ବ୍ରହ୍ମା ମନ୍ଦିରରେ ଶିବଙ୍କର ସେହି ନଅଟି ଭିନ୍ନ ଭିନ୍ନ ରୂପର ମନ୍ଦିର ମାନ ରହିଛି । ସେଗୁଡ଼ିକ ହେଲେ, ବାଲ୍ ବ୍ରହ୍ମା, ଗରୁଡ଼ ବ୍ରହ୍ମା, ସ୍ୱର୍ଗ ବ୍ରହ୍ମା, ପଦ୍ମ ବ୍ରହ୍ମା, କୁମାର ବ୍ରହ୍ମା, ତାରକ ବ୍ରହ୍ମା, ଅର୍କ ବ୍ରହ୍ମା ଓ ବୀର ବ୍ରହ୍ମା ଓ ବିଶ୍ୱ ବ୍ରହ୍ମା । ବାଲ୍ ବ୍ରହ୍ମାଙ୍କ ମୁଖ୍ୟ ମନ୍ଦିରରେ ସ୍ଥାପିତ ଶିବ ଲିଙ୍ଗ ଦେଖିବାରେ ଏକ ବଳଦର ପାଦଚିହ୍ନ ଭଳି ଲାଗେ । ନଅଟି ନବବ୍ରହ୍ମା ମନ୍ଦିରରେ କେବଳ ଆଠଟିକୁ ହିଁ ଦେଖା ଯାଇପାରେ, କାରଣ ତାରକ ବ୍ରହ୍ମା ମନ୍ଦିରର ସ୍ଥାନ ଅନିଶ୍ଚିତ ଅଟେ ।

ଏଠାରେ ଅନେକ ପ୍ରକାର ଉତ୍ସବ ଓ ପର୍ବ ପାଳନ କରାଯାଏ । ହେଲେ ଦଶହରା ଓ ମହାଶିବରାତ୍ରୀ ଉତ୍ସବ ଏଠାରେ ପ୍ରମୁଖ ପର୍ବ ଭାବେ ପାଳିତ ହୁଏ । ଏହି ମନ୍ଦିର ପ୍ରତିଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ରାତ୍ରି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହେ । ଏହାଛଡ଼ା ପ୍ରତି ଶୁକ୍ରବାର ଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ଅପରାହ୍ନ ୪ଟା ୪୫ ପର୍ଯ୍ୟନ୍ତ ବିଶେଷ ପୂଜାର ବ୍ୟବସ୍ଥା ରହିଛି । ଏହି ସମୟରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାର ସୁଯୋଗ ପାଆନ୍ତି ।

ଜୋଗୁଲାମ୍ବା ଦେବୀ ମନ୍ଦିର ବା ଜୋଗୁଲାମ୍ବା ଶକ୍ତିପୀଠରେ ପହଂଚିବା ପାଇଁ ହାଇଦ୍ରାବାଦରୁ କୁର୍ନଲ ଯାଉଥିବା ଆଲାମପୁର ଦେରାହେ (କୁର୍ନଲ ପହଂଚିବା ୧୨ କି.ମି ପୂର୍ବରୁ) ଠାରେ ବାମକୁ ଆଲମପୁର ମାତ୍ର ୧୨ କି.ମି. ଦୂର । ଆଲମପୁର ଏକ ଛୋଟ ସହର । ଜୋଗୁଲାମ୍ବା ଦେବୀ ମନ୍ଦିର ଏହି ସହରର ଦକ୍ଷିଣ-ପୂର୍ବ କୋଣରେ ତୁଙ୍ଗଭଦ୍ରା ନଦୀ ନିକଟରେ ଅବସ୍ଥିତ ।

***ଶରତ କୁମାର ରାଉତ***

# ଆକର୍ଷଣୀୟ ସହର ତୱାଙ୍ଗ

**ଅରୁଣାଚଳ ପ୍ରଦେଶର ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍; ଯେଉଁଠାରେ ଦେଖିବା ପାଇଁ ରହିଛି ପାହାଡ଼, ଝରଣା ତଥା ଅନେକ ବୌଦ୍ଧ ମଠ । ତନ୍ମଧ୍ୟରୁ ତୱାଙ୍ଗ୍ ମଠଟି ହେଉଛି ଏହି ସହରର ଏକ ମୁଖ୍ୟ ଆକର୍ଷଣ; ଯାହାକୁ ଦେଖିବାକୁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଗହଳି ପରିଲକ୍ଷିତ ହୋଇଥାଏ ।**





ଅରୁଣାଚଳ ପ୍ରଦେଶର ତୱାଙ୍ଗ୍ ଜିଲ୍ଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍; ଯାହା ତୱାଙ୍ଗ୍ ଚୁ ନାମକ ଏକ ନଈ ନିକଟରେ ଗଢ଼ିଉଠିଛି । ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ସୁନ୍ଦର ସୁନ୍ଦର ପାହାଡ଼, ଝରଣା, ପାହାଡ଼ ଉପରେ ଥିବା ବୌଦ୍ଧମଠ ତଥା ଆଖପାଖର ଛୋଟ ଛୋଟ ଗାଁ । କହିବାକୁ ଗଲେ ଏଠାରେ ଐତିହାସିକ, ଧାର୍ମିକ ତଥା ପୌରାଣିକ କଥାବସ୍ତୁର ଏକ ନିଛକ ସମ୍ମିଶ୍ରଣ ଦେଖିବାକୁ ମିଳିଥାଏ । ତା'ଛଡ଼ା ଏହି ଅଞ୍ଚଳରେ ମୁଖ୍ୟତଃ ମୋନପା ନାମକ ଏକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରିଥାନ୍ତି; ଯେଉଁମାନେ କି ପାହାଡ଼ ଉପରେ ପଥର ଓ ବାଉଁଶରେ ତିଆରି ସ୍ୱତନ୍ତ୍ର ଧରଣର ଘରେ ରହିବାକୁ ପସନ୍ଦ କରିଥାନ୍ତି । ସେମାନଙ୍କର ଏହି ଘର ହିଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେଇଥାଏ । ତା'ଛଡ଼ା ଏଠାରେ ତୱାଙ୍ଗ୍ ମଠ ନାମକ ଏକ ବଡ଼ ବୌଦ୍ଧମଠ ମଧ ରହିଛି; ଯାହାକି ଏଠାକାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଥାଏ । ଏହା ହେଉଛି ତୱାଙ୍ଗ୍ ସହରର ଏକ ବଡ଼ ବୌଦ୍ଧମଠ । ସୂଚନାନୁଯାୟୀ ପଞ୍ଚମ ଦଲାଇଲ ଲାମା ନଗୱାଙ୍ଗ୍ ଲୋବସାଙ୍ଗ ଗ୍ୟାତସୋଙ୍କ ଇଚ୍ଛାନୁସାରେ ତାଙ୍କ ଶିଷ୍ୟ ମେରାକ ଲାମା ଲୋଡ୍ରେ ଗ୍ୟାତସୋ ୧୬୮୦-୮୧ ମସିହାରେ ଏହି ମଠଟିକୁ ଏଠାରେ କୁଆଡ଼େ ନିର୍ମାଣ କରାଇଥିଲେ । ଏହି ମଠଟି ଏକ ପାହାଡ଼ ଉପରେ ନିର୍ମିତ; ଯାହାର ଉଚ୍ଚତା ପାଖାପାଖି ଦଶହଜାର ଫୁଟ ହେବ । ସେଥିପାଇଁ ଦୂରରୁ ଦେଖିଲେ ଉକ୍ତ ମଠଟି ଏକ ଦୁର୍ଗ ଭଳି ମନେ ହୋଇଥାଏ । ତା'ଛଡ଼ା ଏହି ମଠଟି କେବଳ ତୱାଙ୍ଗ୍ର ନୁହଁ, ଭାରତର ମଧ ଏକ ବଡ଼ ବୌଦ୍ଧ ମଠ; ଯେଉଁଠାରେ ଏକକାଳୀନ ୭୦୦ ବୌଦ୍ଧ ସାଧୁ ରହିବାର ସୁବିଧା ରହିଛି । ଏହି ମଠ ପାର୍ଶ୍ୱ ଦେଇ ଏକ ଜଳଧାରା ବୋହିଯାଉଛି; ଯାହାର ଅପୂର୍ବ ଦୃଶ୍ୟ ବେଶ୍ ମନଛୁଆଁ ହେବା ସହ ଏହାର ଶୁଦ୍ଧଜଳ ମଠର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଛି । ତେବେ ଏହି ମଠର ପ୍ରବେଶଦ୍ୱାର ଦକ୍ଷିଣ ଦିଗକୁ ରହିଛି; ଆଉ ଏହି ଦ୍ୱାର ଦେଶରେ କରାଯାଇଥିବା ଆକର୍ଷଣୀୟ ଚିତ୍ରକଳା ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସୁଛି । ସେହିପରି ଉକ୍ତ ମଠ ପରିସରରେ ଥିବା ପ୍ରାୟ ୮ ମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧ ଦେବଙ୍କର ଏକ ବିରାଟ ମୂର୍ତ୍ତିଟି ଉକ୍ତ ମଠର ଶୋଭାକୁ ଆହୁରି ବଢ଼ାଇ ଦେଉଛି ।

ଆଉ କ'ଣ ଦେଖିବେ

ତୱାଙ୍ଗ୍ ମଠ ବ୍ୟତୀତ ପର୍ଯ୍ୟଟକ ଏଠାକାର ଆଖପାଖ ଅଞ୍ଚଳରେ ଆହୁରି କେତୋଟି ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ ମଧ ଦେଖିପାରିବେ । ଯେମିତିକି: ସେଲା ପାସ୍, ବୁମ୍ଲା, ମାଧୁରୀ ହ୍ରଦ, ଜେମିଥାଙ୍ଗ ଇତ୍ୟାଦି । ତା'ଛଡ଼ା ଏଠାକାର ଆଖପାଖ ଅଞ୍ଚଳରେ ଥିବା ଛୋଟ ଛୋଟ ଗାଁକୁ ଯାଇ ସେମାନଙ୍କର ଖାଦ୍ୟପେୟ, ଚାଲିଚରଣ, ପରମ୍ପରା ଆଦିକୁ ନିକଟରୁ ଜାଣିବାର ଭଲ ସୁଯୋଗ ବି ଏଠାରେ ରହିଛି ।



ଅର୍ଥନୀତି

ସୂଚନାନୁଯାୟୀ, ଏଠାକାର ଲୋକେ ମୁଖ୍ୟତଃ ଚାଷବାସ ତଥା ପଶୁପାଳନରୁ ସେମାନଙ୍କ ଗୁଜରାଣ ମେଣ୍ଟାଇଥାନ୍ତି । ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାକାର ଅର୍ଥନୀତି କିଛିଟା ସୁଦୃଢ଼ ହୋଇଥାଏ ।

କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି । ତେବେ ସୂଚନାନୁଯାୟୀ, ଶୀତଦିନେ ଏଠାରେ କୁଆଡ଼େ ତୁଷାରପାତ ହୁଏ । ଆଉ ଏହି ସମୟରେ କିଛି ଲୋକ ଏଠାକୁ ସ୍କି କରିବାକୁ ତଥା ତୁଷାରପାତର ମଜା ନେବାକୁ ଆସିଥାନ୍ତି ବୋଲି ନଜିର ରହିଛି । ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ଅଛି । ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୪୪୮ କି.ମି. ଦୂରରେ ଥିବା ଏହି ସ୍ଥାନକୁ ଯିବା ପାଇଁ ନିକଟ ରେଳଷ୍ଟେସନ ହେଉଛି ନାହାରଲାଗୁନ ରେଲୱେ ଷ୍ଟେସନ; ଯାହାକି ଇଟାନଗରଠାରୁ ମାତ୍ର ୧୫ କି.ମି. ଦୂରରେ ଅବସ୍ଥିତ ।



# ପୁଣି ଐଶ୍ୱର୍ଯ୍ୟାଙ୍କୁ ନେଇ ଅଭିଷେକଙ୍କ ବଡ଼ ଖୁଲାସା



ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବଲିଉଡର ଚର୍ଚ୍ଚିତ କପଲଙ୍କ ମଧ୍ୟରୁ ଜଣେ। ଯଦିଓ ଗତବର୍ଷ ଏହି ଦମ୍ପତିଙ୍କ ମଧ୍ୟରେ ଛାଡପତ୍ରର ଗୁଜବ ଉଠିଥିଲା, କିନ୍ତୁ ଏହି ବର୍ଷ ଦୁଇଜଣ ସାର୍ବଜନୀନ ଭାବରେ ଏକାଠି ଦେଖାଯାଇ ସେମାନଙ୍କ ଅଲଗା ହେବାର ଗୁଜବକୁ ଖଣ୍ଡନ କରିଛନ୍ତି। ନିକଟରେ ଏକ ପୁରସ୍କାର କାର୍ଯ୍ୟକ୍ରମରେ ଅଭିଷେକ ପ୍ରକାଶ କରିଥିଲେ ଯେ ଐଶ୍ୱର୍ଯ୍ୟା ତାଙ୍କୁ ଫୋନ କଲେ ସେ ନର୍ଭସ ହୋଇଯାଆନ୍ତି। ଅଭିଷେକ ବଚ୍ଚନ ନିକଟରେ ଏକ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟ ମଧ୍ୟରେ, ସେ ସୁଜିତ ସରକାରଙ୍କ "ଆଇ ୱାଣ୍ଟ ଟୁ ଟକ" ରେ ତାଙ୍କର ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତା (ଜୁରୀ) ପୁରସ୍କାର ଜିତିଥିଲେ। ଫିଲ୍ମରେ, ଅଭିଷେକ ଏକ ଅସାଧ ରୋଗ ସହିତ ଲଢୁଥିବା ଜଣେ ଭାବପ୍ରବଣ ପିତାଙ୍କ ଭୂମିକାକୁ ଚମତ୍କାର ଭାବରେ ପ୍ରଦର୍ଶନ କରିଥିଲେ। ଯେତେବେଳେ ଅଭିନେତା ତାଙ୍କ ଅଭିନୟ ପାଇଁ ପୁରସ୍କାର ଗ୍ରହଣ କରିବାକୁ ମଞ୍ଚକୁ ଆସିଲେ, ହୋଷ୍ଟ ଅର୍ଜୁନ କପୁର ତାଙ୍କୁ ପଚାରିଲେ, ଆପଣ କେଉଁ ବ୍ୟକ୍ତିଙ୍କୁ ଡରଲାଗେ ଯେତେବେଳେ ସେ କୁହନ୍ତି ମୁଁ କଥା ହେବାକୁ ଚାହୁଁଛି। ଏହାର ମଜାଦାର ଉତ୍ତର ଦେଇ ଅଭିଷେକ କହିଥିଲେ, "ଯେତେବେଳେ ସ୍ତ୍ରୀ ଐଶ୍ୱର୍ଯ୍ୟା ଫୋନ କରି କୁହନ୍ତି ମୁଁ କଥା ହେବାକୁ ଚାହୁଁଛି, ସେତେବେଳେ ମୁଁ ଟେନଶନ ହୋଇଯାଏ'। ସୂଚନାଥାଉ କି, ଅଭିଷେକ-ଐଶ୍ୱର୍ଯ୍ୟା ପରସ୍ପରର ପ୍ରଶଂସା କରିବାକୁ ଏବଂ କୃତଜ୍ଞତା ପ୍ରକାଶ କରିବାକୁ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ। କିନ୍ତୁ, ଗତ କିଛି ବର୍ଷ ଧରି, ସେମାନଙ୍କୁ ଏକାଠି ଦେଖାଯାଇନାହିଁ ଏବଂ ପରସ୍ପର ବିଷୟରେ ଅଧିକ କଥା ହୋଇନାହାନ୍ତି। ଯାହା ଫଳରେ ୧୭ ବର୍ଷର ବିବାହ ପରେ ୨୦୨୪ ରେ ସେମାନଙ୍କ ଅଲଗା ହେବାର ଗୁଜବ ଉଠିଛି। କିନ୍ତୁ ପରେ ସେମାନେ ଦମ୍ପତି ଭାବରେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ଗୁଜବକୁ ଖଣ୍ଡନ କରିଛନ୍ତି।

# ପୁଣି ବାପା ହେବେ ରଣବୀର !



ବଲିଉଡର ସବୁଠାରୁ ଚର୍ଚ୍ଚିତ କପଲ୍ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଝିଅ ରାହାଙ୍କ ସହ ସମୟ ବିତାଉଛନ୍ତି। ନଭେମ୍ବର ୨୦୨୨ ରାହା ଜନ୍ମ ପରଠାରୁ ଉଭୟ ଫିଲ୍ମ ଦୁନିଆରେ ଏତେଟା ସକ୍ରିୟ ରହୁନାହାନ୍ତି। ଏସବୁ ଭିତରେ ରଣବୀର ଏବେ ଦ୍ୱିତୀୟ ସନ୍ତାନର ସମ୍ଭାବନା ବିଷୟରେ ମୁହଁ ଖୋଲିଛନ୍ତି। ରଣବୀରଙ୍କୁ ପ୍ରାୟତଃ ତାଙ୍କ ଝିଅ ସହିତ ସମୟ ବିତାଉଥିବାର ଦେଖାଯାଏ। ସେ ତାଙ୍କ ଝିଅର ନାମର ଏକ ଟାଟୁ ମଧ୍ୟ କରିଛନ୍ତି। ଏହା ବ୍ୟତୀତ ସେ ତାଙ୍କ ଝିଅ ସହିତ ଖେଳନ୍ତି ଏବଂ ତାକୁ ଗୀତ ଶୁଣାନ୍ତି। ରଣବୀର ଆଉ ଏକ ଶିଶୁ ଯୋଜନା କରିବାର ସଙ୍କେତ ଦେଇଛନ୍ତି। ଏକ ସାକ୍ଷାତକାରରେ, ସେ ନିଜ ବିଷୟରେ ସର୍ବାଧିକ ଗୁଗଲ ଖୋଜାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ପ୍ରଶ୍ନ ଥିଲା ଯେ, ସେ ଖୁବ୍ ?ଶୀଘ୍ର ଆଉ ଏକ ନୂଆ ଟାଟୁ କରିବେ କି ? ଏହାର ଜବାବରେ ରଣବୀର କହିଥିଲେ, ଆଶା କରୁଛି ଶୀଘ୍ର କରିବି। ରଣବୀର ପୂର୍ବରୁ ରାହାଙ୍କ ନାମରେ ଏକ ଟାଟୁ କରିସାରିଛନ୍ତି। ଏହି ଟାଟୁ ବିଷୟରେ ବହୁତ ଆଲୋଚନା ହୋଇଥିଲା। ରାହାଙ୍କ ପରେ ରଣବୀର ଏବଂ ଆଲିଆ ଉଭୟ ଦ୍ୱିତୀୟ ସନ୍ତାନ ବିଷୟରେ ଚିନ୍ତା କରୁଛନ୍ତି। ନିକଟରେ ଆଲିଆ କହିଥିଲେ, ଯଦି ତାଙ୍କର ଦ୍ୱିତୀୟ ସନ୍ତାନ ପୁଅ ହୁଏ, ତେବେ ତା' ନାମ ଆଗରୁ ପ୍ରସ୍ତୁତ ଅଛି।

# 'କିକ୍-୨' ଅପକ୍ଷୋରେ ଜ୍ୟାକ୍‌ଲିନ୍



୨୦୧୪ରେ ମୁକ୍ତିପ୍ରାପ୍ତ ବ୍ଲକ୍‌ବଷ୍ଟର ଫିଲ୍ମ 'କିକ୍' ଜ୍ୟାକ୍‌ଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ଜୀବନ ବଦଳାଇ ଦେଇଥିଲା । ସଲମାନ-ଜ୍ୟାକ୍‌ଲିନ ଷ୍ଟାରର୍ ଏହି ଫିଲ୍ମ ତେଲୁଗୁ ଷ୍ଟାର୍ ରବି ତେଜାଙ୍କ ୨୦୦୯ର ସମାନ ଟାଇଟଲ୍‌ଯୁକ୍ତ ଫିଲ୍ମର ରିମେକ୍ ଥିଲା । ଏଥିରେ ରଣଦୀପ ହୁଡ୍ଡା ଓ ନୱାଜୁଦ୍ଦିନ ସିଦ୍ଦିକି ମଧ୍ୟ ଅଭିନୟ କରିଥିଲେ । ଉଭୟ ସଲମାନ ଓ ସାଜିଦ ନାଦିଆଦୱାଲା ଫିଲ୍ମ ନିର୍ମାଣ କରିଥିଲେ । ଗତ ବର୍ଷ ଉଭୟ ଫିଲ୍ମର ସିକ୍ୱେଲ ଘୋଷଣା କରିଥିଲେ । ଏବେ ସିକ୍ୱେଲକୁ ନେଇ ଜ୍ୟାକ୍‌ଲିନ ଖୁବ୍ ଉତ୍ସାହିତ । 'କିକ୍'ର ସିକ୍ୱେଲ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ ଆଶା କରୁଛନ୍ତି । କାରଣ ଫ୍ୟାନ୍ 'କିକ୍' ବ୍ରାଣ୍ଡକୁ ବହୁତ ଭଲପାଇବା ଦେଇଛନ୍ତି ବୋଲି ଏକ ପୁରସ୍କାର ସମାରୋହର ପ୍ରେସ୍ ସମ୍ମିଳନୀରେ ଜ୍ୟାକ୍‌ଲିନ କହିଛନ୍ତି । ୨୦୧୪ ମସିହାର ସବୁଠୁ ବଡ଼ ବ୍ଲକ୍‌ବଷ୍ଟର ଫିଲ୍ମ ଥିଲା 'କିକ୍' । 'ମର୍ଡର-୨', 'ରେସ୍-୨' 'ଡିସୁମ୍' ଭଳି ଫିଲ୍ମରେ କାମ କରିଥିବା ଜ୍ୟାକ୍‌ଲିନ ୨୦୨୫ରେ ନିଜର ଏକାଧିକ ଫିଲ୍ମ ରିଲିଜ୍‌କୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି । ତରୁନ ମନସୁଖାନୀଙ୍କ 'ହାଉସ୍‌ଫୁଲ୍-୫'ରେ ଜ୍ୟାକ୍‌ଲିନ ନଜର ଆସିବେ । ଏଥିରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ଫରଦୀନ ଖାନ୍, ସୋନମ ବାଜୱା, ନର୍ଗିସ ଫଖରୀ, ସଞ୍ଜୟ ଦତ୍ତ, ଜ୍ୟାକି ଶ୍ରଫ୍, ନାନା ପାଟେକର, ଚଙ୍କି ପାଣ୍ଡେ, ଜନି ଲିଭର, ଶ୍ରେୟସ ତଲପଡ଼େ, ଡିନୋ ମୋରିଆ, ଚିତ୍ରାଙ୍ଗଦା ସିଂହ, ରଣଜୀତ, ସୌନ୍ଦର୍ଯ୍ୟା ଶର୍ମା, ନିକିତିନ ଧୀର ପ୍ରମୁଖ ଅଭିନୟ କରିଛନ୍ତି । ସେହିପରି ମଲ୍ଟି ଷ୍ଟାରର୍ 'ୱେଲ୍‌କମ୍'ର ସଦ୍ୟ ସଂସ୍କରଣ 'ୱେଲ୍‌କମ୍ ଟୁ ଦ ଜଙ୍ଗଲ୍'ରେ ବି ଜ୍ୟାକ୍‌ଲିନ ନଜର ଆସିବେ । ଏଥିରେ ଟାଇଗର ଶ୍ରଫ୍, ଅକ୍ଷୟ କୁମାର, ସୁନୀଲ ଶେଟ୍ଟୀ, ପରେଶ ରାୱଲ, ଅର୍ଶଦ ୱାର୍ସି, ତୁଷାର କପୁର, ଶ୍ରେୟସ ତଲପଡ଼େ, ଅଫତାବ ଶିବଦାସାନି, ରବିନା ଟଣ୍ଡନ୍, ଲାରା ଦତ୍ତା, ଦିଶା ପଟାନି, ଜନି ଲିଭର ଓ ରାଜପାଲ ଯାଦବ ଅଛନ୍ତି ।

# ସୋନାକ୍ଷୀଙ୍କ କଥା ରହିଲା



ସୋନାକ୍ଷୀ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ' । ଅରବାଜ ଖାଁଙ୍କ ପ୍ରଯୋଜିତ ଏହି ଫିଲ୍ମଟି ୨୦୧୦ ସେପ୍ଟେମ୍ବର ୧୦ ଅର୍ଥାତ୍ ଇଦ୍‌ରେ ରିଲିଜ ହୋଇଥିଲା । ମାତ୍ର ୪୧ କୋଟି ବଜେଟରେ ପ୍ରସ୍ତୁତ ଉକ୍ତ ସିନେମା ବକ୍ସ ଅଫିସରେ ହିଟ୍ ହେବା ସହ ୨୦୦ କୋଟି କ୍ଲବ୍‌ରେ ପ୍ରବେଶ କରିଥିଲା । ତେବେ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲିଥିବା ବେଳେ ଏକ ଘଟଣା ଘଟିଥିଲା । ଏଥିରେ ସଲମାନଙ୍କ ଲୁକ୍ କିପରି ରହିବ ସେ ନେଇ ବେଶ୍ ମାନସ ମନ୍ଥନ ଚାଲିଥିବା ସମୟରେ ସୋନାକ୍ଷୀ ଏକ ପ୍ରସ୍ତାବ ଦେଇଥିଲେ । ସେ କହିଥିଲେ ସଲୁଜୀ ଯଦି ନିଶ ରଖିବେ ତେବେ ବେଶ୍ ସୁନ୍ଦର ଦେଖାଯିବେ । ଏହାକୁ ନେଇ ଆଲୋଚନା ହେବା ପରେ ଶେଷରେ ସୋନାକ୍ଷୀଙ୍କ କଥା ହିଁ ରହିଥିଲା । ଆଉ ଏହି ଫିଲ୍ମରେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଥିବା ସଲମାନଙ୍କ ନିଶ ଗେଟଅପକୁ ଦର୍ଶକ ଗ୍ରହଣ କରିଥିଲେ ।

# ସବୁ ଦର୍ଶକଙ୍କ ପାଇଁ



ଟାଇଗର

ବଲିଉଡ୍‌ର ୟଙ୍ଗ ସନ୍‌ସେସନ୍ ଟାଇଗର ଶ୍ରଫଙ୍କ ନୂଆ ଲୁକ୍ ଏବେ ଭାଇରାଲ୍ ହୋଇ । କଥା କ'ଣ କି ସେ ଏବେ ତାଙ୍କର ନୂଆ ସିନେମା 'ବାଗୀ-୪'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । କାରଣ ଏଥିରେ ତାଙ୍କର ଭୂମିକା ଦର୍ଶକଙ୍କୁ ପ୍ରାରମ୍ଭରୁ ପ୍ରଭାବିତ କରିବାରେ ସଫଳ ହୋଇଛି । ନିକଟରେ ଏହି ଫିଲ୍ମରେ ଟାଇଗରଙ୍କ ନୂଆ ଲୁକ୍ ରିଲିଜ ହୋଇଛି, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି । ଆଉ ସେମାନଙ୍କର ଏଭଳି ଭଲ ପାଇବା ଦେଖି ଟାଇଗର୍ ବା କେମିତି ଚୁପ୍ ବସି ରହନ୍ତେ ? ସେ ଦର୍ଶକଙ୍କୁ ପ୍ରଶଂସା କରିବା ସହ କହିଛନ୍ତି, "ଆଜି ମୁଁ ଯଦି ବଲିଉଡ୍‌ରେ ତିଷ୍ଠି ରହିଛି, ତାହା କେବଳ ଦର୍ଶକଙ୍କ ପାଇଁ । ସେମାନେ ମୋ ଅଭିନୟକୁ ଗ୍ରହଣ କରିଛନ୍ତି ତାହା ହେଉଛି ସବୁଠାରୁ ବଡ଼ କଥା । ଆଉ ମୋ ଆଗାମୀ ଫିଲ୍ମ 'ବାଗୀ-୪' ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ମୋର ଦୃଢ଼ ଆଶା ରହିଛି । ଏହି ଫିଲ୍ମଟି ସେମାନଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ୍ କରିବ ବୋଲି ମୁଁ ବିଶ୍ୱାସ ରଖିଛି ।" ଆକ୍ସନ-ଥ୍ରୀଲର ବିଶିଷ୍ଟ ଭଲ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କନ୍ନଡ଼ ନିର୍ଦ୍ଦେଶକ ଏ.ହର୍ଷ । ଏହି ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି । ଚିତ୍ରଟିର କାହାଣୀ ରଚନା କରିଛନ୍ତି ରଜତ ଆରୋରା ଏବଂ ସାଜିଦ ନାଦିଆଦୱାଲା । ଟାଇଗରଙ୍କ ବ୍ୟତୀତ ଏଥିରେ ସଞ୍ଜୟ ଦତ୍ତ ଏବଂ ସୋନମ ବଓ୍ୱେଜାଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମଟି ଚଳିତ ବର୍ଷ ସେପ୍ଟେମ୍ବର ୫ରେ ରିଲିଜ ହେବାର ଯୋଜନା

# ସ୍କ୍ରିପ୍ଟକୁ ଗୁରୁତ୍ୱ ଦିଏ



ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ । ମାତ୍ର ୧୩ ବର୍ଷ ବୟସରେ ସେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ଏ ପର୍ଯ୍ୟନ୍ତ ତାଙ୍କ ଅଭିନୀତ ଅଧିକାଂଶ ସିନେମା ଦର୍ଶକାଦୃତ ହୋଇପାରିଛି । ତେବେ ଏହା ପଛରେ କି ରହସ୍ୟ ରହିଛି ସେ ବିଷୟରେ ସୂଚନା ଦେଇ ସେ କହିଛନ୍ତି, "କୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର ସ୍କ୍ରିପ୍ଟକୁ ଭଲ ଭାବରେ ତର୍ଜମା କରିଥାଏ । କାହାଣୀ ସହିତ ଯଦି କୌଣସି ଦୃଶ୍ୟର ସଂଯୋଗ ନ ରହିଲା ତେବେ ତାହାକୁ ବିରୋଧ କରିଥାଏ । ଏଥିପାଇଁ ମୋତେ କେତୋଟି ସିନେମା ହାତଛଡ଼ା ବି କରିବାକୁ ପଡ଼ିଛି, ହେଲେ ସେ ନେଇ ଟିକିଏ ବି ଅନୁଶୋଚନା କରୁନାହିଁ । କାରଣ ଫିଲ୍ମର ସଫଳତା ଏହାର କାହାଣୀ, ସ୍କ୍ରିପ୍ଟ, ସଂଳାପ ଏବଂ ଉପସ୍ଥାପନା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ । ଯଦି କାହାଣୀ ଅନୁସାରେ କୌଣସି ସିନେମାରେ ମୋତେ କିସ୍ ଶଟ୍ ଦେବାକୁ ପଡ଼େ, କିମ୍ବା ବିକିନି ପିନ୍ଧିବାକୁ ପଡ଼େ ତେବେ ମୁଁ ମନା କରିବି ନାହିଁ । ଅଯଥାରେ ଅଙ୍ଗ ପ୍ରଦର୍ଶନ କରି ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ମୁଁ ଚାହେଁନା ।" ତେଲୁଗୁ ଏବଂ ତାମିଲ ଫିଲ୍ମ ବ୍ୟତୀତ ତମନ୍ନା ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକରେ ରହିଛି– 'ଚାନ୍ଦ ସା ରୋଶନ ଚେହେରା', 'ହାଉସଫୁଲ', 'ହିମ୍ମତୱାଲା', 'ଏଣ୍ଟରଟେନମେଣ୍ଟ', 'ଖାମୋସୀ' ଏବଂ 'ଲଷ୍ଟ ଷ୍ଟୋରିଜ ୨' ।

# ଯାହା ଚାହୁଁଥିଲେ ସ୍ୱପ୍ନା...



ସ୍ୱପ୍ନା

ଉଭୟ ଅଭିନୟ ଏବଂ ସମାଜସେବା ସହ ଜଡ଼ିତ ସ୍ୱପ୍ନା ପତିଙ୍କର ଖୁସି କହିଲେ ନ ସରେ । କାରଣ ନିକଟରେ ତାଙ୍କୁ ଏକ ମନଲାଖି ମ୍ୟୁଜିକ୍ ଭିଡିଓରେ ଅଭିନୟ କରିବାର ସୁଯୋଗ ମିଳିଛି । ବିଶେଷଭାବରେ ଏହାର ଲିରିକ୍ସ ଏବଂ କୋରିଓଗ୍ରାଫି ତାଙ୍କୁ ବେଶ୍ ପ୍ରଭାବିତ କରିଛି । ତା' ସହ ଗୀତଟିକୁ ଭଲଭାବେ ନିଭେଇବା ପାଇଁ ସେ ପିକ୍‌ଚରାଇଜେଶନ ସମୟରେ ଚେଷ୍ଟା କରିଛନ୍ତି । ଏହି ମ୍ୟୁଜିକ ଭିଡିଓର ଟାଇଟଲ ରହିଛି 'ତୋ ଶାଢ଼ି ପିନ୍ଧା ରୂପକୁ ଦେଖି' । ଏସ୍.ଆର.ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି । ରାଜେଶ ମହାନ୍ତି ଏହାର ପ୍ରଯୋଜନା କରିଛନ୍ତି । ନିର୍ଦ୍ଦେଶନା ଦେଇଛନ୍ତି ଆଲବମ୍ ଜଗତର ସଫଳ ନିର୍ଦ୍ଦେଶକ ଯୋଡ଼ି ଟୁନା-ଚନ୍ଦନ । ପ୍ରୀତ ପ୍ରିୟଙ୍କର ସ୍ୱର ସଂଯୋଜନା କରିଥିବାବେଳେ, କଣ୍ଠଦାନ କରିଛନ୍ତି ଅନ୍ୟତମ ଲୋକପ୍ରିୟ ଗାୟକ କୁଲଦୀପ । ସ୍ୱପ୍ନା ଏବଂ ସମ୍ଭବ ମାନସିଂହଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି । ଉକ୍ତ ଆଲବମ୍ ବିଷୟରେ ସ୍ୱପ୍ନା କହନ୍ତି, 'ଏବେ ମଧ୍ୟ ମ୍ୟୁଜିକ୍ ଭିଡିଓର ଚାହିଦା ରହିଛି । ବିଶେଷଭାବରେ ଏହି ଗୀତକୁ ଶୁଣିବା ପରେ ମୁଁ ପୂରା ଇମ୍ପ୍ରେଶ ହୋଇଯାଇଥିଲି । ମୋ ମତରେ ଦର୍ଶକମାନଙ୍କ ସହ ଯୋଡ଼ି ହୋଇ ରହିବାର ଏହା ଏକ ଅନ୍ୟତମ ମାଧ୍ୟମ । ଏହି ଭିଡିଓଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି ।"

# ଥ୍ରିଲର-ହରର୍ ଫିଲ୍ମରେ କାମ କରିବାକୁ ଚାହୁଁଛନ୍ତି ଖୁସି

ମ୍ୟୁଜିକାଲ କମେଡି 'ଦ ଆର୍ଚିଜ୍' ଜରିଆରେ ଅଭିନୟ ଦୁନିଆକୁ ଆସିଲେ ଖୁସି କପୁର । ନିକଟରେ ରୋମାଣ୍ଟିକ୍ କମେଡି ଫିଲ୍ମ 'ଲଭ୍‌ୟାପା' ଓ 'ନାଦାନିୟାଁ'ରେ ନଜର ଆସିଲେ । ଏବେ ଅଭିନୟର ଆଉ ଏକ ଦିଗକୁ ପରଦାକୁ ଆଣିବାକୁ ଚାହୁଁଛନ୍ତି । ଗ୍ରାଜିୟା ଇଣ୍ଡିଆ ସହ ସଦ୍ୟ ସାକ୍ଷାତକାରରେ ଖୁସି ଥ୍ରିଲର୍-ହରର୍ ଫିଲ୍ମରେ କାମ କରିବାର ଇଚ୍ଛା ଜାହିର କରିଛନ୍ତି । ସେ କହିଛନ୍ତି, ଥ୍ରିଲର-ହର ? ଫିଲ୍ମର



ପ୍ରକ୍ରିୟା କେମିତି, ଦେଖିବାକୁ ସେ ସର୍ବଦା ଉତ୍ସୁକ ରହିଛନ୍ତି । ସମ୍ପୂର୍ଣ୍ଣ ହରର୍ ନ ହେଲେ ବି ଟିକିଏ ସେମିତିକା ଫିଲ୍ମ କରିବାକୁ ତାଙ୍କର ଇଚ୍ଛା । ଏହି ଅନୁଭବ ଖୁବ୍ ମଜାଦାର ହେବ ବୋଲି ସେ କହନ୍ତି । ନାଟକୀୟ ଓ ଭାବପର୍ଣ୍ଣ ସିନ୍‌କୁ ସେ ପସନ୍ଦ କରନ୍ତି । ଏଭଳି ଥିମ୍‌କୁ ଫୋକସ୍ କରୁଥିବା ଫିଲ୍ମରେ କାମ କରିବାକୁ ଚାହୁଁଥିବା କଥା ମଧ୍ୟ କହିଛନ୍ତି । 'ଦ ଆର୍ଚିଜ୍', 'ଲଭ୍ ?ୟାପା' ଓ 'ନାଦାନିୟାଁ' ଫିଲ୍ମରେ ନିଜର ଭୂମିକା ବିଷୟରେ ମଧ୍ୟ ଖୁସି ଆଲୋଚନା କରିଛନ୍ତି । କହିଛନ୍ତି, ପ୍ରତ୍ୟେକ ଚରିତ୍ର ପାଇଁ ସେ ବିଭିନ୍ନ ପ୍ରକ୍ରିୟାକୁ ଅନୁସରଣ କରିଥିଲେ । ଏହା ପରେ ସବୁଗୁଡ଼ିକୁ ପରସ୍ପର ସହ ଯୋଡ଼ିବାକୁ ମଧ୍ୟ ଚେଷ୍ଟା କରିଥିଲେ । 'ଲଭ୍‌ୟାପା'ରେ ସେ ନିର୍ବାହ କରିଥିବା ବାନି ଭୂମିକା ଟିକିଏ କଷ୍ଟକର ଥିଲା ବୋଲି କହିଛନ୍ତି । କାରଣ ବାସ୍ତବ ଜୀବନରେ ସେ ଯେମିତିକା ମଣିଷ, ବାନି ତା'ଠୁ ଭିନ୍ନ । ଏହି ଫିଲ୍ମରେ ଖୁସି ଆମିର ଖାନ୍ ?ଙ୍କ ପୁଅ ଜୁନୈଦଙ୍କ ଅପୋଜିଟ୍ ?ରେ ସ୍କ୍ରିନ୍ ଶେୟାର କରିଥିଲେ । ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ 'ଲାଲ୍ ସିଂହ ଚଡ୍‌ଢା' ଫେମ୍ ଅଦ୍ୱୈତ ଚନ୍ଦନ । ଗତ ଫେବ୍ରୁଆରୀ ୭ ତାରିଖରେ ଏହା ଥିଏଟରକୁ ଆସିଥିଲା । ଅନ୍ୟପକ୍ଷେ, 'ନାଦାନିୟାଁ' ନେଟ୍ ?ଫ୍ଲିକ୍ସରେ ରିଲିଜ୍ ହୋଇଥିଲା । ଏହା ଜରିଆରେ ସୈଫ୍ ଅଲି ଖାନ୍‌ଙ୍କ ପୁଅ ଇବ୍ରାହିମ ଅଭିନୟ ଦୁନିଆରେ ଏଣ୍ଟ୍ରି କରିଥିଲେ । ଖୁସି ତାଙ୍କ ଅପୋଜିଟ୍‌ରେ ପିୟା ଜୟସିଂହ ଭୂମିକାରେ ନଜର ଆସିଥିଲେ ।

## ଭାରତ-ନିଉଜିଲାଣ୍ଡ ମଧ୍ୟରେ ଶୈକ୍ଷିକ ବିକାଶ

# ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର : ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍‌ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍‌ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ? ଆଣ୍ଡ ଏଣ୍ଟରପ୍ରାଇଜ୍ କନସୁଲ ଜେନେରାଓ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍‌ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ



ପରିଚିତି ବୃଦ୍ଧି ପାଇବ । ଏହା ସହିତ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ଏହି ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ବୁଝାମଣା ସମୟରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି । ସେହିପରି ନୂଆଦିଲ୍ଲୀଠାରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ କରାଯାଉଥିବା ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ ।

# ଟିକସ ଚୋରି ରୋକିବା ପାଇଁ ବିଦେଶୀ ଅନଲାଇନ ମନି ଗେମିଂ ସଂସ୍ଥା ଉପରେ ଡିଜିଜିଆଇର କଡ଼ା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ (ପିଆଇବି) : ବସ୍ତୁ ଓ ସେବା ଟିକସ ଗୁଇନ୍ଦା ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ବିଦେଶୀ ଅନଲାଇନ୍ ଗେମିଂ ସଂସ୍ଥା ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି । ଅନଲାଇନ୍ ମନି ଗେମିଂ ଶିଳ୍ପରେ ଉଭୟ ଦେଶୀ ଏବଂ ବିଦେଶୀ ଅପରେଟର ରହିଛନ୍ତି । ଜିଏସଟି ଆଇନ ଅନୁଯାୟୀ, 'ଅନଲାଇନ୍ ମନି ଗେମିଂ'; କାର୍ଯ୍ୟକାରୀଯୋଗ୍ୟ ଦାବି ହୋଇଥିବାରୁ ଏହାକୁ 'ସାମଗ୍ରୀ'ର ଯୋଗାଣ ଭାବରେ ବର୍ଗୀକୃତ କରାଯାଇଛି ଏବଂ ଏହା ଉପରେ ୨୮% ଟିକସ ଲାଗୁ କରାଯାଇଛି । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ଜିଏସଟି ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼ିବ । ଅନଲାଇନ୍ ମନି ଗେମିଂ/ବେଟିଂ/ଜୁଆରେ ସମ୍ପୃକ୍ତ ପ୍ରାୟ ୭୦୦ ବିଦେଶୀ ସଂସ୍ଥା ଡିଜିଜିଆଇର ନଜରରେ ଅଛନ୍ତି । ପଞ୍ଜୀକରଣ କରିବାରେ ବିଫଳ ହେବା, ଟିକସଯୋଗ୍ୟ ଦେୟ ଲୁଚାଇବା ଏବଂ ଟିକସ ଦାୟିତ୍ୱକୁ ଅଣଦେଖା କରି ଏହି ସଂସ୍ଥାମାନେ ଜିଏସଟିରୁ ବର୍ତ୍ତି ଯାଉଥିବା ଦେଖିବାକୁ ମିଳିଛି । ଆଇଟି ଆକ୍ଟ -୨୦୦୦ର ଧାରା ୬୯ ଅନୁଯାୟୀ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) ସହ ସମନ୍ୱୟ ରକ୍ଷା କରି ଡିଜିଜିଆଇ ଦ୍ୱାରା ବର୍ତ୍ତମାନ ସୁଦ୍ଧା ବେଆଇନ/ଅଣଅନୁପାଳନକାରୀ ଅନଲାଇନ ମନି ଗେମିଂ ସଂସ୍ଥାର ୩୫୭ଟି ୱେବସାଇଟ/ୟୁଆରଏଲକୁ ଅଚଳ କରାଯାଇଛି । ନିକଟରେ କେତେକ ବେଆଇନ ଗେମିଂ ପ୍ଲାଟଫର୍ମ ବିରୋଧରେ କରାଯାଇଥିବା ଏକ ଅପରେସନରେ ଡିଜିଜିଆଇ ଆଇ୪ସି ଏବଂ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ସହ ସମନ୍ୱୟ ରକ୍ଷା କରି ଅଂଶଗ୍ରହଣକାରୀଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ବ୍ୟବହୃତ ହେଉଥିବା ପ୍ରାୟ ୨୦୦୦ଟି ବ୍ୟାଙ୍କ ଆକାଉଣ୍ଟକୁ ଟାର୍ଗେଟ କରି ଅଚଳ କରିଥିଲା ଓ ୪ କୋଟି ଜବତ କରିଥିଲା । ଅନ୍ୟ ଏକ କାର୍ଯ୍ୟାନୁଷ୍ଠାନରେ ଏହି ଅଫସୋର ସଂସ୍ଥାର ୱେବସାଇଟରେ ଥିବା ୟୁପିଆଇ ଆଇଡି ସହ ଜଡିତ ୩୯୨ଟି ବ୍ୟାଙ୍କ ଆକାଉଣ୍ଟକୁ ଡେବିଟ୍ ଫ୍ରିଜ୍ ରଖାଯାଇଛି ଏବଂ ଏହି ଆକାଉଣ୍ଟରେ ମୋଟ ୧୨୨.୦୫ କୋଟି ଟଙ୍କା ଅସ୍ଥାୟୀ ଭାବେ ଜବତ କରାଯାଇଛି । ଭାରତ ବାହାରୁ ଅନଲାଇନ୍ ମନି ଗେମିଂ ପ୍ଲାଟଫର୍ମ ଚଳାଉଥିବା କିଛି ଭାରତୀୟ ନାଗରିକଙ୍କ ବିରୋଧରେ ଡିଜିଜିଆଇ ପକ୍ଷରୁ ଆଉ ଏକ ଅପରେସନ କରାଯାଇଥିଲା । ଏହି ବ୍ୟକ୍ତିମାନେ ସତଗୁରୁ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ, ମହାକାଳ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ ଏବଂ ଅଭି୨୪୭ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ ସମେତ ବିଭିନ୍ନ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ଅନଲାଇନ ମନି ଗେମିଂ ସୁବିଧା ଦେଉଥିଲେ ଏବଂ ଭାରତୀୟ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଛନ୍ତି । ଡିଜିଜିଆଇ ବର୍ତ୍ତମାନ ସୁଦ୍ଧା ଏହି ପ୍ଲାଟଫର୍ମ ସହ ଲିଙ୍କ୍ ହୋଇଥିବା ୧୬୬ଟି ଖଚର ଆକାଉଣ୍ଟକୁ ବ୍ଲକ୍ କରିଛି । ବର୍ତ୍ତମାନ ସୁଦ୍ଧା ଏଭଳି ୩ ଜଣଙ୍କୁ ଗିରଫ କରାଯାଇଛି ଏବଂ ଏଭଳି ଆଉ କିଛି ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଜାରି ରହିଛି । ବିଦେଶୀ ସଂସ୍ଥାଗୁଡ଼ିକର ନିୟମ ଅନୁପାଳନ ନ କରିବା ନିରପେକ୍ଷ ପ୍ରତିଯୋଗିତାକୁ ବ୍ୟାହତ କରିଥାଏ, ସ୍ଥାନୀୟ ବ୍ୟବସାୟକୁ କ୍ଷତି ପହଞ୍ଚାଇଥାଏ ଏବଂ ବଜାରକୁ ଦୁର୍ବଳ କରିଥାଏ । ଏହି ଅସାଧୁ ବିଦେଶୀ ସଂସ୍ଥା ନୂଆ ୱେବ ଆଡ୍ରେସ୍ ତିଆରି କରି କଟକଣାକୁ ଏଡ଼ାଇ ଦିଅନ୍ତି । ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡିଛି ଯେ ଏହି କମ୍ପାନୀଗୁଡିକ କାରବାର ପ୍ରକ୍ରିୟା କରିବା ପାଇଁ ୫୭୩୯;ମ୍ୟୁଲ୫୭୩୯; ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କାର୍ଯ୍ୟ କରୁଥିଲେ । ମ୍ୟୁଲ ଆକାଉଣ୍ଟ ଜରିଆରେ ଆଦାୟ ହେଉଥିବା ପାଣ୍ଠି ବେଆଇନ କାର୍ଯ୍ୟକଳାପରେ ପରିଣତ ହେବାର ସମ୍ଭାବନା ରହିଛି ଯାହା ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ବିପଜ୍ଜନକ ମଧ୍ୟ ହୋଇପାରେ । ଏହା ଦେଖିବାକୁ ମିଳିଛି ଯେ ୟୁଟ୍ୟୁବ୍, ହ୍ୱାଟ୍ସଆପ୍ ଏବଂ ଇନଷ୍ଟାଗ୍ରାମ ଇନଫ୍ଲୁଏନ୍ସରଙ୍କ ସମେତ କେତେକ ବଲିଉଡ୍ ସେଲିବ୍ରିଟି ଏବଂ କ୍ରିକେଟର ଏହି ପ୍ଲାଟଫର୍ମଗୁଡିକର ପ୍ରଚାର କରୁଛନ୍ତି । ତେଣୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ଏବଂ ଅଫସୋର ଅନଲାଇନ୍ ମନି ଗେମିଂ ପ୍ଲାଟଫର୍ମ ସହିତ ଜଡିତ ନ ହେବାକୁ ପରାମର୍ଶ ଦିଆଯାଇଛି କାରଣ ଏହା ସେମାନଙ୍କ ନିଜସ୍ୱ ଅର୍ଥକୁ ବିପଦରେ ପକାଇପାରେ ଏବଂ ପରୋକ୍ଷରେ ଦେଶର ଆର୍ଥିକ ଅଖଣ୍ଡତା ଏବଂ ଜାତୀୟ ନିରାପତ୍ତାକୁ ଦୁର୍ବଳ କରୁଥିବା କାର୍ଯ୍ୟକଳାପକୁ ସମର୍ଥନ କରିପାରେ । ବେଆଇନ ଅଫସୋର ଗେମିଂ ସଂସ୍ଥାର ବିପଦର ସକ୍ରିୟ ମୁକାବିଲା ପାଇଁ ଡିଜିଜିଆଇ ପ୍ରତିଶ୍ରୁତିବଦ୍ଧ । ଆଗାମୀ ଆଇପିଏଲ୍ ଋତୁରେ ବେଆଇନ ଗେମିଂ ଅପରେସନକୁ ରୋକିବା ପାଇଁ ପ୍ରବର୍ତ୍ତନ ପଦକ୍ଷେପ ଅଧିକ କଠୋର ହେବ । ଦାୟିତ୍ୱବାନ ଗେମିଂ ପାଇଁ ସଚେତନ ରହିବା ଏବଂ ନିୟନ୍ତ୍ରିତ ପ୍ଲାଟଫର୍ମ ଚୟନ କରିବା ଗୁରୁତ୍ୱପୂର୍ଣ୍ଣ ।

# କଟକ ମିଡଟାଉନ୍ ରୋଟାରୀ କ୍ଲବର ବାର୍ଷିକ ସମୀକ୍ଷା ଦିବସ

କଟକ : ମିଡଟାଉନ୍ ରୋଟାରୀ କ୍ଲବର ବାର୍ଷିକ ସମୀକ୍ଷା ଦିବସ ଆକବରୀ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ମିଡଟାଉନ୍ ରୋଟାରୀ କ୍ଲବର ସଭାପତି ପ୍ରଫେସର ଡଃ. ଅଂଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ରୋଟାରୀ ଇଣ୍ଟରନ୍ୟାସନାଲ ଜିଲ୍ଲା ପ୍ରାନ୍ତପାଳ ଶ୍ରୀଯୁକ୍ତ ଯାଜ୍ଞସେନି ମହାପାତ୍ର, ରୋଟାରୀ ଜିଲ୍ଲା ପ୍ରଥମ ମହିଳା ଶ୍ରୀମତୀ ଇତୁନ ମହାପାତ୍ର, ଉପପ୍ରାନ୍ତପାଳ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଏବଂ ଇନର ହୁଇଲ କ୍ଲବର ସଭାପତି ଡ଼ଃ. ମିତା ଦେବତା ଅତିଥିଭାବେ ଯୋଗଦାନ କରି ବର୍ଷସାରା ହୋଇଥିବା ବିଭିନ୍ନ ଉନ୍ନତିମୂଳକ ଓ କଟକ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ହୋଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ଓ ସମସ୍ତ ସଦସ୍ୟଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସଭାପତି ଡ଼ଃ. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ସ୍ୱତନ୍ତ୍ର ସଂଖ୍ୟକ ବୁଲେଟିନ 'ମୈତ୍ରୀ୯ ଓ ଡ଼ଃ. ଦେବତାଙ୍କ ଦ୍ୱାରା ରଚିତ 'ବିଜ୍ଞାନ ପ୍ରବାହ' ଜିଲ୍ଲା ପ୍ରାନ୍ତପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ନାରାୟଣ ଠାକୁର, ଅରୁଣ କୁମାର ଦାଶ, ପ୍ରାକ୍ତନ ସଭାପତି ରଜନୀକାନ୍ତ ଶତପଥି,




ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ମାନଙ୍କ ଅଧିକାର ଓ ସମ୍ମାନ ପାଇଁ ତଥା ସାମାଜିକ ଓ ଆର୍ଥିକ ଅଗ୍ରସର ଲୋକମାନଙ୍କ ସେବା ଯୋଗାଉଥିବା ଦକ୍ଷତା ବିକାଶ ଅନୁଷ୍ଠାନ ଜନ ଶିକ୍ଷଣ ସଂସ୍ଥାନ, କଟକର ନିର୍ଦ୍ଦେଶିକା ସମାଜ ସେବୀ ଶ୍ରୀମତୀ ଅନିମା ଦାଶଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ମିଡ଼ଟାଉନ୍ ରୋଟାରୀ କ୍ଲବର ସମ୍ପାଦକ ବିଭୁତି ରାଉତ, ଉପାଧ୍ୟକ୍ଷ ଶୈଳେନ୍ଦ୍ର କମଳା କୁମାର ମହାନ୍ତି, ନନ୍ଦକିଶୋର ଶତପଥି, ରଘୁନାଥ ଭୁତ, କାମାକ୍ଷା ମହତାବ, ଶଶାଙ୍କ ମହାପାତ୍ର, ସମ୍ପିତ କର, ପଙ୍କଜ ରାଜଗୁରୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରାକ୍ତନ ସଭାପତି ଡ଼କ୍ଟର ଦୋପାମ ପ୍ରତି,ଧରଣୀଧର ନାୟକ,ଓମପ୍ରକାଶ ଜଳାନ, ଅଞ୍ଜଳି ଦତ୍ତ, ଡ଼କ୍ଟର କ୍ଷତିଶ କୁମାର ମହାନ୍ତି, ମନୋରଞ୍ଜନ ମହାନ୍ତି, ଦିଲ୍ଲୀପ କୁମାର ସାହୁ, ବେଣୀମାଧବ ତ୍ରିପାଠୀ, ଡ଼କ୍ଟର ଉତ୍ତମ କୁମାର ସାହୁ. ୧୭ ଜଣ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା. ଏହି କ୍ଲବ ର ଗୁଣାତ୍ମକ ସମସ୍ତ ପ୍ରକଳ୍ପ ର ସଫଳ ରୂପାୟନ ନିମନ୍ତେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣ ର ଭୂୟସୀ ପ୍ରଶଂସା କରିଥିଲେ. ସମ୍ପାଦିତ କାର୍ଯ୍ୟକ୍ରମ ମଧ୍ୟରେ ସଭ୍ୟା ସଂଖ୍ୟା ବୃଦ୍ଧି, ନୂତନ ସହଯୋଗୀ କ୍ଲବ ଗଠନ, ସ୍ୱାସ୍ଥ୍ୟ ଶିକ୍ଷା, ପରିବେଶ ଓ ପରିମଳ, ଉତ୍କଳୀୟସ୍ତସନ୍ଦ୍ଧ, ଜରାଶ୍ରମ, ମାନବିକ ଅନାଗ୍ରସର ଅନୁଷ୍ଠାନ, କଟକ କେନ୍ଦ୍ରୀୟ ଜେଲ, ବାଲ୍ୟ ବିବାହ, ଅଙ୍ଗ ଦାନ, ଶାନ୍ତି ସ୍ତୁପ ପ୍ରତିଷ୍ଠା ଏବଂ ସମାଜର ଅନଗ୍ରସର, ସହର ବସ୍ତି ଅଂଚଳ ଓ ଆଦିବାସୀ ଅଂଚଳରେ ଉଲ୍ଲେଖନୀୟ ପ୍ରକଳ୍ପ ସଫଳତା ସହ ସମ୍ପାଦିତ ହୋଇଥିଲା ବୋଲି ଡି. ଜି. ସନ୍ତୁଷ୍ଟ ପ୍ରକାଶ କରିଥିଲେ, ରୋଟାରୀ ଜିଲ୍ଲା ପ୍ରଥମ ମହିଳା ଇତୁନ ମହାପାତ୍ର ଓ ଅନ୍ୟ ସଭ୍ୟା ସଭ୍ୟା ଏକ ମନୋଜ୍ଞ ସଂଗୀତ ପରିବେଷଣ କରିଥିଲେ.ଦିନରେ ସମୀକ୍ଷା ବୈଠକ ଓ ସ୍ଥାନୀୟ ଛକର ଆବଟ ନେହରୁ ହେମଳତା ସ୍କୁଲରେ ଭୋଜନକକ୍ଷ,ପାନୀୟ ଆକୁଗଡ଼ ଆଶୁତୋଷ କନଫରେନ୍ସ ହଲ ପ୍ରତିଷ୍ଠା,ବାଳିକା ଶୌଚାଳୟ,ଉଦଘାଟନ ହୁଇଲ ଚେୟାର, ଶ୍ରାବ୍ୟ ଉପକରଣ ବଣ୍ଟନ କରାଯାଇଥିଲା.

# ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍' ଅଭିଯାନର ନେତୃତ୍ୱ ନେବେ କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ



ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ୨୩ ମାର୍ଚ୍ଚ ୨୦୨୫ରେ ଉତ୍ତରପ୍ରଦେଶରୁ ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ' ଆନ୍ଦୋଳନରେ ଅଂଶଗ୍ରହଣ କରିବେ, ଯାହା ଦ୍ୱାରା ମେଦବହୁଳତା ବିରୋଧରେ ଅଭିଯାନକୁ ଆହୁରି ତୀବ୍ର କରାଯିବ। କେନ୍ଦ୍ରମନ୍ତ୍ରୀଙ୍କ ସହିତ ଉତ୍ତରପ୍ରଦେଶର ମାନ୍ୟବର ରାଜ୍ୟପାଳ ଆନନ୍ଦୀବେନ ପଟେଲ ଏବଂ ଉତ୍ତରପ୍ରଦେଶର କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ଗିରିଶ ଚନ୍ଦ୍ର ଯାଦବ ମଧ୍ୟ ରହିବେ। ଡକ୍ଟର ମାଣ୍ଡଭିୟ ମାରିନ୍ ଡ୍ରାଇଭ୍ (ସାମାଜିକ ପରିବର୍ତ୍ତନ ସ୍ଥଳ)ରୁ ସମତା ମୂଳକ ଚୌରାହା ଦେଇ ୧୦୯୦ ଚୌରାହା ପର୍ଯ୍ୟନ୍ତ ୩ କିଲୋମିଟର ସାଇକେଲ ଚଳାଇ ଫେରିବେ। ଏହି ସମୟ ମଧ୍ୟରେ, ସେ ୪୦୦ରୁ ଅଧିକ ସାଇକେଲ ଚାଳକଙ୍କ ଏକ ଗୋଷ୍ଠୀର ନେତୃତ୍ୱ ନେବେ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେଦବହୁଳତା ବିରୁଦ୍ଧରେ ଲଢ଼ିବା ଏବଂ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବାର ବାର୍ତ୍ତା ପ୍ରଚାର କରିବେ। ଅନ୍ୟପକ୍ଷରେ, ଏସୀୟ କ୍ରୀଡାର ପଦକ ବିଜେତା ଜାଭେଲିନ୍ ଥ୍ରୋଅର୍ କିଶୋର ଜେନା ମୁମ୍ବାଇର ମେରୋମ ଆକ୍ସା ବେଲାଭୂମିରେ ସାଇକେଲ ଚାଳନା ଅଭିଯାନରେ ଅଂଶଗ୍ରହଣ କରିବେ, ଯେଉଁଥିରେ ଫିଜିକାଲ୍ ଏଜୁକେସନ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ (ପିଇଏଫଆଇ)ର ସଦସ୍ୟମାନେ ନୂଆଦିଲ୍ଲୀରେ ଏହି ପ୍ରୟାସରେ ଅଂଶଗ୍ରହଣ କରିବେ। ଏପର୍ଯ୍ୟନ୍ତ, ଦେଶବ୍ୟାପୀ ସାଇକେଲ ଚାଳନା ଅଭିଯାନ ୪୨୦୦ ସ୍ଥାନରେ ଆୟୋଜିତ ହୋଇଛି ଯେଉଁଥିରେ ପ୍ରାୟ ୨ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି। ଏହି ଅଭିଯାନ ସାରା ଦେଶରେ ବାୟୁ ପ୍ରଦୂଷଣ ସ୍ତର ହ୍ରାସ କରିବା ପାଇଁ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସାଇକେଲିଂପ୍ରେମୀ, ଖେଳାଳି, ପ୍ରଶିକ୍ଷକ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଇତ୍ୟାଦିଙ୍କ ଅଂଶଗ୍ରହଣରେ ଆୟୋଜିତ ହେଉଛି। ପୂର୍ବରୁ, ଏହି ସାଇକେଲିଂ ଇଭେଣ୍ଟରେ ଭାରତୀୟ ସେନା, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ), ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି) ଏବଂ ଲଭଲିନା ବୋରଗୋହେନ, ସଂଗ୍ରାମ ସିଂହ, ଶାକି ସିଂହ, ନୀତୁ ଘଙ୍ଘାସ, ସ୍ୱିଟି ବୋରା, ପ୍ୟାରିସ ପାରାଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜୟିନୀ ରୁବିନା ଫ୍ରାନ୍ସିସ୍ ଏବଂ ସିମରନ ଶର୍ମା (ପାରା ବିଶ୍ୱ ଚାମ୍ପିଅନ) ପରି ପ୍ରମୁଖ କ୍ରୀଡ଼ା ତାରକାଙ୍କ ବ୍ୟତୀତ ରାହୁଲ ବୋଷ, ଅମିତ ସିଆଲ ଏବଂ ଗୁଲ ପନାଗ ଭଳି ସେଲିବ୍ରିଟିମାନେ ଯୋଗ ଦେଇଛନ୍ତି। 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ'; ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସାଇକ୍ଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ସିଏଫଆଇ), ମାଇ ଭାରତ ଏବଂ ମାଇ ଭାରତ ସହଯୋଗରେ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ସାରା ଦେଶରେ ସାଇ ଆଞ୍ଚଳିକ କେନ୍ଦ୍ର, ଜାତୀୟ ଉତ୍କର୍ଷ କେନ୍ଦ୍ର (ଏନସିଓଇ) ଏବଂ ଖେଲୋ ଇଣ୍ଡିଆ କେନ୍ଦ୍ର (କେଆଇସି) ରେ ଏକକାଳୀନ ଆୟୋଜିତ ହୁଏ।

# ଘାଟିରୁ ତଳକୁ ଖସିଲା ଟ୍ରାକ୍ଟର, ଜଣେ ମୃତ, ୪ ଜଣ ଗୁରୁତର



ରାୟଗଡ଼ା (ମାନିସ) : ରୟାଗଡ଼ ଜିଲ୍ଲା ଚନ୍ଦ୍ରପୁର ଅଂଚଳରେ ଏକ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି । ରାସନ ଚାଉଳ ଆଣିବାକୁ ବ୍ଲକ ର ବଡୁବାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଗୋଟିଏ ନମ୍ବର ବିହିନ ଟ୍ରାକ୍ଟରରେ ପ୍ରାୟ ୨୦/୨୫ଜଣ ଗ୍ରାମବାସୀ ଯାଇଥିଲେ ।ସେଠାରୁ ଚାଉଳ ନେଇ ଫେରୁଥିବା ବେଳେ ଟ୍ରାକ୍ଟରଟି ପେନାକାଡୁ ଗ୍ରାମର ଅନତି ଦୂରରେ ଭାରସାମ୍ୟ ହରାଇ ଜାରିଗିମା ଘାଟି ତଳକୁ ପଲଟି ମାରିଥିଲା ।ଫଳରେ ମା ଖଲିମଣି ଗଗରେଙ୍ଗାଙ୍କ ସହ ଯାଇଥିବା ତାଙ୍କର ପ୍ରାୟ୭ ବର୍ଷର ଝିଅ ମେଘନା ର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବଲା । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା ପରେ ଶବ ବ୍ୟବଚ୍ଛେଦ ପାଇଁ ମୁନିଗୁଡାକୁ ପଠାଯାଇଛି ।ମା ଖଲିମଣି ଗୁରୁତର ହେବା ସହ ଅନ୍ଧାରୀ ବଡନାୟକ,ମୁନି ଗଗରଙ୍ଗା,ମମତା ସପକାଙ୍କ ଅବସ୍ଥା ଗୁରୁତର ଥିବାରୁ ଚନ୍ଦ୍ରପୁରୁ ଗୋଷ୍ଠି ସ୍ୱାସ୍ଥ୍ୟ ଅଧୀକାରୀ ରାୟଗଡା ଜିଲ୍ଲା ହସ୍ପିଟାଲକୁ ପଠାଇ ଦେଇଛନ୍ତିଏବଂଅନ୍ୟମାନେ ଚନ୍ଦ୍ରପୁରରେ ଚିକିତ୍ସୀତ ହେଉଛନ୍ତି ।ଖବରପାଇ ଚନ୍ଦ୍ରପୁରୁ ତହସିଲଦାର ମୃତକଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।ପୋଲିସ ମାମଲା ରୁଜୁକରି ତଦନ୍ତ ଜାରିରଖିଛି ।ହେଲେ ଡ୍ରାଇଭର ତଥା ମାଲିକ ଆନନ୍ଦ ବୀର ଆହତ ହୋଇଥିବା ଜଣା ପଡିଛି ।ସରକାର ଏଥିରେ ସଚେତନ ହୋଇ ଦୂରଗ୍ରାମମାନଙ୍କୁ ନିଜ ଗ୍ରାମରେ ରାସନ ଚାଉଳ ଯୋଗାଇ ଦେଲେ ଏପରି ଦୁର୍ଘଟଣାରୁ ଲୋକମାନେ ମୁକ୍ତି ପାଇବା ସମ୍ଭାବନା ଯଥେଷ୍ଟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି ।

# ନୂଆପଡାରେ ଜଳସେଚନ ବିଭାଜନ ପକ୍ଷରୁ 'ବିଶ୍ୱ ଜଳ ଦିବସ' ପାଳନ

ନୂଆପଡା (ମାନିସ) : ଆଜି ନୂଆପଡା ଜିଲ୍ଲାରେ ଜଳସେଚନ ବିଭାଜନ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସଞ୍ଜୀବ ଜ୍ଞାନ ଭତ୍ରା ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଅଧିକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନୀ, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ଜୟପୁରୀୟା ଉପସ୍ଥିତ ଥିଲେ । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜଳ ସମ୍ପଦର ସଂରକ୍ଷଣ, ପରିଚାଳନା ଓ ସୁବିନିଯୋଗ କରିବା ସମ୍ବନ୍ଧରେ ଜନସଚେତନତା ସୃଷ୍ଟି




କରିବା ପାଇଁ ଏହି ଦିବସ ପାଳିତ ହେଉଛି । ଅତିଥିମାନେ ଜଳ ମଣିଷ ସମାଜ ପାଇଁ କେତେ ଆବଶ୍ୟକ ଓ ଆମେ କିଭଳି ଭାବରେ ତାର ସୁରକ୍ଷା କରିବା ସେ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଜଳ ହିଁ ଜୀବନ । ଏହାର ମିତବ୍ୟୟୀତା ଉପରେ ସମସ୍ତେ ଧ୍ୟାନ ଦେବା । ଆମର ପରବର୍ତ୍ତୀ ପୀଢ଼ି ପାଇଁ ମଧୁର ଜଳ ସଂରକ୍ଷଣ କରି ରଖିବା । ଏଇ ସଚେତନତାର ବାର୍ତ୍ତାକୁ ଛାତ୍ର ଛାତ୍ରୀ ମାନେ ଘରେ ଘରେ ପହଞ୍ଚାଇବେ । ଆମେ ସମସ୍ତେ ଜଣେ ଜଣେ ଜଳ ମଣିଷ, ଗଛ ମଣିଷ ହେବା । ଏହି ଅବସରରେ ଜଳ ସେଚନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ଜଳ ଶକ୍ତି କେନ୍ଦ୍ରର ଉଦ୍ଘାଟନ ଜିଲ୍ଲାପାଳ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବିଭିନ୍ନ ବିଭାଗର ଅଧିକାରୀ, ଜଳ ସଂପଦ ବିଭାଗ କର୍ମଚାରୀ, ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ ।

# ପିଆଜ ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର : ୧ ଏପ୍ରିଲ, ୨୦୨୫ ଠାରୁ ଲାଗୁ

ନୂଆଦିଲ୍ଲୀ (ପିଆଇବି) : ଭାରତ ସରକାର ପିଆଜ ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିଛନ୍ତି । ଏହି ଛାଡ଼ ୧ ଏପ୍ରିଲ, ୨୦୨୫ ଠାରୁ ଲାଗୁ ହେବ । ଉପଭୋକ୍ତା ବ୍ୟାପାର ବିଭାଗର ଯୋଗାଯୋଗ କ୍ରମେ ରାଜସ୍ୱ ବିଭାଗ ଦ୍ୱାରା ଆଜି ଏହି ସମ୍ବନ୍ଧରେ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଶୁଳ୍କ, ସର୍ବନିମ୍ନ ରପ୍ତାନୀ ମୂଲ୍ୟ (ଏମଇପି) ଏବଂ ଏପରିକି ୨୦୨୩ ଡିସେମ୍ବର ୮ ରୁ ୨୦୨୪ ମଇ ୩ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ମାସ ପାଇଁ ରପ୍ତାନୀ ନିଷେଧାଦେଶ ଜାରି କରିଥିଲେ ଏବଂ ଏହା ମାଧ୍ୟମରେ ରପ୍ତାନୀକୁ ରୋକିବା ଲାଗି ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ହଟାଇ ଦିଆଯାଇଥିବା ୨୦ ପ୍ରତିଶତ ରପ୍ତାନି ଶୁଳ୍କକୁ ୧୩ ସେପ୍ଟେମ୍ବର ୨୦୨୪ଠାରୁ ଲାଗୁ ହୋଇଥିଲା । ରପ୍ତାନି ନିଷେଧାଦେଶ ସତ୍ତ୍ୱେ, ଆର୍ଥିକ ବର୍ଷ ୨୦୨୩-୨୪ ରେ ମୋଟ ପିଆଜର ରପ୍ତାନୀ ୧୭.୧୭ ଏଲଏମଟି ଥିଲା ଏବଂ ଆର୍ଥିକ ବର୍ଷ ୨୦୨୪ -୨୫ (ମାର୍ଚ୍ଚ ୧୮ ପର୍ଯ୍ୟନ୍ତ) ୧୧.୬୫ ଏଲଏମଟି ଥିଲା । ମାସିକ ପିଆଜର ରପ୍ତାନୀ ପରିମାଣ ସେପ୍ଟେମ୍ବର ୨୦୨୪ରେ ୦.୭୨ ଲକ୍ଷ ମେଟ୍ରିକ ଟନରୁ ଜାନୁଆରୀ ୨୦୨୪ ରେ ୧.୮୫ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ରବି ଫସଲର ଭଲ ଆଗମନ ପରେ ଉଭୟ ମଣ୍ଡି ଓ ଖୁଚୁରା ମୂଲ୍ୟ ହ୍ରାସ ପାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କୃଷକମାନଙ୍କୁ ପାରିଶ୍ରମିକର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ସହିତ ଗ୍ରାହକଙ୍କ ପାଇଁ ପିଆଜର ସୁଲଭତା ବଜାୟ ରଖିବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପ୍ରମାଣ ହେଉଛି ଏହି ନିଷ୍ପତ୍ତି । ଯଦିଓ ବର୍ତ୍ତମାନର ମଣ୍ଡି ମୂଲ୍ୟ ପୂର୍ବ ବର୍ଷଗୁଡ଼ିକର ଅନୁରୂପ ଅବଧି ସ୍ତରଠାରୁ ଅଧିକ, ତଥାପି ସର୍ବଭାରତୀୟ ଭାରିତ ହାରାହାରି ମଡେଲ ମୂଲ୍ୟ ୩୯ ପ୍ରତିଶତ ହ୍ରାସ ପାଇଛି । ସେହିଭଳି, ଗତ ଏକ ମାସ ମଧ୍ୟରେ ସର୍ବଭାରତୀୟ ହାରାହାରି ଖୁଚୁରା ମୂଲ୍ୟ ୧୦ ପ୍ରତିଶତ ହ୍ରାସ ପାଇଛି । କୃଷି ଏବଂ କୃଷକ କଲ୍ୟାଣ ବିଭାଗର ଆକଳନ ଅନୁଯାୟୀ, ଚଳିତ ବର୍ଷ ରବି ଉତ୍ପାଦନ ୨୨୭ ଲକ୍ଷ ମେଟ୍ରିକ୍ ଟନ୍ ରହିଛି, ଯାହା ଗତ ବର୍ଷ ୧୯୨ ଏଲଏମଟି ତୁଳନାରେ ୧୮ ପ୍ରତିଶତ ଅଧିକ । ଭାରତର ମୋଟ ପିଆଜର ଉତ୍ପାଦନରେ ରବି ପିଆଜର ଯୋଗଦାନ ହେଉଛି ୭୦-୭୫%, ଯାହା ଅକ୍ଟୋବର/ନଭେମ୍ବରରୁ ଖରିଫ ଫସଲ ଆସିବା ପର୍ଯ୍ୟନ୍ତ ସାମଗ୍ରିକ ଉପଲବ୍ଧତା ଏବଂ ମୂଲ୍ୟ ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ । ଚଳିତ ଋତୁରେ ଆଶା କରାଯାଉଥିବା ଉଚ୍ଚ ଉତ୍ପାଦନ ଆଗାମୀ ମାସଗୁଡ଼ିକରେ ବଜାର ମୂଲ୍ୟକୁ ଆହୁରି ହ୍ରାସ କରିବ ବୋଲି ଆଶା କରାଯାଉଛି ।

# ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା) ବାର୍ଷିକ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର : ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଇତିମଧ୍ୟରେ ଆୟୋଜିତ ହୋଇଯାଇଅଛି । କ୍ରୀଡ଼ା ଭିତ୍ତିଭୂମି ବିକାଶ, ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଏବଂ କ୍ରୀଡ଼ା ପ୍ରଶାସନରେ ସର୍ବାଙ୍ଗୀନ ଉତ୍କର୍ଷତା ସମୀକ୍ଷା ଉପରେ ଏହି ବାର୍ଷିକ ସାଧାରଣ ପରିଷଦ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକର ଅଧ୍ୟକ୍ଷତା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳପଥରେ କ୍ରୀଡାର ବିକାଶ ସହିତ ଏହାର ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ବିଶେଷ ପଦକ୍ଷେପ ନେବାକୁ କହିଛନ୍ତି । ଇକୋର୍ସା ର ସଭାପତି ତଥା ପ୍ରମୁଖ ମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ଡକ୍ଟର ହେମନ୍ତ କାଗ୍ରା ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ମାନଙ୍କ ସହିତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗଦେଇଥିଲେ ।

ବୈଠକର ପ୍ରମୁଖ ଆକର୍ଷଣ:

– ଲୋକପ୍ରିୟ କ୍ରୀଡା ପାଇଁ ଉତ୍କର୍ଷ କେନ୍ଦ୍ର ସୃଷ୍ଟି: ଉଦୀୟମାନ କ୍ରୀଡାବିତମାନଙ୍କୁ ତାଲିମ ଏବଂ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକୀୟ ମାନଦଣ୍ଡ ଅନୁଯାୟୀ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା ।

– ତୃଣମୂଳ ସ୍ତରରେ କ୍ରୀଡା ପ୍ରୋତ୍ସାହନ: ଇକୋର୍ସା ଯୁବ ପ୍ରତିଭାଙ୍କୁ ଖୋଜିବା ଏବଂ ପ୍ରୋତ୍ସାହିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ।

–ମଞ୍ଚେଶ୍ୱରରେ ନୂତନ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ : ବ୍ୟାଡମିଣ୍ଟନ, ଜିମ୍ନାଷ୍ଟିକ୍ସ, କବାଡି, ଭଲିବଲ୍ ଏବଂ ଭାରୋତ୍ତୋଳନ ପାଇଁ ?୮.୪୪ କୋଟି ଖର୍ଚ୍ଚରେ ଆଉ ଏକ ଅତ୍ୟାଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି ।

– ସାଧାରଣ ଏବଂ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇକୋର୍ସା ଦ୍ୱାରା ପରିଚାଳିତ ଏକାଡେମୀ: ଇକୋର୍ସା ଘୋଷଣା କରିଛି ଯେ ରେଳପଥର କ୍ରୀଡା ଭିତ୍ତିଭୂମିକୁ ଏହାର କ୍ରୀଡା ଏକାଡେମୀ ମାଧ୍ୟମରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ, ଯେଉଁଠାରେ କ୍ରିକେଟ୍, ଭଲିବଲ୍, ଟେନିସ୍, ବ୍ୟାଡମିଣ୍ଟନ୍, ଟେବୁଲ ଟେନିସ୍, ବାସ୍କେଟବଲ୍, ପହଁରିବା ଏବଂ ସୁଟିଂରେ ତାଲିମ ଏବଂ ସୁବିଧା ପ୍ରଦାନ କରାଯିବ ।

– ଇକୋର୍ସାର କ୍ରୀଡ଼ା ସଫଳତାର ସ୍ୱୀକୃତି: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଦେଶ ପାଇଁ ଗୌରବ ଆଣିଥିବା ରେଳପଥର ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାବିତ ମାନଙ୍କୁ ପ୍ରଶଂସା କରିଥିଲେ । ଇକୋର୍ସା ବିଭିନ୍ନ ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଏବଂ ଇଭେଣ୍ଟ ଆୟୋଜନରେ ଏହାର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲା ।

– ଭବିଷ୍ୟତର ଭିତ୍ତିଭୂମି ଯୋଜନା: ଇକୋର୍ସା କ୍ରୀଡ଼ା ସୁବିଧାକୁ ଆହୁରି ଉନ୍ନତ କରିବା ପାଇଁ ନୂତନ ଭିତ୍ତିଭୂମି ପ୍ରକଳ୍ପ ଯୋଜନା କରୁଛି, ଯାହା ଫଳରେ ଏହି ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ କ୍ରୀଡ଼ା କର୍ତ୍ତୃପକ୍ଷ ଏବଂ କ୍ରୀଡା ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରାଇବ ।

– ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ କ୍ରୀଡା ସଂସ୍କୃତିକୁ ବୃଦ୍ଧି କରିବା, ଯୁବ ପ୍ରତିଭାକୁ ପ୍ରୋତ୍ସାହନ କରାଇବା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ସହିତ ଏହି ବୈଠକ ଶେଷ ହୋଇଥିଲା ।

# ବିଶ୍ୱ କବିତା ଦିବସରେ ନିର୍ଝରିଣୀ ତରଫରୁ କବିତା ଆସର

କଣ୍ଟାବାଞ୍ଜି : କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ବିଶ୍ୱ କବିତା ଦିବସ ଅବସରରେ ବହୁଭାଷୀ କବିତା ପାଠ ଓ ପୁସ୍ତକ ସମୀକ୍ଷା ଜଗନ୍ନାଥ କାର ସ୍ୱା ପରିସରରେ ଅନୁଷ୍ଠିତ ହୋଇଥିଲା ।ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଲୋହିତାକ୍ଷ ଯୋଷୀ ମୁଖ୍ୟ ଅତିଥି, କବି ରତୀନ୍ଦ୍ର ରାଏ,ବିଭୁଦତ୍ତ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା କରିଥିଲେ ।ଜଗତର ନାଥ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଦାନ କରିବା ପରେ କଣ୍ଠଶିଳ୍ପୀ ଗଣପତି ବେହେରା ଭଜନ ପରିବେଷଣ କରିଥିଲେ । ସ୍ୱର୍ଗତ ପଦ୍ମ ଭୂଷଣ ରମାକାନ୍ତ ରଥ ଓ ଶିଶୁ ସାହିତ୍ୟିକ ଲିଙ୍ଗରାଜ ଚିହ୍ନାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଅନୁଷ୍ଠାନର




ପ୍ରତିଷ୍ଠାତା ସ୍ୱର୍ଗତ ରାମ ପ୍ରସାଦ ପୁରୋହିତ ଓ ପ୍ରତିଷ୍ଠାତା ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କ ମିଳିତ କବିତା ସଂକଳନ ଆକାଶର ଜହ୍ନ ପୃଥିବୀର ଭୋକ ପୁସ୍ତକକୁ କବି ରାମଚନ୍ଦ୍ର ସାହୁ ଓ ବିଭୁଦତ୍ତ ସାହୁ ସମୀକ୍ଷା କରିଥିଲେ ।ଉପସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।ତାପରେ କବୟିତ୍ରୀ ତଥା ସହ ସମ୍ପାଦିକା ଅଞ୍ଜଳି ମାଝୀ ଓ ମମତା ପଣ୍ଡାଙ୍କ ସଂଯୋଜନାରେ ଅନେକ କବି ଯଥା ନରେନ୍ଦ୍ର ସୁନା, କୁଞ୍ଜ ବିହାରୀ ବେହେରା, ପ୍ରଭାତ ମିଶ୍ର,ବିନୟ କୁମାର ଦାଶ, ସୁଧାଂଶୁ ଶେଖର ମିଶ୍ର,ଥମିର ଛତ୍ରିଆ,ବିନୋଦ ପୁଟେଲ, ଡୋଳାମଣି ମହତ,ଅମରକାନ୍ତ ବେହେରା, ବିକାଶ ନାଥ,ଡ.ମିଲି କର,ଦୀପା ନାୟକ,ଦୀପକ ମହାପାତ୍ର, ଫକୀର ମୋହନ ଖମାରୀ, ଭକ୍ତବନ୍ଧୁ ମେହେର, ଜତୀନ ଦୁଆରୀ,କିଶୋର ବରିହା, ଭକ୍ତ ଚରଣ ବନଛୋର ଆଦି କବିତା ପାଠ କରିଥିଲେ ।ସମସ୍ତଙ୍କୁ ପୁସ୍ତକ ଉପହାର ଦିଆଯାଇଥିଲା ।

# ନୂଆପଡା ଜିଲ୍ଲା ପ୍ରଶାସନର ରାଜନୈତିକ ଦଳ ପ୍ରତିନିଧି ମାନଙ୍କ ସହିତ ଆଲୋଚନା

ନୂଆପଡା (ମାନିସ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମାନେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ବୁଥ୍ ସ୍ତରୀୟ ସମସ୍ୟା ସବୁର ସମାଧାନ କରିବେ । ଏହି କ୍ରମରେ ଆଜି ନୂଆପଡା ଜିଲ୍ଲାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ



ଭୀମସେନ ଶବର , ଅତିରିକ୍ତ ଜିଲ୍ଲାପାଳ ଏବଂ ଇ ଆର୍ ଓ ୭୨ ଖରୀଆର ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଏବଂ ଇ ଆର୍ ଓ ୭୧ ନୂଆପଡା ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ନିର୍ବାଚନ ଶେଖ୍ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନିର୍ବାଚନ ପ୍ରକ୍ରିୟାରେ ବୁଥ ଲେଭେଲ୍ ଏଜେଣ୍ଟ, ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ, ଇଲେକ୍ସନ ଏଜେଣ୍ଟ ସମସ୍ତଙ୍କ ଗୁରୁ ଦାୟିତ୍ୱ ଥାଏ । ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବାପାଇଁ ରାଜନୈତିକ ଦଳର କର୍ମକର୍ତ୍ତା ମାନଙ୍କ ଗୁରୁ ଦାୟିତ୍ୱ ରହିଛି । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେଯେ ଗଣତନ୍ତ୍ରର ସଫଳତା ପାଇଁ ଜନସାଧାରଣଙ୍କ ସହଭାଗିତା ଆବଶ୍ୟକ । ଆଧାର ନମ୍ବର ସହିତ ସଂଯୋଗ ହୋଇ ସମସ୍ତ ଯୋଗ୍ୟ ମତଦାତା ମାନଙ୍କୁ ତୃଟିଶୁନ୍ୟ ଭୋଟର ପରିଚୟପତ୍ର ପ୍ରଦାନ କରାଯିବ । ବୁଥ ଲେଭେଲ୍ ଏଜେଣ୍ଟ ମାନେ ସଚେତନ ହେଲେ ତୃଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇ ପାରିବ । ଏଥିପାଇଁ ସେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହଯୋଗ କାମନା କରିଥିଲେ । ଆଜି ବୈଠକରେ ଭାରତୀୟ ଜନତା ଦଳ ତରଫରୁ ପ୍ରଦୀପ କୁମାର ମହାପାତ୍ର, ଭାରତୀୟ ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ଠାକୁର୍, ବହୁଜନ ସମାଜ ପାର୍ଟିରୁ କୁନ୍ତୀ ସାହୁ, ଆପ୍ ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।






# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଆଇପିଏଲ୍ ଉଦ୍ଘାଟନ

**କୋଲକାତା, ୨୨।୩:** ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି ଆଇପିଏଲ୍ ୨୦୨୫ । ଉଦଘାଟନୀ ମ୍ୟାଚ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ । ତେବେ ଇଡେନ୍ ଗାର୍ଡେନରେ ଏହା ପୂର୍ବରୁ ବଲିଉଡ୍ ତାରକାଙ୍କ ଜଲୱା ଦେଖିବାକୁ ମିଳିଥିଲା । ନାଚ, ଗୀତରେ ଷ୍ଟାଡିୟମରେ ଥିବା ଦର୍ଶକଙ୍କୁ ମତୁଆଲା କରିଥିଲେ । ଗୀତର ତାଳେ ତାଳେ ନାଚିଥିଲେ କ୍ରିକେଟ୍ ପ୍ରେମୀ । ଶ୍ରେୟା ଘୋଷାଲ, ଦିଶା ପଟାନୀ, କରଣ ଅଉଜଲାଙ୍କ ପରେ ଶେଷରେ ଶାହରୁଖ ଦର୍ଶକଙ୍କୁ ମଣ ଜିଣିଥିଲେ ।

ପ୍ରଥମେ ଷ୍ଟାଡିୟମକୁ ଆସି ଦର୍ଶକଙ୍କୁ ନିଜର ସୁମଧୁର ସ୍ୱରରେ ବାନ୍ଧି ରଖିଥିଲେ ଶ୍ରେୟା ଘୋଷାଲ । ନିଜର ମଧୁର ସ୍ୱରରେ ଦର୍ଶକଙ୍କୁ ମୋହିତ କରିଥିଲେ । ଶ୍ରେୟା ଘୋଷାଲା ପୁଷ୍ପା-୨ ଗୀତରେ କୋଲକାତାବାସୀଙ୍କୁ ନାଚିବା ପାଇଁ ବାଧ କରିଥିଲେ । ଶ୍ରେୟା ଘୋଷାଲ ୧୫ ମିନିଟ୍ ଯାଏ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମାଆ ତୁଝେ ସଲାମ ଓ ବନ୍ଦେ ମାତରମ୍ ଗୀତ ଗାନ ପରେ ସେ ମଞ୍ଚ ଛାଡ଼ିଥିଲେ । ଶ୍ରେୟାଙ୍କ ପରେ ମଞ୍ଚକୁ ଆସିଥିଲେ ବଲିଉଡ୍ ନାୟିକା ଦିଶା ପଟାନୀ । ନିଜ ନାଚରେ ଦର୍ଶକଙ୍କ ମନ ମୋହିଥିଲେ ।

ଦିଶା ପଟାନୀଙ୍କ ପରେ ମଞ୍ଚକୁ ଆସିଥିଲେ ପଞ୍ଜାବୀ ଗାୟକ କରଣ ଅଉଜଲା । କରଣଙ୍କ 'ହୁସ୍ନ ତେରା ତୌବା ତୌବା' ଗୀତରେ ଦର୍ଶକ ଛୁମି ଉଠିଥିଲେ । ତେବେ ଦିଶା ପଟାନୀ ଏହି ସମୟରେ ମଞ୍ଚ ଉପରେ ହିଁ ରହିଥିଲେ ଓ କରଣଙ୍କ ଗୀତରେ ନାଚୁଥିବା ନଜର ଆସିଥିଲେ । ଆଇପିଏଲ୍ ୨୦୨୫ ଉଦଘାଟନୀ ସମାରୋହର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ ହେବା ପରେ ଶାହରୁଖ ଖାନ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ । ଶାହାରୁଖ ଖାନ ଶେଷରେ ଆରସିବିର ଷ୍ଟାର ବ୍ୟାଟର ବିରାଟ କୋହଲି ଓ କେକେଆରର ରିଙ୍କୁ ସିଂହଙ୍କୁ ମଞ୍ଚ ଉପରକୁ ଡାକି ନଚାଇଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ନଭେମ୍ବରରେ ବାରବାଟିରେ ଭାରତ-ଆଫ୍ରିକା ଟି-୨୦ ମ୍ୟାଚ୍ !



**ନୂଆଦିଲ୍ଲୀ/କଟକ, ୨୨।୩:** ବାରବାଟିରେ ପୁଣି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ? ବିଶିଷ୍ଟ ଟି-୨୦ ସିରିଜର ପ୍ରଥ ମ୍ୟାଚ୍ ବାରବାଟିରେ ଖେଳାଯାଇ ପାରେ ବୋଲି ସୂଚନା ମିଳିଛି।

ମିଡିଆ ରିପୋର୍ଟ ଅନୁସାରେ ଟି-୨୦ ସିରିଜ୍ର ପ୍ରଥମ ମ୍ୟାଚ୍ ବାରବାଟିରେ ଖେଳାଯିବାକୁ ଥିବା ବେଳେ ଅବିଶିଷ୍ଟ ମ୍ୟାଚ୍ ନାଗପୁର, ଧର୍ମଶାଳା, ଲକ୍ଷ୍ନୌ, ଅହମ୍ମଦାବାଦରେ ଖେଳାଯିବ। ତେବେ ଟି-୨୦ ମ୍ୟାଚ୍ ପୂର୍ବରୁ ଦୁଇ ଦଳ ପ୍ରଥମେ ଦିନିକିଆ ସିରିଜ୍ ଖେଳିବେ। ଦିନିକିଆ ସିରିଜ ୩ ମ୍ୟାଚ୍ ବିଶିଷ୍ଟ ହେବ।

ତେବେ ବାରବାଟିରେ ମ୍ୟାଚ୍ ହେବା ନେଇ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ବିଭିନ୍ନ ମିଡିଆରେ ଏଭଳି ଖବର ସାମ୍ନାକୁ ଆସିଛି। ଏହା ପୂର୍ବରୁ ବାରବାଟିରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ଖେଳ ମଝିରେ ଲାଇଟ୍ ଅଫ୍ ହୋଇଯିବାରୁ ଘଟଣାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷ ହୋଇଥିଲା ।

## ସୁପର ଓଭର ପାଇଁ ଆସିଲା ଗାଇଡ୍ଲାଇନ

**ମୁମ୍ବାଇ,୨୨।୩:** ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ କୌଣସି ମ୍ୟାଚ୍ ଟାଏ ହେଲେ ସୀମିତ ସଂଖ୍ୟକ ସୁପର ଓଭର ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରକୃତ ମ୍ୟାଚ ଶେଷ ହେବାର ଏକ ଘଣ୍ଟା ମଧ୍ୟରେ ସୁପର ଓଭର ପର୍ଯ୍ୟାୟକୁ ଶେଷ କରିବାକୁ କୁହାଯାଇଛି।

ଏଥିସହିତ ସୁପର ଓଭରରେ ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ଡିଆର୍ଏସ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ପ୍ରକୃତ ମ୍ୟାଚ ଶେଷ ହେବାର ଏକ ଘଣ୍ଟା ମଧ୍ୟରେ ବିଜେତା ନିର୍ଣ୍ଣୟ କରିବା ଲାଗି ସୁପର ଓଭର ଖେଳାଯାଇପାରିବ। ପ୍ରଥମ ସୁପର ଓଭର ପ୍ରକୃତ ମ୍ୟାଚ ଶେଷ ହେବାର ୧୦ ମିନିଟ ମଧ୍ୟରେ ଆରମ୍ଭ ହେବ। ଯଦି ପ୍ରଥମ ସୁପର ଓଭର ଟାଏ ରହେ, ତେବେ ୫ ମିନିଟ୍ ମଧ୍ୟରେ ପରବର୍ତ୍ତୀ ସୁପର ଓଭର ଖେଳାଯିବ। କେଉଁଟା ଅନ୍ତିମ ଓଭର ହେବ, ତାହା ମ୍ୟାଚ ରେଫରୀ ଉଭୟ ଦଳର ଅଧିନାୟକଙ୍କୁ ଜଣାଇବେ।

ମ୍ୟାଚରେ ଖେଳାଳିଙ୍କୁ ମିଳିଥିବା ଚେତାବନୀ ଓ ନିର୍ଦ୍ଧାରିତ ସମୟ ଲାଗି ଫିଲ୍ଡରୁ ଦୂରେଇ ରହିବାକୁ ଦିଆଯାଇଥିବା ନିର୍ଦ୍ଦେଶ ସୁପର ଓଭରରେ ମଧ ଜାରି ରହିବ। ଯଦି ଦରକାର ପଡ଼େ, ସମୟ କଟକଣା ସମ୍ପର୍କରେ ମ୍ୟାଚ୍ ରେଫରୀ ଅଧିନାୟକଙ୍କୁ ଜଣାଇବେ ବୋଲି ବିସିସିଆଇ ପକ୍ଷରୁ ସମସ୍ତ ଫ୍ରାଞ୍ଚାଇଜକୁ ଅବଗତ କରାଯାଇଛି।

# କେକେଆର୍ ବିପକ୍ଷରେ ଆର୍ସିବିର ଦମ୍ଦାର ବିଜୟ



**କୋଲକାତା, ୨୨।୩:** ଉଦଘାଟନୀ ମ୍ୟାଚ୍ରେ ଆରସିବିର ଅଲାଉଣ୍ଡର ପ୍ରଦର୍ଶନ । ଆଇପିଏଲ୍ ୨୦୨୫ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ବେଙ୍ଗାଲୁରୁ । ପ୍ରଥମ ମ୍ୟାଚ୍ ?ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୭ ୱିକେଟ୍ ପରାସ୍ତ କରିଛି । ଫିଲିପ୍ସ ସଲ୍ଟ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୩.୪ ଓଭର ବଳକା ଥାଇ ୧୭୫ ରନର୍ ବିଜୟ ଲକ୍ଷ୍ୟକୁ ହାସଲ କରିଛି ଆରସିବି ।

୧୭୪ ରନ୍ ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ଓହ୍ଲାଇଥିବା ଆରସିବିକୁ ଦମଦାର ଆରମ୍ଭ ଦେଇଥିଲେ ଦୁଇ ଓପନର । ବିରାଟ କୋହଲି ଓ ଫିଲିପ୍ସ ସଲ୍ଟ ପାୱାର ପ୍ଲେ'ରେ ରନ୍ ବର୍ଷା କରିଥିଲେ । ଦୁହିଁଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୯୫ ରନ୍ର ଭାଗୀଦାରି ହୋଇଥିଲା । ଫିଲିପ୍ସ ସଲ୍ଟ ୩୧ ବଲ୍ରେ ୫୬ ରନ୍ କରିବା ପରେ ଆଉଟ୍ ହୋଇଥିଲେ । ଏହାପରେ ଦେବଦତ୍ତ ପାଡିକ୍କାଲ ୧୦ ବଲରେ ମାତ୍ର ୧୦ ରନ୍ କରି ଫେରିଥିଲେ । ଅଧିନାୟକ ୧୬ ବଲରେ ୩୪ ରନ୍ର ଧୂଆଁଧାର ଇନିଂସ ଖେଳିଥିଲେ । ବିରାଟ କୋହଲି (୫୯) ଓ ଲିଆମ୍ ଲିଭିଙ୍ଗଷ୍ଟନ୍ (୧୫) ଅପରାଜିତ ରହିଥିଲେ । କେକେଆର୍ ବୈଭବ ଅରୋରା, ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ଆରସିବି ଅଧିନାୟକ ରଜତ ପାଟିଦାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଅଜିଙ୍କ୍ୟା ରାହାଣେଙ୍କ ୫୬ ରନ୍ ଓ ସୁନୀଲ ନାରିନଙ୍କ ୪୪ ରନ୍ ବଳରେ

## ▪ କୁନାଲ ଓ ହେଜଲଉଡ୍ଙ୍କ ଘାତକ ବୋଲିଂ

## ▪ ସଲ୍ଟ ଓ ବିରାଟ୍ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୧୭୪ ରନ୍ କରିବାରେ ସଫଳ ହୋଇଥିଲା । ପାୱାର ପ୍ଲେ'ରେ ଭଲ ଆରମ୍ଭ ମିଳିବା ସତ୍ତ୍ୱେ ଟିମ୍ ଭଲ ଫିନିସ୍ କରିପାରିଲା ନାହିଁ ।

ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା କୋଲକାତା ଦଳର ଆରମ୍ଭ ଭଲ ନଥିଲା । ପ୍ରଥମ ଓଭରରେ ହିଁ ଓପନର କ୍ୱିଣ୍ଟନ୍ ଡି କକ୍ ପ୍ୟାଭିଲିୟନ ଫେରିଥିଲେ । ଏହାପରେ, ରାହାଣେ ଏବଂ ନାରିନଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ ପାଇଁ ୫୫ ବଲ୍ ?ରେ ୧୦୩ ରନ୍ ?ର ଭାଗୀଦାରି ହୋଇଥିଲା । ସୁନୀଲ ନାରିନ ୨୬ ବଲ୍ ?ରେ ୪୪ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ଅଜିଙ୍କ୍ୟା ରାହାଣେ ୩୧ ବଲ୍ ?ରେ ୫୬ ରନ୍ କରି ଆଉଟ୍ ହୋଇଥିଲେ । ଭେଙ୍କଟେଶ ଆୟର ୭ଟି ବଲ୍ରେ ୬ ରନ୍ କରିଥିଲେ । ରିଙ୍କୁ ସିଂହ ୧୦ ବଲ୍ରେ ମାତ୍ର ୧୨ ରନ୍ କରିପାରିଥିଲେ । ସୁୟାଶଙ୍କ ଦ୍ୱାରା ଆନ୍ଦ୍ରେ ରସେଲ (୪) ଆଉଟ୍ ହୋଇଥିଲେ ।

ଆରସିବି ପାଇଁ କୃଣାଲ ପାଣ୍ଡ୍ୟା ସର୍ବାଧିକ ୩ ୱିକେଟ୍ ନେଇଥିଲେ । ଜୋଶ ହେଜଲଉଡ୍ ଟିମର ସବୁଠୁ ଇକୋନୋମିକ୍ ବଲର ଥିଲେ । ସେ ୪ ଓଭରରେ ୨୨ ରନ୍ ଦେଇ ୨ ୱିକେଟ୍ ନେଇଥିଲେ । ୟଶ ଦୟାଲ, ସଲାମ ଓ ସୂୟଶ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

| କୋଲକାତା ଇନିଂସ: ୧୭୪/୮ (୨୦ ଓଭର) | | | |
|---|---|---|---|
| କ୍ୱିଣ୍ଟନ ଡିକକ | କ୍ୟା ଜିତେଶ ବୋ ହେଜଲଉଡ୍ | ୦୪ | ୦୫ |
| ସୁନୀଲ ନାରିନ | କ୍ୟା ଜିତେଶ ବୋ ରସିଖ୍ | ୪୪ | ୨୬ |
| ଆଜିଙ୍କ୍ୟ ରାହାଣେ | କ୍ୟା ରସିଖ୍ ବୋ କ୍ରୁନାଲ | ୫୬ | ୩୧ |
| ଭେଙ୍କଟେଶ ଆୟର | ବୋ କ୍ରୁନାଲ | ୦୬ | ୦୭ |
| ଅଙ୍ଗକ୍ରିସ ରଘୁବଂଶୀ | କ୍ୟା ଜିତେଶ ବୋ ଦୟାଲ | ୩୦ | ୨୨ |
| ରିଙ୍କୁ ସିଂହ | ବୋ କ୍ରୁନାଲ | ୧୨ | ୧୦ |
| ଆନ୍ଦ୍ରେ ରସେଲ | ବୋ ସୁୟସ | ୦୪ | ୦୩ |
| ରମନଦୀପ ସିଂହ | ଅପରାଜିତ | ୦୬ | ୦୯ |
| ହର୍ଷିତ ରାଣା | କ୍ୟା ଜିତେଶ ବୋ ହେଜଲଉଡ୍ | ୦୫ | ୦୬ |
| ସ୍ପେନସର ଜନସନ | ଅପରାଜିତ | ୦୧ | ୦୧ |
| ଅତିରିକ୍ତ | | ୦୬ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଜୋସ ହେଜଲଉଡ୍ | ୪ | ୦ | ୨୨ | ୨ |
| ୟଶ ଦୟାଲ | ୩ | ୦ | ୨୫ | ୧ |
| ରସିଖ୍ ଡର ସଲାମ | ୩ | ୦ | ୩୫ | ୧ |
| କ୍ରୁନାଲ ପାଣ୍ଡ୍ୟା | ୪ | ୦ | ୨୯ | ୩ |
| ସୁୟଶ ଶର୍ମା | ୪ | ୦ | ୪୭ | ୧ |
| ଲିଆମ ଲିଭିଙ୍ଗଷ୍ଟୋନ | ୨ | ୦ | ୧୪ | ୦ |

| ବାଙ୍ଗାଲୋର ଇନିଂସ: ୧୭୩/୩ (୧୬.୨ ଓଭର) | | | |
|---|---|---|---|
| ଫିଲ୍ ସଲ୍ଟ | କ୍ୟା ଜନସନ ବୋ ଚକ୍ରବର୍ତ୍ତୀ | ୫୬ | ୩୧ |
| ବିରାଟ କୋହଲି | ଅପରାଜିତ | ୫୯ | ୩୬ |
| ଦେବଦତ୍ତ ପଡିକଲ | କ୍ୟା ରମନଦୀପ ବୋ ନାରିନ | ୧୦ | ୧୦ |
| ରଜତ ପଟିଦାର | କ୍ୟା ରିଙ୍କୁ ବୋ ବୈଭବ | ୩୪ | ୧୬ |
| ଲିଆମ ଲିଭିଙ୍ଗଷ୍ଟୋନ | ଅପରାଜିତ | ୧୫ | ୦୫ |
| ଅତିରିକ୍ତ | | ୦୩ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ବୈଭବ ଅରୋରା | ୩ | ୦ | ୪୨ | ୧ |
| ସ୍ପେନସର ଜନସନ | ୨.୧ | ୦ | ୩୧ | ୦ |
| ବରୁଣ ଚକ୍ରବର୍ତ୍ତୀ | ୪ | ୦ | ୪୩ | ୧ |
| ହର୍ଷିତ ରାଣା | ୩ | ୦ | ୩୨ | ୦ |
| ସୁନୀଲ ନାରିନ | ୪ | ୦ | ୨୭ | ୧ |

# ଆଜିଠୁ ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗ୍




**ଭୁବନେଶ୍ୱର, ୨୨।୩:** ଶିକ୍ଷା ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗର ୨୦୨୫ ସଂସ୍କରଣ । ମୋଟ ୧୦ଟି ଫ୍ରାଞ୍ଚାଇଜ ଦଳ ଏଥିରେ ସାମିଲ ହୋଇଛନ୍ତି । ଚାମ୍ପିଅନ ଦଳକୁ ୭୫ ହଜାର ଏବଂ ରନର୍ସଅପ୍ ଦଳକୁ ୪୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ସମସ୍ତ ଦଳର ଅଧିନାୟକମାନେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚନ କରିଥିଲେ ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସୋଆ ଛାତ୍ର ମଙ୍ଗଳ ଡିନ୍ ? ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ, 'ଟୁର୍ଣ୍ଣାମେଣ୍ଟକୁ ଆଇପିଏଲ୍ ଢାଞ୍ଚାରେ ଆୟୋଜନ କରାଯାଉଛି । ପ୍ରଥମେ ୧୦ ଫ୍ରାଞ୍ଚାଇଜ ଚୟନ ହୋଇ ପରେ ଖେଳାଳି ନିଲାମୀ ହୋଇଥିଲା । ୩୪୪ ଜଣ ଖେଳାଳି ଏଥିରେ ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୬୭ ଜଣ ବିକ୍ରୀ ହୋଇଥିଲେ । ଖେଳାଳିମାନଙ୍କ ସର୍ବନିମ୍ନ ବୟସ ସୀମା ୨୫ ବର୍ଷ ରଖାଯାଇଛି । ପ୍ରତ୍ୟେକ ଦଳରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଦୁଇ ଜଣ ଖେଳାଳି ରହିବା ବାଧ୍ୟତାମୂଳକ କରାଯାଇଛି । ୧୦ଟି ଦଳକୁ ୨ଟି ଗ୍ରୁପ୍ରେ ଭାଗ ହୋଇଛନ୍ତି । ଏପ୍ରିଲ ୨୩ ତାରିଖରେ ଫାଇନାଲ ଖେଳାଯିବାର କ୍ରୀଡ଼ାସୂଚୀ ରହିଛି ।'

'ଫାଇନାଲରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ ବିଜେତାଙ୍କୁ ବିଶେଷ ଉପହାର ପ୍ରଦାନ କରାଯିବ । ବହୁ ଅଭିଜ୍ଞ ଖେଳାଳି ବିଭିନ୍ନ ଦଳରେ ରହିଛନ୍ତି । ପୂର୍ବରୁ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିଥିବା ସଞ୍ଜୟ ଶତପଥୀ ଏହି ଲିଗ୍ ?ରେ ଖେଳୁଛନ୍ତି । ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଥିବା ଦଳ ଗୁଡ଼ିକ ହେଲେ ଅଭେଶ ୱାରିୟର୍ସ, ରୟାଲ ଚ୍ୟାଲେଞ୍ଜର୍ସ ଭୁବନେଶ୍ୱର, ସର୍ଜିକାଲ ଷ୍ଟ୍ରାଇକର୍ସ, ୱାଇଲ୍ଡ ଗନ୍ସ ରିଲୋଡେଡ୍, ଭାମ୍ପାୟର ଡୋମିନେଟର୍ସ, ସ୍ୱାଟନ୍ସ ଆଇସର୍ଭୟୁ, ଓଡ଼ିଶା ଷ୍ଟାଲିୟନ୍ସ, ଜ୍ୟୋତେ ଜଗରନଟ୍ସ, ମାଭରିକ୍ସ ଓ କଳିଙ୍ଗ ପାନ୍ଥର୍ସ । ଉଦ୍ଘାଟନୀ ମ୍ୟାଚ୍ ଜଗରନଟ୍ସ ଓ ମାଭରିକ୍ସ ମଧ୍ୟରେ ରହିଛି । ମ୍ୟାଚ୍ ଗୁଡ଼ିକ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ ବୋଲି କହିଛନ୍ତି ଆୟୋଜକ କମିଟିର ସଦସ୍ୟ ତନ୍ମୟ ପରିଡ଼ା । ଏହି ଅବସରରେ ଆୟୋଜକ କମିଟିର ସଦସ୍ୟ ତାପସ କୁମାର କର ଓ ପ୍ରିୟମ ମଲ୍ଲିକଙ୍କ ସହ ପ୍ରତ୍ୟେକ ଦଳର ମାଲିକ ଏବଂ ଅଧିନାୟକମାନେ ଉପସ୍ଥିତ ରହିଥିଲେ ।

**୧୦ଟି ଫ୍ରାଞ୍ଚାଇଜ ଭାଗ ନେବେ**

## କିମ୍ବଦନ୍ତୀ ବକ୍ସର ଜର୍ଜ ଫୋରମ୍ୟାନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୨।୩:** ପରଲୋକରେ ଆମେରିକାର କିମ୍ବଦନ୍ତୀ ବକ୍ସର ଜର୍ଜ ଫୋରମ୍ୟାନ । ମାର୍ଚ୍ଚ ୨୧ ୭୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି । ଫୋରମ୍ୟାନ୍ ୧୯୬୮ ମସିହାରେ



ମେକ୍ସିକୋରେ ଅନୁଷ୍ଠିତ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଫୋରମ୍ୟାନ୍ 'ରମ୍ବଲ୍ ଇନ୍ ଦି ଜଙ୍ଗଲ'ରେ ମହମ୍ମଦ ଅଲ୍ଲୀଙ୍କ ସହିତ ମଧ ଲଢ଼ିଥିଲେ। ସେ ୧୯ ବର୍ଷ ବୟସରେ ହେଭିୱେଟ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜର୍ଜ ଫୋରମ୍ୟାନଙ୍କ ପରିବାର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ତାଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି । ଜଣେ ବୃତ୍ତିଗତ ବକ୍ସର ହେବା ପରେ, ଫୋରମ୍ୟାନ୍ ଜାମାଇକାର କିଙ୍ଗଷ୍ଟନରେ ଡିଫେଣ୍ଡିଂ ଚାମ୍ପିଅନ୍ ଜୋ ଫ୍ରାଜିଅରଙ୍କ ସହ ମୁକାବିଲା କରିବା ପୂର୍ବରୁ ଲଗାତାର ୩୭ଟି ମ୍ୟାଚ୍ ଜିତିଥିଲେ।

# ବିବାହ କଲେ ହକି ଖେଳାଳି ମନଦୀପ-ଉଦିତା

**ନୂଆଦିଲ୍ଲୀ,୨୨।୩ :** ହାତକୁ ଦୁଇ ହାତ ହେଲେ ଦୁଇ ହକି ଖେଳାଳି । ହକି ପଡିଆରୁ ସାତ ଜନ୍ମର ସାଥୀ ହୋଇଛନ୍ତି । ଭାରତୀୟ ପୁରୁଷ ହକି ଦଳର ମନଦୀପ ସିଂହ ଓ ମହିଳା ଟିମର ଉଦିତା କୌର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ପଞ୍ଜାବ ଜଳନ୍ଧର ମଡେଲ ଟାଉନ ସ୍ଥିତ ଶ୍ରୀ ଗୁରୁଦ୍ୱାରରେ ପରିବାର ଲୋକଙ୍କ ଉପସ୍ଥିତିରେ ବିବାହ ସମ୍ପର୍ଣ୍ଣ ହୋଇଛି । ହକି ଇଣ୍ଡିଆ ସୋସିଆଲ ମିଡିଆ ଏକ୍ସରେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**୭ ବର୍ଷର ପ୍ରେମ ସଫଳ ହୋଇଲା**

ହକି ପଡିଆରୁ ଜୀବନସାଥୀ- ୭ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ମନଦୀପ ଓ ଉଦିତାଙ୍କ ପ୍ରେମ କାହାଣୀ । ୨୦୧୮ରେ ଏସିଆ ଗେମ୍ସରେ ପରସ୍ପରକୁ ମନ ଦେଇ ବସିଥିଲେ । ବନ୍ଧୁତା ପ୍ରେମର ରୂପ ନେଇଥିଲା । ଏହା ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ୭ ବର୍ଷର ପ୍ରେମ ସଫଳ ହୋଇଛି । ସବୁଦିନ ପାଇଁ ଦୁହେଁ ଦୁହିଁଙ୍କ ହାତ ଧରିଛନ୍ତି । ସାତ ଜନ୍ମର ସାଥୀ ହୋଇଛନ୍ତି ।

ବିବାହ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନଦୀପ ସିଂହ କହିଛନ୍ତି, ''ମୁଁ ବହୁତ ଖୁସି ଅନୁଭବ କରୁଛି । ଶବ୍ଦରେ ବୟାନ କରି ପାରିବି ନାହିଁ । ଆମେ ଦୁହେଁ ଭାରତ ପାଇଁ ଖେଳୁଛୁ । ଭାରତ ପାଇଁ ବେଷ୍ଟ ଦେଇ ମେଡାଲ ଜିତିବା ଆମର ସ୍ୱପ୍ନ ।''



ଉଦିତାଙ୍କ କ୍ୟାରିୟର- ଭାରତୀୟ ମହିଳା ହକି ଦଳର ଡିଫେଣ୍ଡର ଉଦିତା ୨୦୧୭ରେ ସିନିୟର ଲେବଲରେ ଡେବ୍ୟୁ କରିଥିଲେ । ୨୦୧୮ରେ ଉଦିତା ଏସିଆନ୍ ଗେମ୍ସରେ ସିଲଭର, ୨୦୨୨ କମନୱେଲ୍ଥ ଗେମ୍ସରେ ବ୍ରୋଞ୍ଜ ଓ ୨୦୨୩ ଏସିଆ ଚାମ୍ପିଅନ୍ସ ଟ୍ରଫିରେ ଗୋଲ୍ଡ ମେଡାଲ ଜିତିଥିବା ଦଳରେ ସାମିଲ ଥିଲେ । ୨୦୨୧ରେ ଟୋକିଓ ଅଲମ୍ପିକ୍ସରେ ଭାରତକୁ ଐତିହାସିକ ଚତୁର୍ଥ ସ୍ଥାନ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ ଉଦିତା । ଗତବର୍ଷ ମହିଳା ହକି ଇଣ୍ଡିଆ ଲିଗରେ ସେ ଦାମୀ ଖେଳାଳି ଥିଲେ । ଅନ୍ତର୍ଜାତୀୟ ସ୍ତରରେ ମଧ ଉଦିତାଙ୍କର ବହୁତ ଭଲ ପ୍ରଦର୍ଶନ ରହିଛି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar